R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୧୧
ତିଥି : ଏକାଦଶୀ
୧୯ ଅଗଷ୍ଟ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 311
19 Aug 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

# ଲଘୁଚାପ ବର୍ଷାରେ ବେହାଲ ମାଲକାନଗିରି



ମାଲକାନଗିରି, ୧୮ ।୮ (ସବ୍ୟୁ): ମାଲକାନଗିରି ଜିଲ୍ଲାରେ ଦୁଇ ଦିନ ହେଲା ପ୍ରବଳ ବୃଷ୍ଟିପାତ ଯୋଗୁଁ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ପ୍ରମୁଖ ରାସ୍ତା ଏବଂ ପୋଲ ବୁଡ଼ି ଯାଇଛି । ନଦୀ ନାଳରେ ଜଳ ପତନ ବୃଦ୍ଧି ଯୋଗୁଁ ଗମନାଗମନ ବିଚ୍ଛିନ୍ନ ହୋଇ ବହୁ ଯାନବାହାନ ଗୁଡ଼ିକ ଉଭୟ ପାର୍ଶ୍ୱରେ ଅଟକି ରହିଛି । ପ୍ରବଳ ବର୍ଷାରେ ମାଲକାନଗିରି ବିମାନବନ୍ଦରର ପାଚେରି ଭାଙ୍ଗି ଯାଇଛି । ନିମ୍ନ ମାନର ନିର୍ମାଣ କାର୍ଯ୍ୟ ନେଇ ପୂର୍ବରୁ ଅଭିଯୋଗ ହୋଇଥିବା ବେଳେ ବିଗତ ଦିନରେ ମଧ୍ୟ ଅନେକ ଥର ଏହି ପାଚେରୀ ଭାଙ୍ଗି ମରାମତି ହୋଇଥିଲା । ପାଚେରୀ ଭୁଶୁଡ଼ି ଦୁଇ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଥିଲା । ବିଗତ ଦିନରେ ମଧ୍ୟ ଅନେକ ଥର ଏହି ପାଚେରୀ ଭାଙ୍ଗି ମରାମତି ହୋଇଥିଲା । ପୁଣି ବର୍ଷା ଯୋଗୁଁ ପାଚେରି ଭାଙ୍ଗି ଯାଇଛି । ବାରମ୍ବାର ପାଚେରି ଭୁଶୁଡ଼ିବା ନିର୍ମାଣ କାର୍ଯ୍ୟର ସାଧୁତା ଉପରେ ପ୍ରଶ୍ନ ଉଠିଛି ।

ପ୍ରବଳ ବର୍ଷା ଯୋଗୁଁ ପଡ଼ୋଶୀ ରାଜ୍ୟ ଗୁଡ଼ିକ ସହିତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଛି । ଜାତୀୟ ରାଜପଥ-୩୨୬, ଯାହା ମାଲକାନଗିରିକୁ ମୋଟୁ ଏବଂ ଅନ୍ୟାନ୍ୟ ରାଜ୍ୟଗୁଡ଼ିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ଗୁରୁତର ଭାବରେ ପ୍ରଭାବିତ ହୋଇଛି । ପ୍ରମୁଖ ପୋଲ ଉପରେ ବନ୍ୟା ଜଳ ୫-୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହା ଜାତୀୟ ରାଜପଥ-୩୨୬ ଏବଂ ଅନ୍ୟାନ୍ୟ ପ୍ରମୁଖ ରାସ୍ତାଗୁଡ଼ିକରେ ଯାତାୟାତକୁ ଏକପ୍ରକାର ବନ୍ଦ କରି ଦେଇଛି । ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିବା ଫଳରେ ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନ ଓ ଅଙ୍ଗନ ବାଡି କେନ୍ଦ୍ର ଗୁଡ଼ିକ ବନ୍ଦ କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ, ମାଲକାନଗିରିକୁ ମୋଟୁ ସହିତ ସଂଯୋଗ କରୁଥିବା ଜାତୀୟ ରାଜପଥ ୩୨୬ର କାଙ୍ଗୁରକୋଣ୍ଡା

> ବିମାନବନ୍ଦର ପାଚେରି ଭାଙ୍ଗିଲା
> ରାସ୍ତା ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ
> ପାଣିଘେରରେ ବହୁ ଗାଁ

ସେତୁ ଓ ପଟେରୁ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି । ସେତୁଟି ସମ୍ପୂର୍ଣ୍ଣ ବନ୍ୟା ପାଣିରେ ବୁଡ଼ି ରହିଛି, ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । କାଙ୍ଗୁରକୋଣ୍ଡା, ଏମଭି- ୯୦ ଏବଂ କନ୍ୟା ଆଶ୍ରମ ସେତୁ ଉପରେ ପାଣି ପ୍ରବାହିତ ହେଉଛି । ସେତୁ ଉପରେ ୨-୩ ଫୁଟ ପାଣି ପ୍ରବାହିତ ଯୋଗୁଁ ଯାନବାହାନ ଚଳାଚଳ ସ୍ଥଗିତ ରହିଛି ।

ଏହି ସମୟରେ ଲୋକମାନଙ୍କୁ ସେତୁ ପାର ନ ହେବା ପାଇଁ କାଲିମେଳା ପୋଲିସ ସତର୍କ କରାଉଛି । ପ୍ରଶାସନ ସେତୁର ଉଭୟ ପାର୍ଶ୍ୱରେ ବ୍ୟାରିକେଟିଂ କରି ସମସ୍ତ ଯାତାୟାତ ବନ୍ଦ କରି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଇଛି । ଫଳସ୍ୱରୂପ, ଏହି ପଥ ଦେଇ ଚଳାଚଳ କରୁଥିବା ଅନେକ ସରକାରୀ ଏବଂ (୯ ପୃଷ୍ଠାରେ)

## ଗୋପାଳପୁର ଅତିକ୍ରମ କରିବ ଅବପାତ

# ଆଜିଠୁ କମିବ ବର୍ଷା

ଭୁବନେଶ୍ୱର, ୧୮ ।୮ (ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ ଅବପାତ ରୂପ ନେଇଛି । ଏହା ପ୍ରଭାବରେ ଗତ ଦୁଇଦିନ ଧରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ମାଲକାନଗିରିରେ ସର୍ବାଧିକ ୧୦୮ ମିମି ହୋଇଥିବା ବେଳେ ଖୋର୍ଦ୍ଧାରେ ୫୦ ମିମି ବର୍ଷା ରେକର୍ଡ ହୋଇଛି । ତେବେ ଆସନ୍ତାକାଲି(ମଙ୍ଗଳବାର) ଠାରୁ ବର୍ଷାର ପରିମାଣ କମିବ ।

ପାଣିପାଗ ବିଭାଗର କହିବାନୁସାରେ, ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳସ୍ଥ ସମୁଦ୍ର ମଧ୍ୟରେ ଏକ ଅବପାତରେ ପରିଣତ ହୋଇଛି । ଏହା ସାଢ଼େ ୫ଟା ସୁଦ୍ଧା ଆନ୍ଧ୍ରପ୍ରଦେଶର ଉତ୍ତର ପୂର୍ବର କଳିଙ୍ଗପଟନମ୍ ଠାରୁ ୧୧୦ କିମି ଓ ଗୋପାଳପୁର ଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୪୦କିମି ଦୂରରେ କେନ୍ଦ୍ରୀଭୂତ ରହିଥିଲା । ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ମଙ୍ଗଳବାର ଅପରାହ୍ନ ସୁଦ୍ଧା ଦକ୍ଷିଣ ଓଡ଼ିଶା ଉପକୂଳ ଠାରୁ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟରେ ଅତିକ୍ରମ କରିବ । ଫଳରେ ରାଜ୍ୟରେ ବର୍ଷା କମିବ ।

ଅବପାତ ପଭାବରେ ଦକ୍ଷିଣରେ ହୋଇଥିବା ବର୍ଷା ଯୋଗୁ ନିଅଣ୍ଟିଆ ବର୍ଷା ଭରଣା କରିବ । ତେବେ ଆଗକୁ ସେମିତି ବଡ଼ ବର୍ଷା ନଥିଲେ ମଧ୍ୟ ମୌସୁମୀ ସକ୍ରୀୟ ଥିବାରୁ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୧୯ ତାରିଖରେ ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗୀର ଓ ରାୟଗଡ଼ା ଆଦି ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ପ୍ରବଳ (୯ ପୃଷ୍ଠାରେ)

# ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ଦେଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ



ଭୁବନେଶ୍ୱର, ୧୮ ।୮ (ସବ୍ୟୁ): ଷଷ୍ଠ ରାଜ୍ୟ ଅର୍ଥ କମିଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନର ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଶନର ଅନ୍ୟ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନଙ୍କ ବିଭିନ୍ନ ସୁପାରିଶ ସମ୍ପର୍କରେ ଆଲୋକପାତ କରିଥିଲେ ।

ଲୋକସେବା ଭବନରେ ଆଜି ଷଷ୍ଠ ରାଜ୍ୟ ଅର୍ଥ କମିଶନ ସରକାରଙ୍କୁ ଏକ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । ଯାହାକି ଷୋଡ଼ଶ ଅର୍ଥ କମିଶନଙ୍କ ବିଚାର ନିମନ୍ତେ ପ୍ରେରଣ କରାଯିବ । ତଥାପି କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କରିବେ । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବେ । ଅଧ୍ୟକ୍ଷ ଡ. ପଣ୍ଡାଙ୍କ ସହିତ କମିଶନ ସଦସ୍ୟ ପ୍ରଫେସର (୯ ପୃଷ୍ଠାରେ)

# ସେପ୍ଟେମ୍ବରରୁ ଓଡ଼ିଶାରେ ଏସ୍ଆଇଆର

ଭୁବନେଶ୍ୱର, ୧୮ ।୮ (ସବ୍ୟୁ) : ଓଡ଼ିଶାରେ ସେପ୍ଟେମ୍ବରରୁ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର) ଆରମ୍ଭ ହେବ । ୨୪ ବର୍ଷ ପରେ ଭୋଟର ତାଲିକାର ସଂଶୋଧନ କରାଯିବ । ୨୦୦୨ରେ ଶେଷ ଥର ଲାଗି ଭୋଟର ତାଲିକା ସଂଶୋଧନ ହୋଇଥିଲା । ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଥିବା ଏସ୍ଆଇଆର୍ ପ୍ରକ୍ରିୟା ପରେ ଆସନ୍ତାବର୍ଷ ଜାନୁଆରୀରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ଆର୍ ଗୋପାଳନ୍ ସୂଚନା ଦେଇଛନ୍ତି ।



ସୂଚନାଯୋଗ୍ୟ ବିହାରରେ ଚାଲିଥିବା ଏସ୍ଆଇଆର ପ୍ରକ୍ରିୟାକୁ ନେଇ ଏବେ ବିରୋଧୀ ସଦସ୍ୟମାନେ ବିରୋଧ ଜାରି ରଖିଛନ୍ତି । ଏସବୁ ସତ୍ତ୍ୱେ ବି ନିର୍ବାଚନ କମିଶନ ସମଗ୍ର ଦେଶରେ ଏସ୍ଆଇଆର କରିବାକୁ ଯୋଜନା ଆରମ୍ଭ କରୁଛନ୍ତି । ଏହି କ୍ରମରେ ଓଡ଼ିଶାରେ ସପ୍ଟେମ୍ବରରୁ ଆରମ୍ଭ ହେବାକୁ ଯାଉଛି । ବିରୋଧୀ ଦଳ ପକ୍ଷରୁ ଭୋଟ୍ ଚୋରୀ ଓ ଏପିକ୍ ନମ୍ବର ନେଇ ଆସିଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ ମତ ରଖିଛନ୍ତି । ଅଭିଯୋଗକୁ ଖଣ୍ଡନ କରିବା ସହ ସେ କହିଛନ୍ତି ଯେ ଓଡ଼ିଶାର ୭୦୦୦ ଏପିକ୍ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି । ଏଥିରୁ କେବଳ ୫୦୦୦ ଏପିକ୍ ନମ୍ବର ବାଙ୍କୀରେ ଥିଲା । ଯାହା ଗୁଜରାଟ ଭୋଟରଙ୍କ ସହ ମିଶୁଥିଲା । ଏହାକୁ ବଦଳାଯାଇ ନୂଆ କାର୍ଡ ଦିଆଯାଇଛି । ବାକି

> ୨୩ ବର୍ଷ ପରେ ଆରମ୍ଭ ହେବ ପ୍ରକ୍ରିୟା
> ୨୦୨୬ ଜାନୁଆରୀ ୭ରେ ଚୂଡ଼ାନ୍ତ ଭୋଟର ତାଲିକା

୨୦୦୦ ଏପିକ୍ ନମ୍ବର କର୍ଣ୍ଣାଟକ, ଝାଡଖଣ୍ଡ, ପଶ୍ଚିମବଙ୍ଗ ସହ ମିଶୁଥିଲା । ଏପିକ୍ ନମ୍ବର କେବଳ ଭୋଟ୍ ପରିଚୟପତ୍ର ଚିହ୍ନଟ ପାଇଁ ଦିଆଯାଇଛି । ଏପିକ୍ ନମ୍ବରରେ କେହି ଭୋଟ୍ ଦେଇପାରିବେ ନାହିଁ । ବର୍ତ୍ତମାନ ସ୍ୱତନ୍ତ୍ର ଏପିକ୍ ନମ୍ବର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ । ବିଧାନସଭା ଓ ଲୋକସଭାରେ ଭୋଟିଂ ବ୍ୟବଧାନ ନେଇ ବିଜେଡି ଆଣିଥିବା ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ବିଧାୟକଙ୍କୁ ଭୋଟ୍ ଦେଇଥିବା ଭୋଟର ସାଂସଦଙ୍କୁ ଭୋଟ୍ ଦେଇନାହାନ୍ତି । ଯେଉଁଥିପାଇଁ ଲୋକସଭା ଓ ବିଧାନସଭା ଭୋଟିଂରେ ତାରତମ୍ୟ ମିଳୁଛି । ଭୋଟ୍ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ୍ ହାର ଥାଏ । ତେବେ ଫୋନ୍ (୯ ପୃଷ୍ଠାରେ)

# ସୁସ୍ଥ ହେଉଛନ୍ତି ନବୀନ

ଭୁବନେଶ୍ୱର, ୧୮ ।୮ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହେଉଛନ୍ତି । ସୋମବାର ଅପରାହ୍ନରେ ତାଙ୍କୁ ସମ୍ ଅଲ୍ଟିମେଟ୍ର ମେଡିକେୟାର ଅବଜରଭେସନ୍ ରୁମରୁ କ୍ୟାବିନ୍କୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ ପକ୍ଷରୁ ଜାରି ବୁଲେଟିନ୍ରେ କୁହାଯାଇଛି ।



ସୂଚନାଯୋଗ୍ୟ ଗତ ରବିବାର ଅପରାହ୍ନରେ ଡି-ହାଇଡ୍ରେସନ୍ ଯୋଗୁ ନବୀନ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଚିକିତ୍ସା ଜାରି ରହିଛି, ଏବେ ସେ ସତେଜ ଅନୁଭବ କରୁଛନ୍ତି ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି । ଡକ୍ଟର ଆଲୋକ ପାଣିଗ୍ରାହୀ ତାଙ୍କର ଚିକିତ୍ସା କରୁଛନ୍ତି । ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ମଧ୍ୟ ବିଜେଡି କର୍ମୀମାନେ ବିଭିନ୍ନ ସ୍ଥାନରେ ଦୀପଦାନ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ



ଅନୁଗୁଳ, ୧୮ ।୮ (ସବ୍ୟୁ) : ଭିଜିଲାନ୍ସ ଜାଲରେ ଅନୁଗୁଳ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା । ଅନୁଗୁଳ,ଭୁବନେଶ୍ୱର, ରାଉରକେଲା, ସୁନ୍ଦରଗଡ଼ ଓ ଗଞ୍ଜାମରେ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ଜାରି ରହିଛି । ଆୟବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ସ୍ୱତନ୍ତ୍ର ବିଚାରପତି, ସୁନ୍ଦରଗଡ଼, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଉଛି । ଏଥିରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଅଛନ୍ତି ।

## ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣା

# ୩ଦିନିଆ ରିମାଣ୍ଡରେ ଗଲେ ଏଚ୍ଓଡି ସମୀର ସାହୁ

ବାଲେଶ୍ୱର, ୧୮ ।୮ (ସବ୍ୟୁ) : ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଇଡ଼ି ୨ୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ଗିରଫ ହୋଇ ଜେଲ୍ରେ ଥିବା ଏଚ୍ଓଡ଼ି ସମୀର କୁମାର ସାହୁ, ଅଧ୍ୟକ୍ଷ ଦୀଲ୍ଲୀପ କୁମାର ଘୋଷ ଓ ଛାତ୍ରନେତା ଜ୍ୟୋତିର୍ମୟ ବିଶ୍ୱାଳ, ଶୁଭ୍ର ସମ୍ବିତ ନାୟକଙ୍କ ମଧ୍ୟରୁ ସୋମବାର ଦିନ କ୍ରାଇମ୍ ବ୍ରାଞ୍ଚ ଏଚ୍ଓଡି ସମୀର କୁମାର ସାହୁଙ୍କୁ ପଚରା ଉଚରା ନିମନ୍ତେ ୩ଦିନିଆ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି । ଜିଲ୍ଲା ଦୌରା ଜଜ ଏହି ରିମାଣ୍ଡ ଆବେଦନକୁ ମଞ୍ଜୁର କରିଛନ୍ତି । ପଚରା ଉଚରା ସମୟରେ ଏଚ୍ଓଡି ସମୀର କୁମାର ସାହୁଙ୍କ ଠାରୁ ଅଧିକ କିଛି ତଥ୍ୟ କାଢିବ ବୋଲି କ୍ରାଇମବ୍ରାଞ୍ଚ ଆଶା ରଖିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ସୌମ୍ୟାଶ୍ରୀ ବିଶି ଗତ ଜୁଲାଇ ମାସ ୧୨ ତାରିଖ ଦିନ ନିଜ ଦେହରେ ନିଆଁ ଲଗାଇ କଲେଜ ପରିସରରେ ଆତ୍ମଦାହ ଉଦ୍ୟମ କରିବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥିତ ଏମ୍ସକୁ ନିଆଯାଇ ସେଠାରେ ଚିକିତ୍ସାଧିନ ଥିବା ଅବସ୍ଥାରେ ୧୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା । ସୌମ୍ୟାଶ୍ରୀଙ୍କ (୯ ପୃଷ୍ଠାରେ)

## ସଂସଦୀୟ ଗଣତନ୍ତ୍ରରେ ହେବ ପ୍ରଥମ ଘଟଣା

# ମୁଖ୍ୟ ନିର୍ବାଚନ କମିଶନଙ୍କ ବିରୋଧରେ ବିରୋଧୀ ଆଣିବେ ମହାଅଭିଯୋଗ !

ନୂଆଦିଲ୍ଲୀ, ୧୮ ।୮ : ବିରୋଧୀ ଦଳ ଓ ନିର୍ବାଚନ କମିଶନ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଗତକାଲି ସାମ୍ବାଦିକ ସମ୍ମିଳନୀ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନାମ ନ ନେଇ ୭ ଦିନିଆ ବିକଳ୍ପ ଦେବା ଘଟଣାକୁ ନେଇ ବିରୋଧୀ ସାଂସଦମାନେ କ୍ଷୁବ୍ଧ ହୋଇଛନ୍ତି । ତାଙ୍କ ବିରୋଧରେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଣିବାକୁ ବିରୋଧୀ ସାଂସଦମାନେ ସଜବାଜ ହେଉଥିବା ସୂଚନା






ମିଳିଛି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ସଂସଦଭବନ ପରିସରରେ ଇଣ୍ଡିଆ ବ୍ଲକ୍ ସାଂସଦମାନଙ୍କର ବୈଠକ ହୋଇଥିଲା । ମୁଖ୍ୟ ନିର୍ବାଚନ କମିଶନଙ୍କୁ ଅପସାରଣ ପାଇଁ ସେମାନେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆଣିବେ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି । ଯେଉଁଭଳି ଭାବରେ ସୁପ୍ରିମକୋର୍ଟର ଜଜ୍ଙ୍କ ଅପସାରଣ ପାଇଁ ମହାଅଭିଯୋଗ ପ୍ରସ୍ତାବ ଆସେ ସେହି ଢ଼ଙ୍ଗରେ ଏହି ପ୍ରସ୍ତାବ ଆସିବ । ସଂସଦର ଉଭୟ ଗୃହର ଦୁଇ ତୃତୀୟାଂଶ ସଭ୍ୟ ପ୍ରସ୍ତାବକୁ ସମର୍ଥନ କଲେ ଏହା ପାରିତ ହେବ । ଫଳରେ ନିର୍ବାଚନ କମିଶନଙ୍କୁ ତାଙ୍କ ପଦବୀରୁ (୯ ପୃଷ୍ଠାରେ)

# ଦିଲ୍ଲୀ ଗଲେ ମନମୋହନ

## ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ବଢ଼ିଲା

ଭୁବନେଶ୍ୱର, ୧୮ ।୮ (ସବ୍ୟୁ) : ରାଜ୍ୟରେ ବିଜେପି ସରକାର ଗଠନ ହେବା ବର୍ଷେରୁ ଅଧିକ ହେଲାଣି । ମାତ୍ର ଏ ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ବିଭିନ୍ନ ନିଗମ ଓ ବୋର୍ଡରେ ରାଜନୈତିକ ବ୍ୟକ୍ତିମାନଙ୍କୁ ଥଇଥାନ କରାଯାଇପାରିନାହିଁ । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କର ନୂଆଦିଲ୍ଲୀ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି । ପୂର୍ବରୁ ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏକାଠି ଦିଲ୍ଲୀ ଗସ୍ତ କରିଥିଲେ । ଦିଲ୍ଲୀରେ ସେମାନେ ଦଳୀୟ




ନେତୃବୃନ୍ଦଙ୍କୁ ଭେଟି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଥିଲା । ମାତ୍ର କାର୍ଯ୍ୟରେ ସେଭଳି କିଛି ଦେଖିବାକୁ ମିଳିଲାନି ।


ଆସନ୍ତାକାଲି ନୂଆଦିଲ୍ଲୀରେ ଏନ୍ଡିଏ ସାଂସଦମାନଙ୍କର ବୈଠକ ରହିଛି । ଏଥିରେ ଉପ-ରାଷ୍ଟ୍ରପତି ନିର୍ବାଚନ ଲାଗି ଏନ୍ଡିଏର ସମସ୍ତ ସହଯୋଗୀ ଦଳକୁ ନିମନ୍ତ୍ରଣ କରାଯାଇଛି । ଏନ୍ଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଆସିବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲଙ୍କ ଦିଲ୍ଲୀ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଆସନ୍ତାକାଲି ବୈଠକରେ ହୁଏତ ସେ ଯୋଗଦେଇପାରନ୍ତି । ଶ୍ରୀ ସାମଲଙ୍କ ଦିଲ୍ଲୀ ଗସ୍ତ କ୍ରମରେ ଓଡ଼ିଶାର ସାଂସଦମାନଙ୍କ ସହ ମଧ୍ୟ ବୈଠକ କରିବାର ଅଛି । ପୂର୍ବରୁ ବିଜେପି ସାଂସଦମାନଙ୍କର ଦୁଇ ଦୁଇ ଥର ବୈଠକ ଶେଷ (୯ ପୃଷ୍ଠାରେ)

## ବଢୁଛି ମସ୍ତିଷ୍କ

ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ମଣିଷଙ୍କ ମସ୍ତିଷ୍କ ବଢିବାରେ ଲାଗିଛି । ଏହା ଗବେଷଣାରେ ମିଳିଥିବା ତଥ୍ୟା ଅନୁସାରେ ୧୯୩୦ରେ ଜନ୍ମ ନେଇଥିବା ବ୍ୟକ୍ତି ଓ ୧୯୭୦ରେ ଜନ୍ମନେଇଥିବା ବ୍ୟକ୍ତିଙ୍କ ମସ୍ତିଷ୍କର ଆକାର ଭିତରେ ଫରକ ଦେଖିବାକୁ ମିଳୁଛି । ମସ୍ତିଷ୍କର ଭଲ୍ୟୁମ, ସରଫେସ୍ ଏରିଆ (ଭୂପୃଷ୍ଠ କ୍ଷେତ୍ର). ଆକାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ହେଲ୍‌ଥ ରିସର୍ଚ୍ଚର ୟୁସି ଡାଭିସଙ୍କ ଅନୁସାରେ ଏହି ପରିବର୍ତ୍ତନ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିଛି । ତେବେ ପୂର୍ବରୁ ମସ୍ତିଷ୍କ କମୁଥିବାର ତଥ୍ୟ ମିଳିଥିଲା, ହେଲେ ବର୍ତ୍ତମାନର ତଥ୍ୟ ଅନୁସାରେ ମସ୍ତିଷ୍କ ବଢୁଛି । ଏହା ଡିମ୍‌ନେସିଆ ରୋଗୀଙ୍କ ପାଇଁ ବେଶ ଉପକାରୀ ସାବସ୍ତ୍ୟ ହେଉଥିବା ଜଣା ପଡିଛି । ୧୯୭୦ ପରେ କମ ଡିମନେସିଆ ରୋଗୀ ଦେଖିବାକୁ ମିଳୁଥିବା ଜଣା ପଡିଛି । ଏହି ପରୀକ୍ଷଣ କରିବା ସମୟରେ ବୈଜ୍ଞାନିକଙ୍କୁ ଖୁବ ସମସ୍ୟା ମଧ ହୋଇଛି । ସେମାନେ ଯେଉଁମାନେ ୧୯୩୦–୧୯୭୦ ଭିତରେ ଜନ୍ମ ହୋଇଥିବା ଲୋକଙ୍କ ମଧ୍ୟରେ ଏକ ସବ୍‌ଗ୍ରୁପ ବାହାର କରିବାକୁ ପଡିଥିଲା ଯେଉଁମାନଙ୍କର ବ୍ରେନ୍ ମ୍ୟାପିଂ ୪୫ ରୁ ୭୪ ବର୍ଷ ଭିତରେ ହୋଇଥିବ । ଏହାପରେ ସେମାନେ ନିଜର ଗବେଷଣା ଆରମ୍ଭ କରିଥିବା ଜଣା ପଡିଛି ।



## ସୋସିଆଲ କୋଟ୍ସ



"ଶୋଲେ ଫିଲ୍ମ ଭାରତୀୟ ସିନେମାର ଏକମାତ୍ର ପରିଚୟ କହିଲେ ଭୁଲ ହେବ । ହେଲେ ଏହି ଫିଲ୍ମ ଏଭଳି ଏକ ତାଲିକାରେ ଅଛି, ଯେଉଁ ଫିଲ୍ମକୁ ସମସ୍ତେ ଖୁବ ଭଲପାଇବା ଦେଇଛନ୍ତି ।

**ଜାବେଦ ଅଖତର, ଫିଲ୍ମମେକର**



"ଦ୍ୱିତୀୟ ଥର ବାପା ହେବା ପରେ ଖୁବ ଖୁସି ଅଛି । ମୋ ଘରକୁ ଲକ୍ଷ୍ମୀ ଆସିଛନ୍ତି । ଝିଅର ବାପା ହୋଇ ଖୁବ ଗର୍ବିତ ।

**ନକୁଳ ମେହରା, ଅଭିନେତା**



"ପରିଙ୍କୁ ପାଖରେ ରଖିବାକୁ ଚାହୁଁଛି ସବୁବେଳେ । ସେ ସବୁବେଳେ ମୋ ହୃଦୟରେ ରହିବେ, ସେଥିପାଇଁ ଟାଟୁ କରିଛି ।

**ପରାଗ ତ୍ୟାଗୀ, ଅଭିନେତା**

## ବିଶ୍ୱ ଫଟୋଗ୍ରାଫି ଦିବସ



ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ଫଟୋଗ୍ରାଫି ଦିବସ ରୂପେ ପାଳନ କରାଯାଏ । ବିଶ୍ୱବ୍ୟାପୀ କୋଣ ଅନୁକୋଣରେ ଥିବା ଫଟୋଗ୍ରାଫରମାନଙ୍କୁ ଅନୁପ୍ରେରିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ଫ୍ରେଞ୍ଚ୍‌ର ଲୁଇସ୍ ଡଗ୍ୟୁରେ ଏବଂ ଜୋସେଫ୍ ନାଇସ୍‌ଫୋର୍ ନାଇପ୍ସ ୧୮୩୭ ମସିହାରେ ଡଗ୍ୟୁରେଟାଇପ୍ ନାମକ ଏକ ଫଟୋଗ୍ରାଫିକ୍ ପ୍ରୋସେସ୍ ବିକଶିତ କରିଥିଲେ । ଏହାର ଉଦ୍ଭାବନକୁ ମନେ ରଖିବା ପାଇଁ ପ୍ରତିବର୍ଷ ଏହି ଦିନ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୁଏ । ୧୮୩୯ ମସିହା ଜାନୁଆରୀ ୯ରେ ଫ୍ରେଞ୍ଚ୍‌ର ସାଇନ୍ସ ଏକାଡେମୀ ପକ୍ଷରୁ ଏହି ପ୍ରୋସେସ୍ ସମ୍ବନ୍ଧରେ ଘୋଷଣା କରାଯାଇଥିଲା । ତେବେ ଅଗଷ୍ଟ ୧୯ରେ ଫ୍ରେଞ୍ଚ୍ ସରକାର ଏହାର ପେଟେଣ୍ଟ୍‌କୁ କିଣିବା ସହିତ ଏହାକୁ ସମଗ୍ର ବିଶ୍ୱ ପାଇଁ ଦେୟମୁକ୍ତ କରିଦେଇଥିଲେ । ୧୮୬୧ ମସିହାରେ ଥୋମାସ୍ ସୁଟନ୍ ନାମକ ଜଣେ ବ୍ୟକ୍ତି ପ୍ରଥମ ସ୍ଥାୟୀ ରଙ୍ଗୀନ ଫଟୋଗ୍ରାଫ୍ ଉଠାଇଥିଲେ । ୨୦୧୦ ମସିହା ଅଗଷ୍ଟ ୧୯ରେ ବିଶ୍ୱ ଫଟୋଗ୍ରାଫୀ ଦିବସ ଏହାର ପ୍ରଥମ ବୈଷୟିକ ଗ୍ୟାଲେରୀ ସମ୍ବନ୍ଧରେ ଘୋଷଣା କରିଥିଲା । ଯେଉଁଥିରେ ପ୍ରାୟ ୨୭୦ଟି ଫଟୋଗ୍ରାଫର ସେମାନଙ୍କର ଫଟୋ ସେୟାର କରିଥିଲେ ।

## ଆଜିର ଦିନ

୧୬୬୨– ଫ୍ରାନ୍ସର ଗଣିତଜ୍ଞ, ଲେଖକ ଏବଂ କାଲ୍‌କୁଲେଟର ମେସିନର ଆବିଷ୍କାରକ ବ୍ଲେଜ୍ ପାସ୍କଲଙ୍କ ପରଲୋକ ।
୧୮୮୭– ଭାରତର କ୍ରାନ୍ତିକାରୀ ନେତା ଏସ୍ ସତ୍ୟମୂର୍ତ୍ତିଙ୍କ ଜନ୍ମ ।
୧୮୯୧– ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ, କବି, ଲେଖକ, ବ୍ୟଙ୍ଗକାର ଏବଂ ପତ୍ରକାର ହରିଶଙ୍କର ଶର୍ମାଙ୍କ ଜନ୍ମ ।
୧୯୦୮– ପଦ୍ମଭୂଷଣ ସମ୍ମାନିତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟକ ଅବଦୁଲ ରାଶିଦ୍ ଖାନ୍‌ଙ୍କ ଜନ୍ମ ।
୧୯୧୮– ଭାରତର ନବମ ରାଷ୍ଟ୍ରପତି ଶଙ୍କରଦୟାଲ ଶର୍ମାଙ୍କ ଜନ୍ମ ।
୧୯୪୬– ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍‌ଙ୍କ ଜନ୍ମ ।
୧୯୪୯– ଭୁବନେଶ୍ୱର ଓଡିଶାର ରାଜଧାନୀ ହେଲା ।
୧୯୬୦– ସ୍ପୁଟନିକ୍ ୫ ମହାକାଶଯାନରେ ୨ଟି କୁକୁର ଏବଂ ୩ଟି ମୂଷାକୁ ମହାକାଶ ପଠାଗଲା ।
୧୯୬୬– ତୁର୍କୀ ଭୂକମ୍ପରେ ୨୪୦୦ ଲୋକଙ୍କ ମୃତ୍ୟୁ ।
୧୯୭୩– ଫ୍ରାନ୍ସ ଦ୍ୱାରା ପରମାଣୁ ପରୀକ୍ଷଣ ।
୧୯୭୮– ଇରାନ୍ ଥିଏଟର ଅଗ୍ନିକାଣ୍ଡରେ ୪୨୨ ଲୋକଙ୍କ ମୃତ୍ୟୁ ।
୨୦୦୪– ବିଶ୍ୱର ସର୍ବବୃହତ୍ ଇଣ୍ଟରନେଟ୍ କମ୍ପାନୀ ଗୁଗଲ୍ ଶେୟାର ବଜାରକୁ ଓହ୍ଲାଇଲା ।

## ମେନୋପଜ୍ ଡାଏଟ୍

**ମେନୋପଜ୍ ସମସ୍ୟା ମହିଳାଙ୍କର ଋତୁଚକ୍ର ସରିବା ସମୟରେ ଦେଖିବାକୁ ମିଳିଥାଏ । ଏହି ସମୟରେ ମହିଳାଙ୍କର ଅନେକ ପ୍ରକାର ଲକ୍ଷଣ ଯେପରି ନିଦ ନହେବା, ଅତ୍ୟଧୀକ ରକ୍ତସ୍ରାବ, ମନ ପରିବର୍ତ୍ତନ, ହଠାତ୍ ଶରୀରର ଉପରି ଭାଗରେ ଗରମ ଲାଗିବା । ସାଧାରଣତଃ ଏହି ସମସ୍ୟା ମହିଳାଙ୍କ ନିକଟରେ ୪୦ରୁ ୫୦ ବର୍ଷରେ ଦେଖିବାକୁ ମିଳିଥାଏ । ଯଦି ଏଭଳି ସମସ୍ୟା ଦେଖୁଛନ୍ତି, ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ତେବେ ଏଭଳି କିଛି ଡାଏଟ୍ ରହିଛି ଯାହାକୁ ଫଲୋ କରିବା ଦ୍ୱାରା ଏହି ସମସ୍ୟାରୁ କେତେକାଂଶରେ ଉପଶମ ମିଳିବ । ଏଥିରେ ସବୁଠାରୁ ଆଗରେ ରହିଛି ଟି–ଡାଏଟ୍ ।**



**ବ୍ଲାକ୍ କୋହୋସା ଟି–** ବ୍ଲାକ୍ କୋହୋସାରେ ଥିବା ଏଷ୍ଟ୍ରୋଜେନ୍ ମେନୋପଜ୍ ପାଇଁ ଖୁବ ଉପକାରୀ ହୋଇଥାଏ ।ଏହି ସମୟରେ ଶରୀରରେ ଦେଖିବାକୁ ମିଳୁଥିବା ହର୍ମୋନାଲ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ । ଯଦି ଚା ପିଇବାର ଅଭ୍ୟାସ ରହିଛି, ତେବେ ବ୍ଲାକ୍ କୋହୋସା ଟିକୁ ଏଥିରେ ସାମିଲ କରନ୍ତୁ ।

**ରେଡ୍ କ୍ଲୋଭର ଟି–** ରେଡ୍ କ୍ଲୋଭର ଟିରେ ଇସୋଫ୍ଲାଭୋନେସ୍ ରହିଥାଏ ଯାହା ମେନୋପଜ୍ ସମସ୍ୟା ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ତେଣୁ ଶରୀରରେ ହର୍ମୋନାଲ ବାଲାନ୍ସ ରଖିବା ପାଇଁ ଡାଏଟ୍‌ରେ ପ୍ରତିଦିନ ରେଡ୍ କ୍ଲୋଭର ଟି ପିଅନ୍ତୁ ।

**ସେଗ୍ ଟି–** ଏହା ମଧ ମେନୋପଜ୍ ପାଇଁ ଖୁବ ଲାଭକାରୀ ହୋଇଥାଏ । ମେନୋପଜ୍ ସମସ୍ୟା ସମୟରେ ଦେଖିବାକୁ ମିଳୁଥିବା ବିଭିନ୍ନ ଲକ୍ଷଣକୁ ଦୂର କରିବାରେ ଏହା ସାହାଯ୍ୟ କରିଥାଏ । ଶରୀରରେ ଦେଖିବାକୁ ମିଳୁଥିବା ହର୍ମୋନାଲ ଇନ୍‌ବାଲାନ୍ସକୁ ନିୟନ୍ତ୍ରଣ କରିବାରେ ସେଗ୍ ଟି ବିଶେଷଭାବେ ସହାୟକ ହୋଇଥାଏ ।

**ପିପରମେଣ୍ଟ ଟି–** ଏହା ପ୍ରତ୍ୟକ୍ଷଭାବେ ମେନୋପଜ୍ ପାଇଁ ଉପକାରୀ ନହେଲେ ମଧ ଆମର ଷ୍ଟ୍ରେସ ଲେବଲ୍‌କୁ କମାଇବାରେ ସହାୟକ ହୋଇଥାଏ । ଏହା କାରଣରୁ ନିଦ ଠିକ୍ ଭାବେ ହୋଇଥାଏ, ଯାହା ମେନୋପେଜ୍ ସମସ୍ୟାକୁ ନିୟନ୍ତ୍ରଣରେ ସହାୟତା ପ୍ରଦାନ କରିଥାଏ ।

## ଅଫିସ୍ ବ୍ୟାଗ୍



**ସାଧାରଣତଃ ମହିଳାମାନେ ଅଫିସ୍ ଯିବା ସମୟରେ ନିଜର ବ୍ୟାଗ୍ ପ୍ରତି ଅଧିକ ଧ୍ୟାନ ଦେଇଥାଆନ୍ତି । ଯାହାକୁ ଆଖିରେ ରଖି ବର୍ତ୍ତମାନ ଟ୍ରେଣ୍ଡ୍‌ରେ ଅନେକ ବ୍ୟାଗ୍ ରହୁଛି, ଯାହା ଅଫିସ୍ ୱାର୍କ ପାଇଁ ଖୁବ ଉପଯୁକ୍ତ ହେଉଛି ।**

**ଦି ନ୍ୟୁୟର୍କ କ୍ରକ୍ ଇଫେକ୍ଟ ବ୍ୟାଗ୍–** ବିଭିନ୍ନ ବ୍ୟାଗ୍ ଭିତରେ ଏହି ବ୍ୟାଗ୍‌ଟି ସବୁ ମହିଳାଙ୍କର ପ୍ରଥମ ପସନ୍ଦ ହୋଇଥାଏ । ଏହାର ଟେକ୍ସର ଖୁବ ସୁନ୍ଦର ହୋଇଥାଏ । ଦି ନ୍ୟୁୟର୍କ କ୍ରକ୍ ଇଫେକ୍ଟ ବ୍ୟାଗ୍‌ଟି ସ୍ମୁଥ୍ ଲେଦରରୁ ତିଆରି ହୋଇଥାଏ ଯାହା ବ୍ୟବହାର କରିବା ପାଇଁ ଖୁବ ଆରାମଦାୟକ ହୋଇଥାଏ । ଏହାର କ୍ରକ୍ ଇଫେକ୍ଟ ଏହାକୁ ଅନ୍ୟ ବ୍ୟାଗ ଭିତରେ ସ୍ୱତନ୍ତ୍ର କରିଥାଏ ।

**ହ୍ୟାଣ୍ଡେଲ୍ ୱାର୍କ ବ୍ୟାଗ୍–** ହ୍ୟାଣ୍ଡେଲ୍ ୱାର୍କ ବ୍ୟାଗ୍ ସବୁ ୱାର୍କିଂ ଲେଡିଙ୍କର ପସନ୍ଦ ହୋଇଥାଏ । ଏହାର ପାଖାପାଖି ୧୫ଟି କଲର ଆସିଥାଏ, ଯାହା ଏହି ବ୍ୟାଗକୁ ବେଶି ଆକର୍ଷଣୀୟ କରିଥାଏ । ଏଥିରେ ଥିବା ଇଣ୍ଟେରିଅର ପକେଟ୍ ଗୁଡିକ ଜିନିଷ ରଖିବାରେ ବେଶି ସହାୟତା ହୋଇଥାଏ । ତେଣୁ ଏଥିରେ ଥିବା ଜିପ୍ ବ୍ୟାଗ୍ ଗୁଡିକୁ ଛୋଟଛୋଟ ଜିନିଷ ରଖିବାରେ ବ୍ୟବହାର କରିହୋଇଥାଏ ।

**ସ୍ୟୁଡେ ୱାର୍କ ବ୍ୟାଗ୍–** ଏହା ସମସ୍ତଙ୍କର ପସନ୍ଦ ହୋଇଥାଏ । ଏହି ବ୍ୟାଗ୍‌ର ବିଶେଷତ୍ୱ ହେଲା ଏହା ସବୁ ପ୍ରକାରର ସିଜିନ୍ ସହିତ ପେୟାର କରିହେବ । ବର୍ଷା ହେଉ କିମ୍ବା ଖରା ସବୁ ପ୍ରକାର ଋତୁରେ ଏହାକୁ ବ୍ୟବହାର କରିହେବ ।

## ଆନ୍ନାମ୍ ଗନ୍‌ଜି



ପ୍ରଥମେ ଭାତକୁ ରାନ୍ଧି ଥଣ୍ଡା କରି ନିଅନ୍ତୁ । ଏହାପରେ ଏଥିରେ ଦହି, ଲୁଣ ଓ ଜୁଆଣି ମିଶାଇ ନିଅନ୍ତୁ । ସମସ୍ତ ସାମଗ୍ରୀକୁ ମିଶାଇ ଗୋଟିଏ ଦିନ ପୂର୍ବ ରାତିରୁ ରଖି ନିଅନ୍ତୁ । ସକାଳୁ ଏହାକୁ ଭଲ କରି ଗୋଳାଇ ନିଅନ୍ତୁ । ଏଥିରେ ଧନିଆ ପତ୍ର,କଞ୍ଚା ଲଙ୍କା, ଆମ୍ବ କସିଆ ଅଦା ଆଦି ମିଶାଇ ପାରିବେ । ଏହାକୁ ଆଚାର ଲଗାଇ ଖିଆଯାଇଥାଏ । ଏଥିରେ କାକୁଡି କିମ୍ବା ଆଳୁ ଚଟଣି ସହିତ ଖାଇପାରିବେ । ଏହାକୁ ଦକ୍ଷିଣ ଭାରତରେ ଆନ୍ନାମ ଗନ୍‌ଜ କୁହାଯାଉଥିବା ବେଳେ ଓଡ଼ିଶାରେ ଦହି ପଖାଳ କୁହାଯାଇଥାଏ ।

## ନିଆରା ଥିମ୍‌କୁ ନେଇ ଚର୍ଚ୍ଚା

ଟେଲି ଦୁନିଆର ପପୁଲାର ଶୋ' ବିଗ୍‌ବସର ଥିମ୍‌କୁ ନେଇ ସବୁବେଳେ ଚର୍ଚ୍ଚାହୋଇଥାଏ । ସବୁବେଳେ ଏହାର ଥିମ୍ ଖୁବ ନିଆରା ଥାଏ । ସେହିକ୍ରମରେ ଚଳିତବର୍ଷର ଥିମ ରହିଛି ରାଜନୀତିକୁ ନେଇ । ଯାହା ଦର୍ଶକଙ୍କୁ ଖୁବ ସ୍ୱତନ୍ତ୍ର ଲାଗୁଥିବା ଦେଖିବାକୁ ମିଳୁଛି । ସୋସିଆଲ ମିଡିଆରେ ଏହାର ପ୍ରୋମୋକୁ ନେଇ ଖୁବ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି । ତେବେ ରାଜନୀତି ଥିମ୍‌କୁ ନେଇ ଶୋଟି କିଭଳି ପରିଚାଳିତ ହେବ ତାହାକୁ ନେଇ ସମସ୍ତେ ଆଲୋଚନା କରୁଛନ୍ତି । ଏଥର ମେକର୍ସ କିଛି ବଡ ଧରଣର ଟୁଇଷ୍ଟ ଆଣିବେ ବୋଲି ଫ୍ୟାନ ଆକଳନ କରୁଛନ୍ତି । ପଲିଟିକାଲ ଥିମ ରହିଥିବାରୁ ସବୁ ବର୍ଷ ଠାରୁ ଚଳିତ ଥର ଅଧିକ ଡ୍ରାମା ଓ ଟୁଇଷ୍ଟ ଦେଖିବାକୁ ମିଳିବ ବୋଲି ଫ୍ୟାନମାନେ କମେଣ୍ଟ ଦେଉଛନ୍ତି । ସମସ୍ତେ ଶୋ ଦେଖିବାକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି । ପୂର୍ବରୁ ଏହାର ପ୍ରତିଯୋଗୀଙ୍କୁ ନେଇ ଅନେକ ଚର୍ଚ୍ଚା ଜାରି ରହିଛି । କିଛି ଜଣ ଏଥିପାଇଁ ଫାଇନାଲ ହୋଇ ସାରିଥିବାବେଳେ କିଛିଙ୍କ ନାଁ ଏବେ ବି ଚର୍ଚ୍ଚାରେ ରହିଛି । ପ୍ରତିବର୍ଷ ଏହି ଶୋରେ ଅନେକ ଡ୍ରାମା ସହିତ ଟୁଇଷ୍ଟ ଦେଖିବାକୁ ମିଳେ, ଯାହା ଦର୍ଶକଙ୍କର ଖୁବ ମନୋରଞ୍ଜନ କରିଥାଏ । ତେଣୁ ଚଳିତ ସିଜିନ୍ ମଧ ପୂର୍ବ ପରି ଖୁବ ଇଣ୍ଟ୍ରେଷ୍ଟିଂ ହେବ ବୋଲି ସମସ୍ତେ ଆଶା ରଖିଛନ୍ତି । ସବୁ ବର୍ଷ ପରି ଏ ବର୍ଷ ମଧ ସଲମାନ ଖାନ ଏହାର ହୋଷ୍ଟିଂ କରୁଛନ୍ତି ।



## ହାହାଃ..ହାହାଃ..



ପତ୍ନୀ – କହିଲ ଦେଖି ମୁଁ ମୂର୍ଖ ନା ତୁମେ ମୂର୍ଖ ?

ପତି – ତୁମେ ହେଲ ସବୁଠାରୁ ଅଧିକ ବୁଦ୍ଧିର ଅଧିକାରିଣୀ । ତେଣୁ ତୁମେ କେବେ ହେଲେ ବି କ'ଣ ଜଣେ ମୂର୍ଖ ବ୍ୟକ୍ତିକୁ ବିବାହ କରିଥିବ ।

ପତ୍ନୀ ନିଜକୁ ବୁଦ୍ଧିମାନ ଶୁଣି ଖୁବ ଖୁସି ..

### ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ମେଡିକାଲ କଲେଜରେ ପ୍ରଫେସର ପଦବୀ ଖୁବ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଷୟରେ ଆଲୋଚନା କରି ରାଜ୍ୟରେ ଖାଲି ପଡିଥିବା ବିଭିନ୍ନ ଡାକ୍ତର ପଦବୀ ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକର ଆଲୋଚନାରୁ ଜଣା ଯାଇଛିଯେ, ଖୁବ ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ ଏବଂ ଆହୁରି ୫୦୦୦ରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ ମଧ୍ୟ ନିଯୁକ୍ତି ପାଇବେ। ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧୁଷିତ ଅଂଚଳ ମାନଙ୍କରେ ଅଧିକରୁ ଅଧିକ ଡାକ୍ତର



ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ ଶୀଘ୍ର ରାଜ୍ୟ ସରକାର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ମେଡିକାଲ କଲେଜରେ ପି.ଜି. ସିଟ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜର ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବା ଛଡା ଅନ୍ୟାନ୍ୟ ଆବଶ୍ୟକୀୟ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥି ନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରତ୍ୟେକ ଦୁର୍ଘଟଣା ପ୍ରବଣ ଅଂଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରମାକେୟାର ସେଣ୍ଟର ସ୍ଥାପନ ପାଇଁ ଗୁରୁତ୍ୱ ଦେବା, ଯେଉଁ ସ୍ଥାନକୁ

- ୧୮୪୦ ଡାକ୍ତର, ୫୦୦୦ରୁ ଊର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ ନିଯୁକ୍ତି ଖୁବ ଶୀଘ୍ର
- ଆଦିବାସୀ ଅଧୁଷିତ ଅଞ୍ଚଳରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ଦିଆଯିବ

ଡାକ୍ତର ମାନେ ଯିବାପାଇଁ ଅରାଜି ହେଉଛନ୍ତି ସେହି ସ୍ଥାନ ମାନଙ୍କରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଏବଂ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଏହି ଆଲୋଚନା ହୋଇଥିଲା।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ, ଅଶ୍ୱଥି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡଃ ବୃନ୍ଦା ଡ଼ି, ଓଡିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ଶନିବାର ଦିନ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ୨୦୦୪ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଅନେକ ଉତ୍ଥାନ ପତନ ଦେଇ ଆଜି ସମଗ୍ର ଓଡ଼ିଶା ତଥା ପାଖପଡୋଶି ରାଜ୍ୟମାନଙ୍କରେ ଗଢିଉଠିଥିବା ଅନେକ ଅନୁଷ୍ଠାନଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିବାର ଅନବଦ୍ୟ ନିରନ୍ତର ପ୍ରଚେଷ୍ଟା, ସର୍ବୋପରି ଏହାର ପ୍ରାଣ ପ୍ରତିଷ୍ଠାତା ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଏବଂ ଧୁରିଣ ଅଧ୍ୟାପକ ମଣ୍ଡଳୀଙ୍କ ଆପ୍ରାଣ ଚେଷ୍ଟା ଏହାକୁ ଓଡ଼ିଶା ତଥା ଓଡ଼ିଶା ବାହାର ରାଜ୍ୟର ଅନୁଷ୍ଠାନ ଗୁଡିକ ମଧ୍ୟରେ ଶ୍ରେଷ୍ଠତା ବଜାୟ ରଖିବାରେ ଯେଉଁମାନଙ୍କ ଉଦ୍ୟମଥିଲା ସେମାନଙ୍କ ସ୍ମୃତିଚାରଣ ସହ ପରପିଢିର ଯୁବସାମଜକୁ ଦିଶା ପ୍ରଦାନରେ ଅଗ୍ରଣୀଭୂମିକା ଗ୍ରହଣ କରିବା ଏକ ଗର୍ବ ଓ ଗୌରବର ବିଷୟ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂଗୀତ ଗାନ ସହ ବେଦପାଠ କରାଯାଇ ଅତିଥିମାନଙ୍କ ସମେତ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। କଲେଜର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ସ୍ୱାମୀ ସଦାନନ୍ଦ ସରସ୍ୱତୀ ନିଜ ଭାଷଣ କ୍ରମରେ ଯୁବପିଢିଙ୍କ ଚାରିତ୍ରିକ ସ୍ଖଳନକୁ ରୋକିବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ସହ ଯଦି ଉପରକୁ ଯାଇ ତଳକୁ ନ ଖସିବାକୁ ଚାହୁଁଛ ତେବେ ପ୍ରଥମେ ନିଜର ଅହଂକାରକୁ ପରିତ୍ୟାଗ କର ବୋଲି ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟ ଅତିଥି ତଥା ଓଡ଼ିଶାର ସୁନାମ ଧନ୍ୟ ସ୍ନାୟୁସଲ୍ୟର ଚିକିତ୍ସକ ପଦ୍ମଶ୍ରୀ ଡ଼ଃ. ଅଶୋକ କୁମାର ମହାପାତ୍ର ନିଜସ୍ୱ ସେବାର ଅଭିଜ୍ଞତା ବଖାଣିବା ସହ ସ୍ୱାସ୍ଥ୍ୟ ସହ ଆଧ୍ୟାତ୍ମିକତାକୁ ଯୋଗ କରି ଏକ ସଫଳ ଜୀବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ଏବଂ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀଙ୍କ ମାର୍ଗ ଦର୍ଶନକୁ ପାଥେୟ କରି ଲକ୍ଷ୍ୟ ପଥରେ ଆଗେଇ ଯିବାର ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଉପାଧ୍ୟକ୍ଷ ଡ଼ଃ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




# ସହିଦ ନଗର ରେସିଡେଣ୍ଟସିଆଲ ଫୋରମ ବୈଠକ

ଭୁବନେଶ୍ୱର (ସବ୍ୟୁ): ସହିଦନଗର ରେସିଡେଣ୍ଟସିଆଲ ୱେଲ ଫେୟାର ଫୋରମ ପକ୍ଷରୁ ସଦସ୍ୟ ମାନଙ୍କ ଉପସ୍ଥିତିରେ କରାଯାଇ ଥିବା ବୈଠକରେ ନିଆଯାଇ ଥିବା ନିଷ୍ପତି ଅନୁଯାଇ ସହିଦନଗର ର ରାସ୍ତା ଗୁଡିକ ଅତ୍ୟନ୍ତ ଖରାପ ହୋଇ ଯାଇ ଥିବାରୁ ଏହାର ମରାମତି ଓ ସୁରେଜ ଲାଇନ ରେ ହୋଇ ଥିବା ବଡ଼ ବଡ଼ ଗଛ ଗୁଡିକ ସଫା କରିବାକୁ ଶୀଘ୍ର ପଦକ୍ଷେପ ନେବାକୁ ମୁନିସିପାଲିଟି କର୍ତୃପକ୍ଷ ଙ୍କୁ ଦାବି ପତ୍ର ପ୍ରଦାନ କରାଯାଇ ଅଛି, ରାସ୍ତା ଗୁଡିକ ବହୁତ ଖରାପ ହୋଇ ଥିବାରୁ ବରିଷ୍ଠ ନାଗରିକ ମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉ ଛନ୍ତି, ବିଜୁଳି ବିଭାଗ ର ଲାଇନ କଟିଗଲେ ବର୍ତମାନ ସହିଦ ନଗର ବାସିନ୍ଦା ମାନେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ତାହା ମରାମତି ହେବା ପାଇଁ ବହୁ ସମୟ ଲାଗୁଛି, ଯାହାକୁ ମରାମତି ନିମନ୍ତେ ଅଭିଯୋଗ କଲେ ସେ ଜେଇ ଅଫିସ ରେ କହି ସାରିଛୁ କହୁଛନ୍ତି। ଜେଇ ଅଫିସ ରେ ଯାଇ ପଚାରିଲେ ଆମ ପାଖକୁ କିଛି ଖବର ଆସି ନାହିଁ, କେଉଁଠି ନା କେଉଁଠି ଭୁଲ ଅଛି, ଏହା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଟାଟା କର୍ତ୍ତୃପକ୍ଷ ଙ୍କୁ ମଧ୍ୟ ଚିଠି ପ୍ରଦାନ କରା ଯାଇଛି ।

# କମିଶନରେଟ୍ ପୁଲିସ ପକ୍ଷରୁ ପ୍ରସ୍ତୁତି ବୈଠକ

ଜଟଣୀ(ସବ୍ୟୁ): ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଆଜି ଏଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଡିସିପି ସଂଜୟ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୂଜା ପେଣ୍ଡାଲ କର୍ମକର୍ତା ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଏସିପି ତାପସ ପ୍ରଧାନ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ବିଡିଓ ବସନ୍ତ କୁମାର ହାତୀ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ଭସାଣୀ କମିଟି ସଭାପତି ସଂଗ୍ରାମ କେଶରୀ ରାଉତରାୟ ଉପସ୍ଥିତ ରହିଥିଲେ। ଜଟଣୀ ଥାନା ଇନ୍ସପେକ୍ଟର ଷ୍ଟାଲିନ୍ ବିଶ୍ୱାଳଙ୍କ ସଂଯୋଜନାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷେ ୪୪ଟି ମଣ୍ଡପରେ ପୂଜା ପାଇବେ ଗଜାନନ। ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ସହିତ ସବୁ ବର୍ଷ ପରି ଚଳିତବର୍ଷ କିପରି ପୂଜା ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତି ନିଆଯାଇଥିଲା। ପୂର୍ବବର୍ଷ ପରି ଏଥର ମଧ୍ୟ ଡିଜେ ଉପରେ କଟକଣା ରହିବ। ସମସ୍ତ ପେଣ୍ଡାଲ କର୍ମକର୍ତା ଏଥର ଜଟଣୀ ଗଣେଶ ପୂଜାକୁ ମଦମୁକ୍ତ, ପ୍ଲାଷ୍ଟିକ ମୁକ୍ତ କରିବା ସଂକଳ୍ପ ନେଇ ଉଦ୍ୟମ କରି ଅନ୍ୟ ଅଂଚଳ ପାଇଁ ଉଦାହରଣ ସୃଷ୍ଟି କରିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ପୂଜା ସମୟରେ ସହରର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ପେଣ୍ଡାଲ ନିକଟବର୍ତୀ ଅଂଚଳରେ ମ୍ୟୁନିସିପାଲିଟି ପକ୍ଷରୁ ଦୁଇଓଳି ସଫେଇ କରାଯିବ। ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରାଯାଇ ଗୋଟିଏ ସ୍ଥାନ ଥାନାରୁ ପୂଜା ପାଇଁ ଅନୁମତି ପ୍ରଦାନ କରାଯିବ। ପୂଜା ୧୨ଦିନ ଯାକ ଜଟଣୀ ଥାନାରେ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ବ୍ୟବସ୍ଥା ହେବ। ରାସ୍ତା ମରାମତି, ଟ୍ରାଫିକ୍, ଷ୍ଟ୍ରିଟଲାଇଟ୍, ବିଦ୍ୟୁତ୍‌କାଟ୍ ସମସ୍ୟା ଉପରେ ବିଭିନ୍ନ ପେଣ୍ଡାଲ କର୍ମକର୍ତା ଦୃଷ୍ଟି ଆକର୍ଷଣ କରିଥିଲେ। ପୂଜା ସମୟରେ କଂଟ୍ରୋଲ ରୁମ୍‌ରେ ଗୋଟିଏ ଦମକଳ ଗାଡ଼ି ଓ କର୍ମଚାରୀ ପ୍ରସ୍ତୁତ ହୋଇରହିବେ। ବଡ଼ ପେଣ୍ଡାଲମାନଙ୍କରେ ପ୍ରବେଶ ପ୍ରସ୍ଥାନ ପଥ ରଖିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଟ୍ରାଫିକ ସମସ୍ୟା ଓ ଗହଳି ପରିଚାଳନା ପାଇଁ ଗତବର୍ଷ ତୁଳନାରେ ଏଥର ଅଧିକ ଫୋର୍ସ ମୁତୟନ ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ରୁଟ୍ ପରିବର୍ତନ କରି ଯାନବାହନ ଚଳାଚଳ କରିବା ଉପରେ ପ୍ରସ୍ତୁତି କରାଯାଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା।



# ବଜ୍ରପାତରେ ଚାଷୀ ମୃତ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ଗୁଆପୂର୍ ପଞ୍ଚାୟତର ସାତବିଶ୍ୱା ଦଳିତ ସାହିର ବିଚିତ୍ରା ନନ୍ଦ ଭୋଇ (୪୫)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି । ସେ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହେବାରୁ ସେ ସଂଜ୍ଞା ହିନ ହୋଇଥିଲେ ।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ସେଠାରେ ତାଙ୍କର ଅସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ପଠାଇ ଦେଇଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ବ୍ଲୁଡ୍ ପ୍ରେସର୍ ଅଧିକ ଦର୍ଶାଇ ଏସିଏଫ୍ ପଦରେ ଫିଜିକାଲ୍ ପରୀକ୍ଷାରୁ ବଞ୍ଚିତ ମାମଲା

# ଓପିଏସ୍‌ସିର ଆଦେଶ ରଦ୍ଦ କଲେ ହାଇକୋର୍ଟ

କଟକ(ସବ୍ୟୁ) : ସହକାରୀ ବନଖଣ୍ଡ ଅଧିକାରୀ(ଏସିଏଫ) ପଦଲାଗି ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୯ଜଣ ପ୍ରାର୍ଥୀଙ୍କୁ ବ୍ଲୁଡ୍ ପେସର୍ ଅଧିକ ଥିବା କାରଣରୁ ଫିଜିକାଲ ପରୀକ୍ଷା ଦେବାକୁ ମନା କରିଦେବା ଘଟଣାରେ ହାଇକୋର୍ଟ ଓଡ଼ିଶା ଲୋକେସେବା ଆୟୋଗ( ଓପିଏସ୍‌ସି)ର ଏଭଳି ଆଦେଶକୁ ଆଜି ରଦ୍ଦ କରି ଦେଇଛନ୍ତି । ଜଣେ ପ୍ରାର୍ଥୀଙ୍କୁ ବ୍ଲୁଡ୍ ପ୍ରେସର୍ କାରଣରୁ ପରୀକ୍ଷାରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି । ଏହି ପରୀକ୍ଷା ଗାଇଡ୍‌ଲାଇନ୍ ଆଧାରରେ ଜଣେ ପ୍ରାର୍ଥୀଙ୍କର ବ୍ଲୁଡ୍ ପ୍ରେସର୍ ଥିଲେ ତାଙ୍କୁ ପରୀକ୍ଷାରୁ ବାଦ୍ ଦିଆଯାଇ ପାରିବ ନାହିଁ ବୋଲି କୌଣସି ନିୟମ ନଥିଲାବେଳେ ଓପିଏସ୍‌ସିର ଏଭଳି ଆଦେଶ ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ଦେବାଶିଷ ଦାସ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଆବେଦନକାରୀମାନେ ଏହି ପରୀକ୍ଷା ଦେବା ପୂର୍ବରୁ ସେମାନଙ୍କର ବ୍ଲୁଡ୍ ପ୍ରେସର ଠିକ୍ ଅଛି କି' ନାହିଁ ତାହାର ଏକ ଡାକ୍ତରୀ ରିପୋର୍ଟ ଓପିଏସ୍‌ସି ନିକଟରେ ଦାଖଲ କରିବେ । ଯଦି ଏହି ଟେଷ୍ଟ ସାଧାରଣ ଆସେ ତାହେଲେ କର୍ତ୍ତୃପକ୍ଷ ସେମାନଙ୍କୁ ଫିଜିକାଲ ଟେଷ୍ଟ ପାଇଁ ଅନୁମତି ପ୍ରଦାନ କରିବେ । ଅଦାଲତଙ୍କ ଏହି ଆଦେଶ କପି ପାଇବାର ଚାରି ସପ୍ତାହ ମଧ୍ୟରେ ପ୍ରତିପକ୍ଷ ଆବେଦନକାରୀଙ୍କ ଫିଜିକାଲ ଟେଷ୍ଟ କରିବେ । ଯଦି ଆବେଦନକାରୀମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ତାହେଲେ ସେମାନଙ୍କୁ ଏହାର ପରବର୍ତ୍ତୀ ପରୀକ୍ଷା ପାଇଁ ଅନୁମତି ଦିଆଯିବ ବୋଲି ହାଇକୋର୍ଟ କହିଛନ୍ତି ।୨୦୨୩ ମେ' ରେ ଓପିଏସ୍‌ସି ପକ୍ଷରୁ ୪୫ଟି ଏସିଏଫ ଏବଂ ୧୩୧ଟି ଫରେଷ୍ଟ ରେଞ୍ଜର ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆବେଦନକାରୀମାନେ ଏସିଏଫ ପଦଲାଗି ଆବେଦନ କରିଥିଲେ । ଏହାର ଲିଖତ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇଥିଲେ । ଲିଖତ ପରୀକ୍ଷା ପରେ ଗତ ଜୁଲାଇରେ ଫିଜିକାଲ(ଚାଲିବା) ପରୀକ୍ଷା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ଫିଜିକାଲ ପରୀକ୍ଷା ପୂର୍ବରୁ ଆବେଦନକାରୀଙ୍କର ବ୍ଲୁଡ୍ ପ୍ରେସର ଚେକ କରାଯାଇଥିଲା। ସେମାନଙ୍କର ପ୍ରେସର ସାମାନ୍ୟ ଉଚ୍ଚଥିବା କାରଣ ଦର୍ଶାଇ ଫିଜିକାଲ ଟେଷ୍ଟ ପାଇଁ ଅନୁମତି ଦିଆଗଲା ନାହିଁ । ଫଳରେ ସେମାନେ ଏହି ପରୀକ୍ଷାରୁ ବାଦ୍ ପଡ଼ିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଆବେଦନକାରୀ ଦର୍ଶାଇଥିଲେ ଯେ, ସେମାନଙ୍କର ଏକ ମେସିନ୍ ଜରିଆରେ ବ୍ଲୁଡ୍ ପ୍ରେସର ମପା ଯାଇଥିଲା । ଯାହାକି ଗ୍ରହଣୀୟ ନୁହେଁ । ପ୍ରଥମ ଥର ଯଦିଓ ସେମାନଙ୍କର ସାମାନ୍ୟ ଉଚ୍ଚା ରହିଥିଲା ଦ୍ୱିତୀୟ ଥର ପରୀକ୍ଷା କରିବାକୁ ସେମାନେ ଅନୁରୋଧ କରିଥିଲେ । କିନ୍ତୁ ଦ୍ୱିତୀୟ ଥର ସେମାନଙ୍କୁ ଆଉ ଅନୁମତି ମିଳିନଥିଲା। ଏହା ଉପରେ ଓପିଏସ୍‌ସି ଜବାବ ରଖି ଦର୍ଶାଇଥିଲା ଯେ, ଅନେକ ପିଲା ଫିଜିକାଲ ପରୀକ୍ଷା ବା ଦୌଡ଼ିବା ବେଳେ ଅସୁସ୍ଥତାର ଶିକାର ହେଉଛନ୍ତି। ଅନେକଙ୍କର ଜୀବନ ମଧ୍ୟ ଚାଲିଯାଉଛି। ତେଣୁ ଫିଜିକାଲ ଟେଷ୍ଟ ପୂର୍ବରୁ ସେମାନଙ୍କର ପ୍ରେସର୍ ମପା ଯାଉଛି। ଯେଉଁମାନଙ୍କର ପ୍ରେସର ଠିକ୍ ରହିଛି ସେହିମାନଙ୍କୁ ଫିଜିକାଲ ପରୀକ୍ଷା ପାଇଁ ଅନୁମତି ଦିଆଯାଉଛି। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ରାୟରେ କହିଛନ୍ତି ଯେ, ଯେହେତୁ ନିଯୁକ୍ତି ଗାଇଡ୍‌ଲାଇନ୍‌ରେ ଜଣେ ପ୍ରାର୍ଥୀଙ୍କର ପ୍ରେସର ଅଧିକ ବା କମ୍ ଥିବା କାରଣରୁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ଉଲ୍ଲେଖ କରାଯାଇ ନାହିଁ ତେଣୁ ନିଯୁକ୍ତି ସଂସ୍ଥା ମନମୁଖୀ ଭାବେ ଏଭଳି କରିପାରିବେ ନାହିଁ ବା ଆଶାୟୀ ପ୍ରାର୍ଥୀଙ୍କ ଉପରେ ସେମାନଙ୍କ ଇଚ୍ଛାକୁ ଲଦିଦେଇ ପାରିବେ ନାହିଁ । ଏହି ଆଧାରରେ ହାଇକୋର୍ଟ ଓପିଏସ୍‌ସିର ନିର୍ଦ୍ଦେଶକୁ ରଦ୍ଦ କରି ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ ।

### ଆତଙ୍କବାଦୀ ମୁକାବିଲାକୁ ନେଇ ବିଧାନସଭାରେ ମକ୍‌ଡ୍ରିଲ

# ଏନ୍‌ଏସ୍‌ଜି, ଏସ୍‌ଓଜି, ଅଗ୍ନିଶମ ଓ ପୋଲିସ ଟିମ୍ ସାମିଲ

ଭୁବନେଶ୍ୱର, (ସବ୍ୟୁ) : ଆତଙ୍କବାଦୀ ମୁକାବିଲାକୁ ନେଇ ବିଧାନସଭା ସାମ୍ନା ଓ ଚର୍ତୁଃପାଶ୍ୱର୍ରେ ସୋମବାର ମକ୍‌ଡ୍ରିଲ୍ କରାଯାଇଛି । ମକ୍‌ଡ୍ରିଲରେ ଏନ୍‌ଏସ୍‌ଜି, ଏସ୍‌ଓଜି, ଅଗ୍ନିଶମ ଓ ପୋଲିସ ଟିମ୍ ସାମିଲ ହୋଇଛନ୍ତି ।

ବନ୍ଧୁକଧାରୀ ଏନ୍‌ଏସ୍‌ଜି, ଏସ୍‌ଓଜି, କମାଣ୍ଡୋମାନେ ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ସହ ସାମିଲ ହୋଇ ମୁକାବିଲା କୌଶଳ ପ୍ରଦର୍ଶନ କରିଥିଲେ । ଅଗ୍ନିଶମ ବାହିନୀ ଅତ୍ୟାଧୁନିକ ଯାନରେ ସିସି କ୍ୟାମେରା ଲଗାଇ ବିଧାନସଭା ଏପଟ ସେପଟ ଦେଖାଉଥିଲେ । ଯଦି କୌଣସି ସ୍ଥାନରେ ଆତଙ୍କବାଦୀମାନେ ଥିବା ସିସି କ୍ୟାମେରାରେ ଆସେ ତାହା କମାଣ୍ଡୋ କଣ୍ଟ୍ରୋଲ ଗାଡିକୁ ସମ୍ପୂର୍ଣ୍ଣ ଦିଶିବ । ଏହା ଦେଖିବା ପରେ କମାଣ୍ଡୋ କଣ୍ଟ୍ରୋଲ ଗାଡିରେ ଥିବା ଅପରେସନ ମନିଟରିଂ ଅଫିସର କମାଣ୍ଡୋମାନଙ୍କୁ ଅପରେସନ



ଶୈଳୀ ସମ୍ପର୍କରେ ନିର୍ଦ୍ଦେଶ ଦେଉଥିଲେ ।

ଏନ୍‌ଏସ୍‌ଜି, ଏସ୍‌ଓଜି କମାଣ୍ଡୋଙ୍କ ସହ ଓଡ଼ିଶା ପୋଲିସର ୪୦ଜଣିଆ ସଶସ୍ତ୍ର ଟିମ୍ ସାମିଲ ହୋଇ ଅପରେସନ କୌଶଳ ପ୍ରଦର୍ଶନ କରୁଥିଲେ । ୪୦ଜଣିଆ ଟିମ୍‌ରେ ୭ ଡଗ୍ ସ୍କ୍ୱାଡ୍ ଓ ବୋମା ନିଷ୍କ୍ରିୟକାରୀ ଟିମ୍ ଥିବା ଜଣେ ଅଫିସର କହିଛନ୍ତି । ଏହି ମୁକାବିଲା ଅପରାହ୍@ରେ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିବାର ବ୍ୟବସ୍ଥା ହୋଇଛି । ଅପରେସନ ଶୈଳୀରେ ବିଧାନସଭା ଚତୁଃପାଶ୍ୱର୍ କମାଣ୍ଡୋ ଘେରାବନ୍ଦୀ କରି ରଖିଥିଲେ । ଭୁବନେଶ୍ୱର ଡିସିପି ଜଗମୋହନ ମିନା ଏହି ସନ୍ତ୍ରାସବାଦୀ ମୁକାବିଲା ଅପରେସନରେ ସାମିଲ ହୋଇ ପୋଲିସ ଟିମ୍‌କୁ କମାଣ୍ଡିଂ କରୁଥିଲେ । ଅଗ୍ନିଶମ ବାହିନୀ ଯେଉଁ ଅତ୍ୟାଧୁନିକ ଯାନ ପ୍ରଦର୍ଶନ କରିଥିଲା, ଶିଡିପରି ଥିବା ତା'ର ଅଗ୍ରଭାଗ ୪୨ ମିଟର ପର୍ଯ୍ୟନ୍ତ ଲମ୍ବିବା ବ୍ୟବସ୍ଥା ରହିଛି । ଅର୍ଥାତ୍ ବିଧାନସଭା ସାମ୍ନାରୁ ଓପରିଭାଗ ଦେଇ ପଛ ପାଖକୁ ଦେଖି ହେଉଥିଲା । କାରଣ ତା'ର ଅଗ୍ରଭାଗରେ ସିସି କ୍ୟାମେରା ଖଞ୍ଜାଯାଇଥିଲା । ସେଠାରୁ ଫଟୋ କମାଣ୍ଡୋ କଣ୍ଟ୍ରୋଲ ଗାଡିକୁ ଆସିବା ପରେ ଅପରେସନ ମନିଟରିଂ କରିବା ପାଇଁ ସୁବିଧା ହେଉଥିଲା ବୋଲି ଜଣେ ଅଫିସର ସୂଚନା ଦେଇଛନ୍ତି ।

### ବ୍ରାଉନସୁଗର ଜବତ, ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନା ପୋଲିସ ଜଣେ ବ୍ରାଉନସୁଗର ବ୍ୟବସାୟୀକୁ ଗିରଫ କରିବା ସହ ତା'ନିକଟରୁ ୩.୫୫ଗ୍ରାମ୍ ବ୍ରାଉନସୁଗର, ବ୍ୟବହୃତ ବାଇକ୍ ଓ ୩ ହଜାର ଟଙ୍କା ଜବତ କରିଛି । ଗିରଫ ବେପାରୀ ହେଲା ଶିଶିରକାନ୍ତ ନାୟକ (୪୫) । ଘର ଗଞ୍ଜାମ ଜିଲ୍ଲାରେ । ସେ ଭରତପୁର ଥାନା ଅଞ୍ଚଳ ସାଁପୁର ବସୁଧାନଗରରେ ରୁହେ । ଭରତପୁର ଥାନା ଅଞ୍ଚଳରେ ଥିବା ବିପୁଲ ଗାର୍ଡେନ ନିକଟରେ ବେଆଇନ ଭାବେ ବ୍ରାଉନସୁଗର ରଖି ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା । ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିବା ବେଳକୁ ଗିରଫ ବ୍ୟବସାୟୀ ସେଠାରେ ଠିଆ ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିଲା । ପୋଲିସ ତାକୁ କାବୁ କରିବା ପରେ ତା'ନିକଟରୁ ବ୍ରାଉନସୁଗର ଜବତ ହେଲା । ଥାନାକୁ ଆଣିବା ପରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର (ସବ୍ୟୁ) : ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ । କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି କରିବା, ଏହି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି ଏବଂ ଲାଭଦାୟକ କୃଷି ପ୍ରଣାଳୀ ବିକଶିତ କରିବାରେ ଏହା ସହାୟକ ହେବ ।

ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରସ୍ତାବ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର କୃଷି ବିଶ୍ୱ ବିଦ୍ୟାଳୟ ଅଧିନିୟମ ୧୯୯୨ ଅନୁଯାୟୀ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଛି । ଏହି ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଓଡ଼ିଶା ପାଇଁ ଏକ ପରିବର୍ତ୍ତନକାରୀ ହେବ । କୃଷି ଗବେଷଣାକୁ ଆଗକୁ ବଢାଇବ, ଚାଷୀମାନଙ୍କୁ ସଶକ୍ତ କରିବ ଏବଂ ସ୍ଥାୟୀ କୃଷି ପଦ୍ଧତିରେ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । କୃଷି ଓ ଆନୁଷଙ୍ଗିକ



ବୃତ୍ତିକୁ ଲାଭଜନକ ଉଦ୍ୟୋଗରେ ପରିଣତ କରି ଲୋକଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଲାଭଦାୟକ ସାବ୍ୟସ୍ତ ହେବ ।

ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଧୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ଼ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ମତାମତ ଉପସ୍ଥାପନ କରିଥିଲେ ।

# ୨୧ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ବାର୍ଷିକ ଉତ୍ସବ : ରାଜ୍ୟପାଳ ମୁଖ୍ୟ ଅତିଥି

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ପଞ୍ଚମ ବାର୍ଷିକ ଉତ୍ସବ ଆସନ୍ତା ୨୧ ତାରିଖ ଗୁରୁବାର ଦିନ ବାଣୀବିହାର ପରିସରରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏ ସମ୍ପର୍କରେ ପୁରାତନ ଛାତ୍ରସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ ସୂଚନା ଦେଇ କହିଛନ୍ତି ଯେ, ୨୧ ତାରିଖ ଦିନ ସକାଳେ ବିଶ୍ୱବିଦ୍ୟାଳୟ ପ୍ରବେଶ ପଥରେ ଥିବା ମାଆ ସରସ୍ୱତୀଙ୍କ ପ୍ରତିମାରେ ପୁଷ୍ପ ମାଲ୍ୟାର୍ପଣ ସହିତ ଦିବସ ବ୍ୟାପୀ ବାର୍ଷିକ ଉତ୍ସବ ଆରମ୍ଭ ହେବ। ପରେପରେ 'ଗାନ୍ଧୀ ସ୍ଥଳ'ରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ' ପ୍ଲାଷ୍ଟିକ ମୁକ୍ତ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ ' ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିସର ପରିକ୍ରମା କରିବ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ଡକ୍ଟର ମିତାଲୀ ଚିନାରା ଏବଂ କୁଳସଚିବ ଡକ୍ଟର ସ୍ୱାତୀ ମିଶ୍ର ମିଳିତ ଭାବେ ଏହି ଶୋଭାଯାତ୍ରାକୁ ଉଦଘାଟନ କରିବେ।

ଅପରାହ୍ଣ ୫ଟାରୁ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଏମକେସିଜି ଅଡିଟୋରିୟମରେ ମୁଖ୍ୟ ସମାରୋହ ଅନୁଷ୍ଠିତ ହେବ। ପୁରାତନ ଛାତ୍ରସଂଘର ସଭାପତି ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଡକ୍ଟର ସତ୍ୟଜିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଯଜ୍ଞେଶ୍ୱର ଦଣ୍ଡପାଟ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ପୁରାତନ ଛାତ୍ରଛାତ୍ରୀ ଏବଂ ବିଶ୍ୱବିଦ୍ୟାଳୟରେ ଏବେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଉତ୍ସବକୁ ସଫଳ କରିବା ପାଇଁ ସାଧାରଣ ସମ୍ପାଦକ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

# ୪୨ ମୌଜା ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା, (ସବ୍ୟୁ): କଟକ ସଦର ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ନିଜର କର୍ମ ଦକ୍ଷତା ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି । ଏଥି ନେଇ ୪୨ ମୌଜା ସାମ୍ବାଦିକ ସଂଘ ପକ୍ଷରୁ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ସୁକାନ୍ତ କୁମାର ବେଉରା,ଅନିଲ ଦାସ, ନିରଞ୍ଜନ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ଦାସ,ଅଶୋକ ପତି,ଶିବାନୀ ମୁଦୁଲି ଓ ଦିପକ ଆଚାର୍ଯ୍ୟ ପ୍ରମୁଖ ପତ୍ରପତ୍ରିକାର ପ୍ରତିନିଧିମାନେ ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କୁ ସାକ୍ଷାତ କରି ସଓ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।

## ଏ ବର୍ଷ ବଡ଼ଗଡ଼ ଗଣେଶ ପୂଜାରେ ମୁଖ୍ୟ ଆକର୍ଷଣ

# ରୁପାର ପାଦ ଏବଂ ରୁପାର ମୂଷିକ ବାହନ

ଭୁବନେଶ୍ୱର,(ସବ୍ୟୁ) :ବଡଗଡ଼ର ନାମନୁସାରେ ଏଥର ବରଗଡ଼ରେ ଓଡ଼ିଶାର ସର୍ବବୃହତ ଗଣେଶ ମୂର୍ତ୍ତି ୬୧ଫୁଟର ଉଚ୍ଚର ଲାଲବାଗ (ମହାରାଷ୍ଟ୍ର) ଆକୃତିର ପୂଜା ପାଇବେ। ଏହା ସହିତ ଗଣେଷଙ୍କ ଦୁଇ ଗୋଟି ରୁପା ପାଦ ଏବଂ ପାଞ୍ଚ ଫୁଟ ଉଚ୍ଚର ରୁପା ମୂଷିକ ବାହନ ପୂଜା ପାଇବେ। ଶ୍ରୀ ଗଣେଶଙ୍କ ପାଖରେ ୬୧କେଜିର ଲଡୁ ଭୋଗ ଲାଗିବ। ଆୟୋଜକ ବ୍ରାଇଟ ଷ୍ଟାରୟୁଥ ଆସୋସିଏସନ ଓ ବଡଗଡ଼ ଗଣେଶ ମହୋତ୍ସବ ପୂଜା କମିଟି ପକ୍ଷରୁ ରବିବାର ଆୟୋଜିତ ସାମ୍ବାଦିକ ସମିଳନୀରେ ସୂଚନା ଦିଆଯାଇଛି। କଟକର ତ୍ରିସୁଳିଆରୁ ମାଟି ଆଣି କାରିଗର ମୂର୍ତ୍ତି ଗଢୁଛନ୍ତି। ଚଳିତ ବର୍ଷ ଗଣେଶ ପୂଜାରେ ୨୫ରୁ ୩୦ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ଏହି ପୂଜା ୭ ଦିନ ଚାଲିବ। ପୂଜାମଣ୍ଡପରେ ଜର୍ମାନର ହ୍ୟାଙ୍ଗର ସେଡ, ମିନି ପାଗୋଡାର ନିର୍ମାଣ କରାଯିବ। ବରଗଡ଼ର ଗଣେଶ ପୂଜା ମଣ୍ଡପ, ଗ୍ରାମ ଛକରୁ କଳ୍ପନା ଛକ ଯାଏ ଆଲୋକମାଳରେ ଝଲସି ଉଠିବ। ପୂଜାମଣ୍ଡପରେ ଦିବ୍ୟାଙ୍ଗ ଓ ବୟସ୍କଙ୍କ ଦର୍ଶନ ପାଇଁ ହୁଇଲ ଚେୟାର ଓ ବ୍ୟାଟେରୀ ଚାଳିତ ଗାଡିର ସୁବିଧା କରାଯାଇଛି। ସୋମବାର ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କମିଟି ସମ୍ପାଦକ ସଂଗ୍ରାମ ମାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା,ସୁଜ୍ଞାନୀ ମହାପାତ୍ର, ବର୍ଣାଲୀ ହୋତା, ଦେବେଶ ପତି ପ୍ରମୁଖ ସଂଗୀତ ମହାକୁମ୍ଭରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ କମିଶନରେଟ ପୁଲିସ ସହଯୋଗ କରିବ ବୋଲି ଜଣାପଡିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




# ଭାରତ ମସଲା ପକ୍ଷରୁ ସ୍ୱାଧୀନତା ଦିବସ ପାଳନ




କଟକ,(ସବ୍ୟୁ):ଭାରତ ମସଲା ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ବାରଙ୍ଗ ରାମଦାସପୁର ସ୍ଥିତ କମ୍ପାନୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଭାରତୀୟ ନୌ -ସେନାର ଅବସରପ୍ରାପ୍ତ କମାଣ୍ଡର ଏସ ଏନ ମହାନ୍ତି ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତାରେ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କର ସ୍ମୃତିଚାରଣ କରିଥିଲେ । ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ଏଥିରେ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମରେ ସଙ୍ଘର୍ଷ କରିଥିବା ସଂଗ୍ରାମୀ ମାନଙ୍କୁ ଭକ୍ତିପୂତ ନମନ ଜଣାଇ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ପ୍ରତିଜ୍ଞାବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ନିର୍ଦ୍ଦେଶକ ଦିଗନ୍ତ ପଣ୍ଡା ,ଜିଏମ ଅଶ୍ୱିନୀ ଦାସ, ଜିଏମ ଅପରେସନ ଅରୁଣ ନାୟକ, ଜିଏମ ପ୍ରଡ଼କ୍ସନ ନବକୃଷ୍ଣ ପ୍ରଧାନ, ପିଆରଓ ଆଶିଷ ମନ୍ଥନଙ୍କ ସମେତ କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆର୍ଯ୍ୟ ସମାଜରେ ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ ଉଦ୍ଯାପିତ

ଭୁବନେଶ୍ୱର, (ସବ୍ୟୁ): ବେଦାନୁକୂଳ ଆଚରଣ ହିଁ ଧର୍ମ ଓ ବେଦର ପ୍ରତିକୂଳ ଆଚରଣ ହିଁ ଅଧର୍ମ ବୋଲି ବିଶିଷ୍ଟ ବେଦ ବିଦ୍ୟାନ ଓ ବେଦ ଗବେଷକ ଓ ପ୍ରବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ଆର୍ଯ୍ୟ ସମାଜରେ ଶ୍ରାବଣ ପୂର୍ଣ୍ଣିମା ଠାରୁ ୭ ଦିନ ଧରି ଚାଲୁଥିବା 'ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ'ର ଉଦଯାପନ ଉତ୍ସବରେ ଯୋଗଦେଇ ବୈଦିକ ପ୍ରବକ୍ତାମାନେ ଏହା ପ୍ରକାଶ କରିବା ସହ ବେଦ ଓ ବୈଦିକ ବିଚାର ପ୍ରତି ଶ୍ରଦ୍ଧାଭାବ ପୋଷଣ କରିବାକୁ ଆହ୍ୱାନ ଦେଇଥିଲେ । ଆଶୀର୍ବଚନ ପ୍ରଦାନ କରିଥିଲେ । ସଭାପତି ଙ୍କ ପ୍ରିୟବ୍ରତ ଦାସ । ଗୁଜୁରାଟ, ଗୋଳଡ଼ରୁ ଆସିଥିବା ବେଦ ପ୍ରବକ୍ତା ଯୋଗେଶ ଶର୍ମା କହିଲେ ଯେ, ଜ୍ଞାନ ପ୍ରାପ୍ତ କରିବାକୁ ବେଦରେ ପ୍ରବୃତ୍ତ ହେବାକୁ ହେବ । 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ଋଗବେଦର ମନ୍ତ୍ର ବ୍ୟାଖ୍ୟା କରିଥିଲେ । ଆର୍ଯ୍ୟସମାଜର ଉପ-ସଭାପତି ଙ୍କ ବ୍ରଜବନ୍ଧୁ ପଣ୍ଡା ବେଦାନୁକୂଳ ଆଚରଣ ହିଁ ଆନନ୍ଦର ସ୍ରୋତ ବୋଲି କହିଥିଲେ । ସମ୍ପାଦକ ବୀରେନ୍ଦ୍ର କର ' ଶ୍ରାବଣୀ ଉପାକର୍ମ' ଓ 'ବେଦ ସ୍ୱାଧ୍ୟାୟ ପର୍ବ'ର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ । ଶ୍ରୀମତୀ ଶମ୍ଭୋଦେବୀ, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ସଦସ୍ୟା ବନ୍ଦନା ମିଶ୍ର ବେଦ ମନ୍ତ୍ର ବ୍ୟାଖ୍ୟା କରିଥିଲେ। ଉଦଯାପନ ଉତ୍ସବ ପୂର୍ବରୁ ଉପସଭାପତିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ୭ ଦିନ ଧରି ଯଜ୍ଞ ପରିଚାଳନା କରିଥିଲେ ନୂଆପଡ଼ାସ୍ଥିତ ଆମସେନା ଗୁରୁକୁଳର ବ୍ରହ୍ମଚାରୀ । ଶ୍ରାବଣୀ ଉପାକର୍ମ ଅବସରରେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ, ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସନ୍ଦୀପନା ପତି, ରୋଜଡ଼ର ବେଦ ପ୍ରବକ୍ତା ଯୋଗେଶ ଶର୍ମା, ବିଶିଷ୍ଟ ବୈଦିକ ବିଦ୍ୱାନ ବୀରେନ୍ଦ୍ର କୁମାର ପଣ୍ଡା, ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଲୋପାମୁଦ୍ରା ରାଉଳ, 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ଜଗନ୍ନାଥ ପାଢ଼ୀ, ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଶ୍ରବଣ କୁମାର ମିଶ୍ର ଓ ଅଞ୍ଜନା ମିଶ୍ର, ରୋଟାରୀ କ୍ଲବର ଯଜ୍ଞାଶୀଷ ମହାପାତ୍ର, ଉତ୍କଳ ଆର୍ଯ୍ୟ ପ୍ରତିନିଧ ସଭାର ସମ୍ପାଦକ ଦୁଷ୍ମନ୍ତ କିଶୋର ସ୍ୱାଇଁ, ଡାକ୍ତର କାମଦେବ ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




# ଚନ୍ଦ୍ରଶେଖରପୁର ଜବରଦଖଲ ହଟିଲା

ଭୁବନେଶ୍ୱର, (ସବ୍ୟୁ): ଚନ୍ଦ୍ରଶେଖରପୁର ମୌଜା ଅନ୍ତର୍ଗତ ପ୍ଲଟ ନଂ.୩୨୧ରେ ହୋଇଥିବା ଜବରଦଖଲକୁ ଉଚ୍ଛେଦ କରିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଏଥିରେ ପ୍ରାୟ ୩୪୧ ଡିସିମିଲ ଜମିକୁ ଜବରଦଖଲ କରି ଘର ତିଆରି କରିଥିଲେ ଜବରଦଖଲକାରୀ । ସାଧାରଣ ପ୍ରଶାସନ ବିଭାଗ(ଜିଏ) ଅତିରିକ୍ତ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବଙ୍କ ରିକ୍ୟୁଜିସନ୍‌କ୍ରମେ ଏହି ପ୍ଲଟକୁ କିଛି ବ୍ୟକ୍ତି ଜବରଦଖଲ କରି ଘର ତିଆରି କରି ଭଡା ଲଗାଇଥିଲେ। ସୋମବାର ବିଡିଏ ଉଚ୍ଛେଦକାରୀ ଦଳ ୧,୨,୩,୪,୫ ଓ ୬ ଉକ୍ତ ଜମିରେ ହୋଇଥିବା ବେଆଇନ ନିର୍ମାଣକୁ ମାଟିରେ ମିଶାଇ ଦେଇଛି। ଏହି ଉଚ୍ଛେଦରେ ୪ଟି ଛାତ ଘର, ୩ଟି ଲୁହା ଗେଟ୍, ଦୁଇଟି ଶୌଚାଳୟ, ଦୁଇଟି ଅର୍ଦ୍ଧନିର୍ମିତ ଘର, ଦୁଇଟି ପାଣି ଟାଙ୍କୀ ସହିତ ୧୦୦ ଫୁଟ ଲମ୍ବର ଫେନ୍ସ ଭଙ୍ଗା ଯାଇଛି। ପ୍ରାୟ ୩୨୭ ଡିସିମିଲ ଜମିକୁ ଦବରଦଖଲମୁକ୍ତ କରାଯାଇଛି। ଏହି ଉଚ୍ଛେଦ କାର୍ଯ୍ୟ ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଯାଇନଥିଲା। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଓ ବିଡିଏ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।




## ଓୟୋ ହୋଟେଲରେ ଚଢାଉ

# କେରଳର ୨ ଗିରଫ, ୩୮ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : ଜାଗମରା ଅଞ୍ଚଳରେ ଥିବା ଓୟୋ ହୋଟେଲ ନନ୍ଦନରେ ଖଣ୍ଡଗିରି ଥାନା ପୋଲିସ ଚଢାଉ କରି କେରଳର ଦୁଇଜଣଙ୍କୁ ଗିରଫ କରିବା ସହ ରୁମ୍ ଭିତରେ ରଖିଥିବା ୩୮ କେଜି ୬୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି । ଗିରଫ ଦୁଇଜଣ ହେଲେ ମହମ୍ମଦ ଆସିଫ୍ ଓ ସବିଥ୍ କୋଭିଲକମ୍ ସଦାନନ୍ଦନ । ନିର୍ଭରଯୋଗ୍ୟରୁ ସୂଚନା ପାଇ ପୋଲିସ ଓୟୋରେ ଚଢାଉ କରିବା ପରେ ଗିରଫ କରିଥିବା ଦୁଇଜଣଙ୍କ ନିକଟରୁ ଦୁଇଟି ଜରିବସ୍ତା ଜବତ ହୋଇଥିଲା । ଜବତ ଜରି ବସ୍ତାରେ ୩୦ ପ୍ୟାକେଟ୍ ଲେଖାଏଁ ଚୋରା ଗଞ୍ଜେଇ ଥିବା ପୋଲିସ କହିଛି । ଗିରଫ ଦୁଇଜଣ ବ୍ରହ୍ମପୁର ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ବେଙ୍ଗାଲୁରୁ ନେଇଥିଲେ ଭାୟା ଭୁବନେଶ୍ୱର । ଟ୍ରେନ୍‌ରେ ଯିବା ପାଇଁ ଓୟୋରେ ଅଟକିଥିବା ବେଳେ ଗଞ୍ଜେଇ ବାସ୍ନା ପାଇବା ପରେ ପୋଲିସକୁ ଖବର କରିଥିଲେ ଲୋକେ । ଗିରଫ ଆସିଫ୍ ଓ ସବିଥ୍‌କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

# ନାଟ୍-ପିସିଆର ସପକ୍ଷରେ ବିଶେଷଜ୍ଞଙ୍କ ରିପୋର୍ଟ ଉପସ୍ଥାପନ

କଟକ,(ସବ୍ୟୁ): ରାଜ୍ୟର ବାକି ରହିଯାଇଥିବା ୪୫ଟି ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର(ନିଉକ୍ଲିକ୍ ଏସିଡ୍ ଆମ୍ପିଫିକେସନ୍ ଟେଷ୍ଟ -ପଲିମର ଚେନ୍ ରିଆକ୍ସନ୍) ପରିବର୍ତ୍ତେ ନାଟ୍ ଆଇଡି ପରୀକ୍ଷା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲାବେଳେ ଏହାକୁ ବିରୋଧ କରି ଆଜି ଆବେଦନକାରୀ ଆଇନଜୀବୀ ତଥା ମାନବାଧିକାର କର୍ମୀ ତିନୋଟି ବିଶେଷଜ୍ଞଙ୍କ ରିପୋର୍ଟ ଅଦାଲତରେ ଉପସ୍ଥାପନ କରିଛନ୍ତି। ଏହି ସମସ୍ତ ରିପୋର୍ଟରେ ନାଟ୍ ପିସିଆର ଟେଷ୍ଟ ଭଲ ବୋଲି କୁହାଯାଇଛି । ଉକ୍ତ ରିପୋର୍ଟ ଆଧାରରେ ଆବେଦନକାରୀ ସମସ୍ତ ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର ପରୀକ୍ଷା ବ୍ୟବସ୍ଥା କରିବା ଲାଗି ଅଦାଲତ ଅନୁମତି ଦେବାକୁ ପ୍ରାର୍ଥନା କରିଛନ୍ତି। ଏଥିସହ ୯ ମାସରେ ଏହି ପ୍ରକ୍ରିୟା ଶେଷ ପାଇଁ ସ୍ୱାସ୍ଥ୍ୟ ବିଭାଗ ଯେଉଁ ସମୟ ମାଗିଛି ଏହା ପୂର୍ବରୁ କାମ ଶେଷ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ଏହି ଜବାବ ଉପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୨ କୁ ଧାର୍ଯ୍ୟ ହୋଇଛି। ଏଚ୍‌ଆଇଭି ସଂକ୍ରମିତ ବ୍ଲଡ ଜାଣିବା ଲାଗି ନାଟ୍-ପିସିଆରର ଆବଶ୍ୟକତା ରହିଛି। ରାଜ୍ୟର ବିଭିନ୍ନ ରକ୍ତ ସଂଗ୍ରହ କେନ୍ଦ୍ରରେ ଏହି ସୁବିଧା ନଥିବାରୁ ଆବେଦନକାରୀ ଶ୍ରୀ ଦାସ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ, ରଜ୍ୟରେ ୫୬ଟି ରକ୍ତ ସଂଗ୍ରହ କେନ୍ଦ୍ର ରହିଛି । ସେଥିରୁ ୧୧ଟି ମୁଖ୍ୟ ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର ପରୀକ୍ଷା କରାଯାଉଛି। ଅନ୍ୟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ବିଭିନ୍ନ ରକ୍ତ ସଂଗ୍ରହ କେନ୍ଦ୍ରରେ ଏହି ପରୀକ୍ଷା ସୁବିଧା ନହେବାରୁ ଆବେଦନକାରୀ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ ।

# ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ : ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, (ସବ୍ୟୁ): କିଟ୍‌ରେ ୫ ଦିନିଆ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଥିବା ୩୧ ଜଣିଆ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳ ଆଜି ସକାଳେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ପରେ ସେମାନେ ଏକ ଆଧ୍ୟାତ୍ମିକ ଶିକ୍ଷଣ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଶିକ୍ଷା ଓ ସଂସ୍କାର, କର୍ମ ଓ ପ୍ରାରବ୍ଧ ଏବଂ ଆର୍ଟ ଅଫ୍ ଗିଭିଂ ଭଳି ୩ଟି ବିଷୟରେ ବୁଝାଇଥିଲେ। ଶ୍ରୀ ସାମନ୍ତ କହିଲେ ବର୍ତ୍ତମାନ ସମୟରେ ଶିକ୍ଷା ସହ ସଂସ୍କାର ଏକାନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନ ସମୟରେ ଜଣେ କେବଳ ଉଚ୍ଚ ଶିକ୍ଷା ପାଇଗଲେ ସେ ସଫଳ ମଣିଷ ହୋଇପାରିବ ନାହିଁ। ଜଣେ ସଫଳ ମଣିଷ ହେବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ସଂସ୍କାର ଜ୍ଞାନ ହାସଲ କରିବାକୁ ହେବ। ମଣିଷ ଯାହା କରେ ତାର ଫଳ ଅବଶ୍ୟ ତାକୁ ପ୍ରାପ୍ତ ହୋଇଥାଏ । ଗୀତା, ରାମାୟଣ ଓ ମହାଭାରତ ଆଖ୍ୟାନ ଜରିଆରେ ଶ୍ରୀ ସାମନ୍ତ ବୁଝାଇ କହିଲେ, ଅନ୍ୟକୁ ଦୁଃଖ ଦେଇ ନିଜେ ସୁଖ ପାଇବା କ୍ଷଣିକ, ମାତ୍ର ଏହାର ପରିଣାମ ପରବର୍ତ୍ତୀ ସମୟରେ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଥାଏ। ଶ୍ରୀ ସାମନ୍ତ କହିଲେ ଆର୍ଟ ଅଫ୍ ଗିଭିଂ ହେଉଛି ଏକ ଜୀବନ ଦର୍ଶନ। ଦେବାରେ ଆନନ୍ଦ ଥାଏ। ତେଣୁ କୌଣସି ଉପାୟରେ ଅନ୍ୟକୁ ସାହାଯ୍ୟ କରିପାରିଲେ ଜୀବନ ସୁଖମୟ ହୋଇଥାଏ ବୋଲି ସେ କହିଥିଲେ। ଭୁଟାନର ବିଭିନ୍ନ ବିଦ୍ୟାଳୟରୁ ୩୦ ଜଣ ବୌଦ୍ଧ ଶିକ୍ଷକ, ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରାଳୟର ଜଣେ ସଂଯୋଜକଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳୀକୁ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଆଧ୍ୟାତ୍ମିକତା, ଆର୍ଟ ଅଫ୍ ଗିଭିଂ, କରୁଣା ଏବଂ ମୂଲ୍ୟ-ଭିତ୍ତିକ ଶିକ୍ଷା ବିଷୟରେ ଜାଣିବା ସହ ଶିକ୍ଷାରେ ସଚେତନତା, କିଶୋର ଭାବପ୍ରବଣତା, ସାମାଜିକ ବିକାଶ, ବ୍ୟକ୍ତିଗତ ଏବଂ ସାମୂହିକ କଲ୍ୟାଣ ପାଇଁ ସାମଗ୍ରିକ ଦୃଷ୍ଟିକୋଣ ଭଳି ବିଷୟବସ୍ତୁ ଉପରେ ଜ୍ଞାନ ଆହରଣ କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୌଦ୍ଧ ଶିକ୍ଷକମାନେ ପାରମ୍ପରିକ ଜ୍ଞାନକୁ ସମସାମୟିକ ଶିକ୍ଷାଗତ ଅଭ୍ୟାସ ସହିତ ମିଶ୍ରଣ କରିବା ଦିଗରେ ସେମାନଙ୍କର ଦକ୍ଷତାକୁ ମଜବୁତ କରିବେ। ଏହା ସହ ଭୁଟାନର ଭବିଷ୍ୟତ ପିଢ଼ି ପାଇଁ ମୂଲ୍ୟ-ଭିତ୍ତିକ, କରୁଣାପୂର୍ଣ୍ଣ ଏବଂ ସାମଗ୍ରିକ ଶିକ୍ଷା ପରିବେଶକୁ ପରିପୁଷ୍ଟ କରିବା ପାଇଁ ଏହି ଶିକ୍ଷକମାନେ ପ୍ରତିବଦ୍ଧ ହେବେ ବୋଲି ସେମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପାଇଁ ଭୁଟାନ କିଟ୍ ଓ କିସ୍‌କୁ ସେମାନଙ୍କର ଅଂଶୀଦାର ଭାବରେ ଗ୍ରହଣ କରିଛି। ଏହା ମୂଲ୍ୟ-ଭିତ୍ତିକ ଶିକ୍ଷା, ମାନବିକ ସେବା, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଜ୍ଞାନ ସହିତ ଆଧୁନିକ ଶିକ୍ଷାବିଜ୍ଞାନକୁ ମିଶ୍ରଣ କରିବା ଦିଗରେ ଏକ ପ୍ରୟାସ। କିଟ୍ ରେ ସେମାନଙ୍କୁ ଏଭଳି ଆଧ୍ୟାତ୍ମିକ ଜ୍ଞାନ ଆହରଣ ସହ ଅଚ୍ୟୁତ ସାମନ୍ତଙ୍କ ସହ ଭାବ ବିନିମୟ କରି ବେଶ ସନ୍ତୋଷ ବ୍ୟକ୍ତ କରିଥିଲେ।



# ମହିଳାଙ୍କ ବେକରୁ ସୁନା ଚେନ ଲୁଟ

ବାଲିପାଟଣା ,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ନାରିଶୋ ଶାସନରେ ଦୁଇ ଜଣ ଦୁର୍ବୃତ ସୁନା ଚେନ ଲୁଟ କରି ଚମ୍ପଟ ମାରିଛନ୍ତି । ନରିଶୋ ଗ୍ରାମର ରବିନାରାୟଣ ଷଡ଼ଙ୍ଗୀଙ୍କ ପନିୀ ସ୍ନେହଲତା ଷଡ଼ଙ୍ଗୀ (୭୧) ସକାଳ ଛଅ ଟାରେ ନିଜ ଗାଁ ଦାଣ୍ଡରୁ ଫୁଲ ତୋଳି ଘରକୁ ଫେରୁ ଥିବା ବେଳେ, ଦୁଇ ଜଣ ଦୃର୍ବୁତ୍ତ ଏକ ହୋଣ୍ଡା ବାଇକରେ ଆସିଥିଲେ । ଜଣେ ଗାଡ଼ିରେ ବସିଥିବା ବେଳେ ଅନ୍ୟ ଜଣେ ଗେଟ ପାଖକୁ ଆସି ନିତ୍ୟାନନ୍ଦ ସାରଙ୍କ ଘର କେଉଁଟା ବୋଲି ପଚାରିଥିଲେ । ସ୍ନେହଲତା ଏମିତି କେହି ଲୋକ ଏଠି ନଥିବା କହିବା ସମୟରେ, ସେ ଗ୍ରିଲକୁ ଧକ୍କା ମାରି ସ୍ନେହଲତାଙ୍କ ବେକରୁ ଦୁଇ ଭରିର ସୁନା ଚେନ ଲୁଟି ନେଇ ପଳାଇ ଥିଲେ । ଏନେଇ ପରିବାର ପକ୍ଷରୁ ବାଲିପାଟଣା ଥାନା ରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳକୁ ଆସି ତଦନ୍ତ ଚଳାଇଛି ଓ ଦୃର୍ବୁତ୍ତ ମାନେ ଫେରାର ଅଛନ୍ତି ।

## ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଟିମ୍

# ଅପରାହ୍ଣ ସୁଦ୍ଧା ୨୫୦ରୁ ଅଧିକ ରୋଗୀ ତାଲିକାଭୁକ୍ତ

ଭୁବନେଶ୍ୱର/କଟକ (ସବ୍ୟୁ): ମାଲକାନଗିରି ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ସୋମବାର ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ବିଶେଷଜ୍ଞ ଟିମ୍ ମାଲକାନଗିରି ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଞ୍ଚିଛନ୍ତି । ଏହି ଟିମ୍ ସେଠାରେ ୨୧ ତାରିଖ ପର୍ଯ୍ୟନ୍ତ ରହି ବିଶେଷଜ୍ଞ ସେବା ଓ ଚିକିତ୍ସା ଯୋଗାଇବେ । ଲାପ୍ରୋସ୍କୋପି ସର୍ଜରୀ ବିଭାଗର ବରିଷ୍ଠ ଡାକ୍ତର ଜ୍ୟୋର୍ତିମୟ ନାୟକ, ନେଫ୍ରୋଲୋଜି ବିଭାଗର ଡାକ୍ତର ଡି. ଲେଙ୍କା, ନ୍ୟୁରୋଲୋଜି ବିଭାଗର ଡାକ୍ତର ଏସ୍. ସାହୁ ଏବଂ ଡାକ୍ତର ରାଜ ମହାପାତ୍ରଙ୍କ ସମେତ ସହାୟକମାନେ ଆଜି ସକାଳୁ ସେଠାରେ ରୋଗୀଙ୍କର ପ୍ରାରମ୍ଭିକ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଛନ୍ତି । ଆଜି ଅପରାହ୍ଣ ସୁଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୫୦ରୁ ଅଧିକ ରୋଗୀ ବିଶେଷଜ୍ଞ ସେବା ନିମନ୍ତେ ତାଲିକାଭୁକ୍ତ ହୋଇଛନ୍ତ । ଏହି ସଂଖ୍ୟା ଆହୁରି ବଢିବ ବୋଲି ଆକଳନ କରାଯାଉଛି । ଡାକ୍ତରୀ ଟିମ୍ ପ୍ରତି ରୋଗୀଙ୍କର ପ୍ରାଥମିକ ପରୀକ୍ଷା କରି ଚିକିତ୍ସା ନିମନ୍ତେ ସେମାନଙ୍କର ସବିଶେଷ ତଥ୍ୟ ପ୍ରସ୍ତୁତ କରୁଛନ୍ତି । ଆସନ୍ତାକାଲି (ମଙ୍ଗଳବାର) ସିନିୟର୍ ବିଶେଷଜ୍ଞ ଟିମ୍ ପହଞ୍ଚିବା ପରେ ରୋଗୀଙ୍କର ଆବଶ୍ୟକୀୟ ଚିକିତ୍ସା ଓ ଅସ୍ତ୍ରୋପଚାର ଆଦି କରାହେବ ।



ଏପରି ଉଚ୍ଚମାନର ଚିକିତ୍ସା ସୁବିଧା ମାଲକାନଗିରି ଜିଲ୍ଲା ଭଳି ଉପାନ୍ତ ଅଞ୍ଚଳରେ ପହଞ୍ଚି ଥିବାରୁ ଜିଲ୍ଲାର ବୁଦ୍ଧିଜିବୀମାନେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସଡକ ଦୁର୍ଘଟଣାରେ ଝିଅ ମୃତ, ଅଳ୍ପକେ ବର୍ତ୍ତିଲେ ବାପା ଓ ଭାଇ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ଡିଆରଡିଏ ଛକ ନିକଟ ଜାତୀୟ ରାଜପଥରେ ଟ୍ରକ ଦୁର୍ଘଟଣାରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିବା ବେଳେ ବାପା ଓ ଦୁଇ ଭାଇ ଅଳ୍ପକେ ବର୍ତି ଯାଇଛନ୍ତି । ମୃତ ନାବାଳିକା ଜଣକ ହେଲେ କାଳିଆବାଲିର ଅବସରପ୍ରାପ୍ତ ଆର୍ମି ଏସ୍. ଦେବରାଜ ରେଡ୍ଡୀଙ୍କ ଝିଅ ଏସ୍. ସୃତି ରେଡ୍ଡୀ(୧୫) । ସୂଚନା ମୁତାବକ ଦେବରାଜ ନିଜ ସ୍କୁଟି ଯୋଗେ ଦୁଇ ପୁଅ ଓ ଝିଅକୁ ବସାଇ କାଳିଆବାଲିରୁ ଛତ୍ରପୁର ଟିଉ୍ୟୁସନ ଛାଡିବାକୁ ଯାଉଥିଲେ । ସ୍ଥାନୀୟ ଡିଆରଡିଏ ଛକରୁ ଛତ୍ରପୁର ଅଭିମୁଖେ ବୁଲିବା ସମୟରେ ଏକ ଗାଡି ତାଙ୍କୁ ଅତିକ୍ରମ କରିଥିବାରୁ ସ୍କୁଟି ଚାଳକ ଭାରସ୍ୟାମ ହରାଇ ରାଜପଥରେ ପଡିଯାଇଥିଲେ । ସେହି ସମୟରେ ପଛପଟୁ ଏକ ଟ୍ରକ ଓଡି୦୨ ସିଏମ୩୧୬୫ ର ଚକତଳେ ଝିଅ ସୃତି ପଡିଯାଇଥିଲା ଓ ଅନ୍ୟମାନେ ରାସ୍ତାରେ ଛିଟିକି ପଡିଥିଲେ । ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ମେଡିକାରେ ଭର୍ତି କରାଯାଇଥିବା ବେଳେ ଡାକ୍ତର ସୃତିକୁ ମୃତ ଘୋଷଣା କରିଥିଲେ । ଦୁଇ ଭାଇ ଏସ୍.ବିକାଶ ଓ ଏସ.ଲୋକେଶ ଏବଂ ବାପା ଏସ.ଦେବାରାଜ ବର୍ତି ଯାଇଥିଲେ । ଏସ୍, ସୃତି କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିବା ଜଣାପଡିଛି । ଖବର ପାଇ ଛତ୍ରପୁର ମେଡିକାଲରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏବଂ ଛତ୍ରପୁର ଏସଡିପିଓ ଅନ୍ୟାନ୍ୟ ଅଧିକାରୀମାନେ ପହଁଚି ଥିଲେ । ପୁଲିସ ଟ୍ରକକୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି । ମେଡିକାଲରେ ପହଂଚି ଶବକୁ ମଧ ଜବତ କରି ମୃତ ଦେହକୁ ଜବତ କରି ବ୍ୟବଛେଦ ପାଇ ପଠାଇଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ।

# ଆଇନ ସଚେତନତା ଶିବିର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ତାଲୁକା ଆଇନ ସେବା କମିଟି ପକ୍ଷରୁ ବିରଞ୍ଚିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜେଏମଏଫସି କୋର୍ଟର ବିଚାରପତି ସୁଧାଶ୍ରୀ ସୁରଝାଲିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡ଼ା ପୋଲିସ ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକ, ସମ୍ପାଦକ ସିମାଞ୍ଚଳ ନନ୍ଦ, ସରକାରୀ ଓକିଲ ରବିନ୍ଦ୍ର କୁମାର ପଣ୍ଡା, ଓକିଲ ପ୍ରଭାତ ଜେନା ଓ ଭକ୍ତରାମ ଦାସ, ସରପଞ୍ଚ ମନ୍ଦାକିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା ।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅମଲା ସଂଘର ଧାରଣା

ଭଞ୍ଜନଗର, (ସବ୍ୟୁ): ଗତ ଅଗଷ୍ଟ ୧୧ ତାରିଖରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ୯ ଦଫା ଦାବି ନେଇ ସମୂହ ଛୁଟିରେ ଅଛନ୍ତି ପ୍ରାୟ ୧୦ ହଜାର ଅମଲା । ରାଜ୍ୟ ସଂଘର ଆହ୍ୱାନ କ୍ରମେ ଗଞ୍ଜାମ ଜିଲ୍ଲାରେ ମଧ ଏହି ଆନ୍ଦୋଳନ ଚାଲିଥିବା ବେଳେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରୁ ୬ଶହରୁ ଅଧିକ ରାଜସ୍ୱ ଅମଲା କର୍ମଚାରୀ ପ୍ରବଳ ବର୍ଷାକୁ ଖାତିର ନକରି ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଛନ୍ତି । ସରକାର ସେମାନଙ୍କ ଦାବି ନ ଶୁଣିଲେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବାକୁ ନିଷ୍ପତି ନେଇଛି ଅମଲା ସଂଘ । ସେମାନଙ୍କ ଦାବି ମଧ୍ୟରେ ମୂଳ ଦରମା ଓଆରଏସ ପି- ୨୦୧୭ ନିୟମ ଅନୁଯାୟି ଲେବେଲ- ୯ ବୃଦ୍ଧି କରିବା, ନୂତନପଦ ସୃଷ୍ଟି ଓ ପଦବୀ ପୁନର୍ଗଠନ, ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟକୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲା ମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସମେତ ଅନ୍ୟାନ୍ୟ ଦାବି ନେଇ ଏହି ଆନ୍ଦୋଳନ ଚାଲିଛି । ଯେତେଦିନ ପର୍ଯ୍ୟନ୍ତ ସରକାର ଏସବୁ ଦାବି ମାନି ନାହାନ୍ତି ସେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଅମଲା ମାନଙ୍କ ଆନ୍ଦୋଳନ ଯୋଗୁଁ ରାଜସ୍ୱ କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଛି । ଫଳରେ ବହୁ ସାଧାରଣ ଲୋକେ ହଇରାଣ କରକତ ହେଉଛନ୍ତି । ଏଥିପାଇଁ ସରକାର ଓ ରାଜସ୍ୱ ମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି ଅମଲା ସଂଘ । ଏଥିରେ ଓଡିଶା ରାଜସ୍ୱ ଅମଲା ସଂଘ ଗଞ୍ଜାମ ଜିଲା ସଭାପତି ପିଏସ୍. ରଜନୀକାନ୍ତ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ବେହେରା, ସାଙ୍ଗଠନିକ ସମ୍ପାଦକ ସୁରେଶ ରେZI, ରାମକୃଷ୍ଣ ମହାନ୍ତିଙ୍କ ସମେତ ଭଞ୍ଜନଗର ଉପଖଣ୍ଡର ସମସ୍ତ ଅମଲା ସହଯୋଗ କରିଥିଲେ ।

# ବେପରୁଆ କାର୍ ଚାଳନାରୁ ସିରିଜ୍ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଲୋକେ

ଭଂଜନଗର, (ସବ୍ୟୁ): ଦୋକାନ ଭିତରକୁ ମାଡ଼ିଗଲା ଚଳନ୍ତା କାର । ସିରିଜ୍ ଦୁର୍ଘଟଣା ଘଟାଇ ଏକା ସାଙ୍ଗରେ ୪ ବାଇକ୍ ଏବଂ ଗୋଟିଏ ଅଟୋକୁ ଧକ୍କା ଦେଲା । ପରେ ରାସ୍ତା କଡ଼ରେ ରହିଥିବା ଗୋଟିଏ ଟ୍ରକ୍ କୁ ମଧ ଧକ୍କା ଦେଇଥିଲା । ଗୋଟିଏ ଅଟୋ ଏବଂ ଦୁଇଟି ବାଇକ୍ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ, କୌଣସି ଲୋକ ଆହତ ହୋଇନାହାନ୍ତି । କେବଳ କାର୍ ଡ୍ରାଇଭର ହିଁ ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ବଜାର ଉପରେ ଘଟିଛି ଏଭଳି ଭୟଙ୍କର ଦୁର୍ଘଟଣା । ଓଡି ୩୩ ଏସ୍ ୭୪୯୩ ନମ୍ବର କାର୍ ଟି ବ୍ରହ୍ମପୁରରୁ ଭଂଜନଗର ଅଭିମୁଖେ ଯାଉଥିଲା । ଡ୍ରାଇଭର ଜଣକ କହିବା ପ୍ରକାରେ, ଆଖି ଲାଗିଯିବାରୁ ଏଭଳି ସିରିଜ୍ ଦୁର୍ଘଟଣା ଘଟିଲା । ତେବେ ଖବର ପାଇ ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସମସ୍ତ ଗାଡି ଗୁଡ଼ିକୁ ଜବତ କରିବା ସହ କାର୍ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି ।

## ପିଆରଏମ୍ ମେଡିକାଲରେ

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ଫାଟକରେ ଲେଖାଯାଉ ସାନ୍ତାଳୀ ଭାଷା



## ମାସାଆର୍ମୀର ଦାବିପତ୍ର

ବାରିପଦା, (ସବ୍ୟୁ) : ଦୀର୍ଘ ବର୍ଷ ଆନ୍ଦୋଳନ ପରେ ମୟୂରଭଞ୍ଜରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି ଏବଂ ଏହାର ନାମ କରଣ କରାଯାଇଛି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ମେଡିକାଲ କଲେଜ ନାମକରଣ କରାଯାଇଥିଲେ ମଧ ତାଙ୍କର ପ୍ରତିମୂର୍ତ୍ତି ମେଡିକାଲ କଲେଜ ପରିସରରେ ତିଆରି ନହେବା ସାନ୍ତାଳୀ ଓ ଆଦିବାସୀ ସମାଜକୁ ଗଭୀର ଆଘାତ ଦେଇଥିବାରୁ ମାସାଆର୍ମୀ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଯେଉଁ ଉପଲବ୍ଧି ପାଇଁ ସରକାର ତାଙ୍କୁ ସମ୍ମାନିତ କରିଛନ୍ତି, ସାନ୍ତାଳୀ ଭାଷାର ଲିପି ସୃଷ୍ଟି ପାଇଁ ସେ ଭାଷାର ଲିପିରେ ମଧ ମୁଖ୍ୟ ଫାଟକ ବୋର୍ଡରେ ଲେଖା ଯାଇ ନାହିଁ ତେଣୁ ଜିଲ୍ଲାପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଭିତ୍ତିଭୂମି ବିକାଶ ସହିତ ମେଡିକାଲ କଲେଜ ପରିସରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଓ ମେଡିକାଲ ମୁଖ୍ୟ ଫାଟକର ବୋର୍ଡରେ ସାନ୍ତାଳୀ ଭାଷାରେ ଲେଖିବାକୁ ଅନୁମୋତି ଦିଆଯାଉ ବୋଲି ମାସାଆର୍ମୀ ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ନିବେଦନ କରିଛନ୍ତି।

# କୁଲାଡରେ ଆଇନ ସଚେତନତା ଶିବିର

କୁଲାଡ଼, (ସବ୍ୟୁ): ଭଞ୍ଜନଗର ତାଲୁକ ଆଇନ ସେବା କମିଟି ଆନୁକୁଲ୍ୟରେ କୁଲାଡ଼ ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେଖ୍ ମହମ୍ମଦ କଏସ ତଥା ଅଧ୍ୟକ୍ଷ, ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ, ସମ୍ମାନୀତ ଅତିଥିଭାବେ ଦେବାଶିଷ ବିଷୋୟୀ, ସବଜଜ୍ ଭଞ୍ଜନଗର, ଭିଏନା ନାୟକ, ଜେଏମଏଫସି ଭଞ୍ଜନଗର, ଉମାଶଙ୍କର ବେହେରା ଉପଜିଲ୍ଲାପାଳ ଭଞ୍ଜନଗର, ଡଃ ଦୀପକ କୁମାର ମିଶ୍ର ଏସଡିପିଓ ଭଞ୍ଜନଗର ଅିନାଶ କୁମାର ମାହାର, ତହସିଲଦାରଭଞ୍ଜନଗର, କେ. କାର୍ତ୍ତିକଦୋରା, ଅତିରିକ୍ତ ତହସିଲଦାର ଭଞ୍ଜନଗର ଏସଆଇ ଲକ୍ଷ୍ମୀଧର ମହାନ୍ତି, ଡଃ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏଥିରେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଭି. ସଂଯୁକ୍ତା ରାଜୁ, ନାଏବ ସରପଞ୍ଚ ସୁନୀଲ କୁମାର ଦାଶ, ପଞ୍ଚାୟତର ଓ୍ୱାର୍ଡ ସଭ୍ୟ, ସଭ୍ୟା ଆରଆଇ ଭଗବାନ ବେହେରା, ଓକିଲ ସୂର୍ଯ୍ୟ ନାରାୟଣ ନାୟକ, ରାମକୃଷ୍ଣ ଦାଶ, ରଞ୍ଜିତ କୁମାର ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଆଡଭୋକେଟ ଅଳକା ମଞ୍ଜରୀ ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ନାଏବ ସରପଞ୍ଚ ସୁନିଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ

# ବାଣିଜ୍ୟ ବିଭାଗରେ ମାର୍କେଟର ଏକଲବ୍ୟ ଶୀର୍ଷକ ଆଲୋଚନା ଚକ୍ର

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କର ଅର୍ଥ ମନ୍ତ୍ରାଳୟ ଓ ଏନ.ଏସ.ଡି.ଏଲ. ସହଭାଗିତାରେ ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ମାର୍କେଟର ଏକଲବ୍ୟ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷା ଡଃ ଆଲବେର୍ଟିନା ତିର୍କୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଡଃ ତିର୍କୀ ନିଜ ବକ୍ତବ୍ୟରେ ବାଣିଜ୍ୟ ସହ ମଣିଷର ସମ୍ପର୍କ, ମହତ୍ତ୍ୱ ଏବଂ ବାଣିଜ୍ୟ ଶିକ୍ଷା କିଭଳି ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଭିନ୍ନ ବିଭାଗରେ କର୍ମ ନିଯୁକ୍ତି ସୃଷ୍ଟି କରୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ନିଜ ବକ୍ତବ୍ୟରେ ଭାରତର ଅର୍ଥନୀତି, ବିଶ୍ୱ ବଜାରରେ ଲାଗି ରହିଥିବା ଅସ୍ଥିରତା ଓ ଭାରତର ପୁଞ୍ଜି ବଜାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରଶାସନିକ ମୁଖ୍ୟ ଡଃ ପ୍ରିୟବ୍ରତ ବେହେରା ପ୍ରାଚୀନ କାଳରୁ ସଭ୍ୟତା ସହିତ ବାଣିଜ୍ୟର ସମ୍ପର୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ବିଷୟ ବିଶେଷଜ୍ଞ ଭାବେ ଏନ.ଏସ. ଡି.ଏଲ. ର ପ୍ରତିନିଧି ନିହାରିକା ଗୁପ୍ତା ଭାରତର ସେୟାର ବଜାର ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବିଭାଗୀୟ ସହକାରୀ ପ୍ରଫେସର ଭୀମଚରଣ ମୁର୍ମୁ, ସୀମା ଅଗରଓ୍ୱାଲ ଓ ଡଃ ଅନାମ ଚରଣ ରାଉଳ ବାଣିଜ୍ୟ କ୍ଷେତ୍ରରେ ଆଗାମୀ ସମୟରେ ଆସୁଥିବା ସଙ୍କଟର କିଭଳି ସମ୍ମୁଖୀନ କରିହେବ ସେ ସମ୍ବନ୍ଧରେ ମତପ୍ରକାଶ କରିଥିଲେ । ଶେଷରେ ଗତ ୨୦୨୨ ଅଗଷ୍ଟ ମାସରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସହକାରୀ ପ୍ରଫେସର ମନୀଷା ଶର୍ମାଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦ୍ଦୋସ, ସୁଜାତା ବେହେରା, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା, ଅମ୍ରିତା ମହାନ୍ତି ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସହକାରୀ ପ୍ରଫେସର ଭୀମଚରଣ ମୁର୍ମୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଲାଲଙ୍କ କବଜାରେ ଚିକିଟି ତହସିଲ ଓ ଉପ-ନିବନ୍ଧ କାର୍ଯ୍ୟାଳୟ

ବ୍ରହ୍ମପୁର, (ସବ୍ୟୁ): ଚିକିଟି ତହସିଲ ଓ ଉପ-ନିବନ୍ଧ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ରୂପେ ଦଲାଲ ମାନଙ୍କ କବଜାରେ ରହିଛି । ତହସିଲ କାର୍ଯ୍ୟାଳୟରେ ଜମିପଟ୍ଟା, ସିମା ନିର୍ଦ୍ଧାରଣ, ମାଜିଷ୍ଟ୍ରେଟଙ୍କ ଦ୍ୱାରା ହେଉଥିବା ସତ୍ୟପାଠ, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର, ରାଜସ୍ୱ ମାମଲାର ପ୍ରାମାଣିକ ପ୍ରତିଲିପି ବାହାର କରିବା ସେହିପରି ଉପ -ନିବନ୍ଧ କାର୍ଯ୍ୟାଳୟରେ ଜମି କ୍ରୟ ଓ ବିକ୍ରୟ ଦସ୍ତାବିଜ, ଇଛାପତ୍ର ଓ ବିବାହ ପଞ୍ଜୀକରଣ ଇତ୍ୟାଦି ଇତ୍ୟାଦି ସ୍ଥାନୀୟ ଦଲାଲମାନଙ୍କୁ ନଧରିଲେ କିଛି କାମ ହେଉ ନାହିଁ । ଏମାନଙ୍କ ମଧୁଚନ୍ଦ୍ରିକା ସ୍ଥାନୀୟ କିରାଣୀ ଓ ତହସିଲଦାରଙ୍କ ସହିତ ରହିଛି ବୋଲି ଅଭିଯୋଗ ହେଉଛି । ଏମାନେ ମୋଟା ଅଙ୍କର ଟଙ୍କା ଜନସାଧାରଣଙ୍କ ଠାରୁ ଲୁଟୁଛନ୍ତି । ଏମାନଙ୍କ ତହସିଲ ଓ ଉପ -ନିବନ୍ଧ କାର୍ଯ୍ୟାଳୟ ଭିତରକୁ ଅବାଧ ପ୍ରବେଶ ରହୁଛି । ଯେଉଁ କାମ ଆଇନଜୀବୀ ମାନଙ୍କ ଦ୍ୱାରା ହେବାକଥା ସେ କାମ ଗୁଡ଼ିକ ଏହି ଦଲାଲ ମାନଙ୍କ ଦ୍ୱାରା କରାଯାଉଛି । ତେଣୁ ମାନ୍ୟବର ଗଞ୍ଜାମ ଜିଲ୍ଲପାଳ ଭି. କିର୍ତି ଭାସନଙ୍କୁ ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ କୁମାର ପଟ୍ଟନାୟକ ଜଣାଇଛନ୍ତି । ଚିକିଟି ତହସିଲ ଓ ଉପ -ନିବନ୍ଧ କାର୍ଯ୍ୟାଳୟର ପରିସର ଭିତରୁ ଦଲାଲମାନଙ୍କ ଅବାଧ ପ୍ରବେଶକୁ ବନ୍ଦ କରାଯାଉ, ବିନା ପରିଚୟ ପତ୍ରରେ କାହାରିକୁ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରାନଯାଉ । ଯେଉଁମାନେ ନିଜକୁ ଓକିଲ ବୋଲି କହି ଦଲାଲି କରୁଛନ୍ତି ସେମାନଙ୍କର ପରିଚୟ ପତ୍ର ଯାଞ୍ଚ ନିୟମିତ କରାଯାଉ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି ।

## ପୋଲିସକୁ ପୁଣି ସଫଳତା

# ଅପହୃତ ଗ୍ରାନାଇଟ ମ୍ୟାନେଜରଙ୍କୁ ଆନ୍ଧ୍ରରୁ ଉଦ୍ଧାର, ୭ ଗିରଫ



ପାରଳାଖେମୁଣ୍ଡି, (ସବ୍ୟୁ): ପାରଳାଖେମୁଣ୍ଡି ପୋଲିସକୁ ପୁଣି ଏକ ବଡ଼ ସଫଳତା ମିଳିଛି । ଗ୍ରାନାଇଟ ମ୍ୟାନେଜରଙ୍କୁ ଅପହରଣ କରିନେବା ସହ ୧୦ ଲକ୍ଷ ଟଙ୍କା ଦାବି କରିବା ଘଟଣାରେ ପୋଲିସ ୭ ଜଣଙ୍କୁ ଆନ୍ଧ୍ରରୁ ଗିରଫ କରିଛି । ଗ୍ରାନାଇଟ ମ୍ୟାନେଜରଙ୍କୁ ମଧ ପୋଲିସ ଉଦ୍ଧାର କରିଥିବା ସୂଚନା ମିଳିଛି । ପ୍ରକାଶଯେ, ପାରଳାଖେମୁଣ୍ଡି ସହର ଉପକ=ର ଡାମଣୀ ଗ୍ରାମରେ ଥିବା ଶ୍ରୀହରି ଗ୍ରାନାଇଟର ମ୍ୟାନେଜର ଧର୍ମେନ୍ଦ୍ର କୁମାରଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରି ନେଇଥିଲେ । ତାଙ୍କୁ ମୁକ୍ତ କରିବା ପାଇଁ ୧୦ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଦାବି କରିଥିଲେ । ଏହି ଘଟଣାଟି ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ହେବାପରେ ଥାନା ଆଇଆଇସି ପ୍ରଶାନ୍ତ ଭୂପତି ଘଟଣା ନେଇ ସବୁ ଦିଗରୁ ସୁଚିନ୍ତିତ ଭାବେ ଅନୁଧାନ କରି ତଦନ୍ତ କରିଥିଲେ । ଏଥିରେ ପୋଲିସକୁ ସମ୍ପୂର୍ଣ୍ଣ ସଫଳତା ମିଳିଥିଲା । ଅପହୃତ ଗ୍ରାନାଇଟ ମ୍ୟାନେଜର ଧର୍ମେନ୍ଦ୍ର କୁମାରଙ୍କୁ ପୋଲିସ ଅକ୍ଷତ ଅବସ୍ଥାରେ ଆନ୍ଧ୍ରର ବିଜୟନଗର ଠାରୁ ଉଦ୍ଧାର କରିବା ସହ ଅପହରଣ କରିଥିବା ୭ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଏସପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଏହି ଅପହରଣ ଘଟଣାରେ ବ୍ୟବହୃତ ୨ ଗୋଟି କାର, ୨୫ ହଜାର ଟଙ୍କା ସମେତ ସମସ୍ତଙ୍କ ଠାରୁ ମୋବାଇଲକୁ ଜବତ କରାଯାଇଛି ।

# ପିସିପୁର ବିଦ୍ୟାଳୟର ଅନ୍ତେବାସୀ ପାଳନ କଲେ ଜନ୍ମାଷ୍ଟମୀ



ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ଓ୍ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସର ଅନ୍ତେବାସୀଙ୍କ ଦ୍ୱାରା ପବିତ୍ର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଓଡିଶା ତଥା ଦେଶ ବିଦେଶରେ ଏହି ଉତ୍ସବ ପାଳିତ ହେଉଥିବାବେଳେ ପ୍ରତିବର୍ଷ ପରି ଏବର୍ଷ ମଧ ଛାତ୍ରାବାସର କୁନିକୁନି ପିଲାମାନେ କୃଷ୍ଣ, ରାଧା, ବଳରାମ, ସୁଦାମା, କଂସ, ଗୋପୀ ବେଶରେ ସୁସଜ୍ଜିତ ହୋଇ ମହା ଆନନ୍ଦଉଲ୍ଲାସରେ ନାଚ ଗୀତ ପରିବେଷଣ କରିଥିଲେ। ସମସ୍ତ ଅନ୍ତେବାସୀ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ବେଶ ଆନନ୍ଦିତ ଅନୁଭବ କରୁଥିବାର ଲକ୍ଷ୍ୟ କରାଯାଇଥିଲା। ପିଲାମାନଙ୍କ ନାଚଗୀତରେ ବିଦ୍ୟାଳୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଏ ବୋଲି ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ପ୍ରକାଶ କରିଥିଲେ। ଓ୍ୱାର୍ଡେନ ସରୋଜ କୁମାର ସାବତ, ଶିକ୍ଷକ ଗଣେଶ ବେହେରାଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଛାତ୍ରାବାସର ଶିକ୍ଷକ ରବି ମୁଣ୍ଡା, ଶିକ୍ଷୟତ୍ରୀ ନିରୁପମା ସାହୁ ତଥା ବାମାଚରଣ ବାନରା ଓ ଜିତେନ୍ ବାହାଦୁର ଲାମା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଅଗସ୍ତିନୂଆଗାଁରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ

ଛତ୍ରପୁର, (ସବ୍ୟୁ): ଯୁବ ଆଇଏଏସ ଅଫିସର ଭି.କୀର୍ତ୍ତିଭାସନ ଗଂଜାମ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ଦିନ ଠାରୁ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉଛନ୍ତି । ଏହାସହିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲାପାଳ ନିଜେ ଲାପଟପ ଧରି ଲୋକଙ୍କ ଅଭିଯୋଗ ଗୁଡିକୁ ଅନଲାଇନ ମାଧ୍ୟମରେ ଜନ ଶୁଣାଣୀ ପୋର୍ଟାଲରେ ପଞ୍ଜିକରଣ କରିବା ଦେଖିବାକୁ ମିଳିଥିଲା । ଏହାସହ ଲୋକଙ୍କ ଅଭିଯୋଗ ଗୁଡିକ ପଞ୍ଜିକରଣ ହୋଇ ଟ୍ରାକ ହୋଇପାରିବ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ପାଖକୁ ଯାଇ ପାରିବ । ଯାହାଦ୍ୱାରା ଏହାର ସ୍ଥିତି ସମ୍ପର୍କରେ ଲୋକେ ନିଜେ ଅନଲାଇନ ମାଧ୍ୟମରେ ଜାଣି ପାରିବେ । ଏବେ ଆଉ ପାଦେ ଆଗକୁ ଆସି ଲୋକମାନେ କିପରୀ ଦୂରକୁ ନଯାଇ ନିଜ ଅଂଚଳରେ ରହି ନିଜ ନିଜ ସମସ୍ୟା ଗୁଡିକ ଜଣାଇ ପାରିବେ ସେଥି ସକାଶେ ଅଧିକାରୀମାନେ ସେମାନଙ୍କ ନିକଟରେ ପହଞ୍ଚି ପାରିବେ । ତାହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ସେନେଇ ଆଜି ଜିଲ୍ଲାରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ ଆରମ୍ଭ ହେବା ସହିତ ପାତ୍ରପୁର ବ୍ଲକରେ ଜିଲ୍ଲାସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛତ୍ରପୁର ପଞ୍ଚାୟତ ସମିତ ପକ୍ଷରୁ ଅଗସ୍ତିନୂଆଗାଁ ଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦୬ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ ସେଥିରୁ ୩୦୩ଟି ବ୍ୟକ୍ତଗତ ଏବଂ ୩ଟି ସାମୁହିକ ରହିଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଅତିରିକ୍ତ ଉପଜିଲ୍ଲାପାଳ ରୀନା ନାୟକ ନୋଡାଲ ଅଫିସର ଭାବେ ଯୋଗଦେଇଥିବା ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଏବିଡିଓ ଜୟଶ୍ରୀ ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଟ୍ରିମ୍‌ସରେ ର୍ୟାଙ୍ଗିଂ ନିରୋଧ ସପ୍ତାହ

କଟକ, (ସ୍ୱପ୍ର): ର୍ୟାଙ୍ଗି ଏକ ରୁଗ୍‌ଣ ମାନସିକତା । ଏହାଠୁ ସର୍ବଦା ଦୂରରେ ରହି ଛାତ୍ର ଜୀବନର ମୂଲ୍ୟବାନ ସମୟର ସୁବିନିଯୋଗ କରି ଜୀବନର ଲକ୍ଷ୍ୟ ହାସଲ ସହିତ ଦେଶର ଜଣେ ସୁନାଗରିକ ହେବାକୁ ଚେଷ୍ଟିତ ହେବା ଉଚିତ ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ମତବ୍ୟକ୍ତ କରିଛନ୍ତି । ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ନିରୋଧ ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ସିଂହ କହିଲେ ନିଜର ସ୍ୱପ୍ନ ଓ ପିତାମାତାଙ୍କ ଆଶାଭରସା ନେଇ ପିଲାମାନେ ସ୍କୁଲ, କଲେଜକୁ ଆସିଥାନ୍ତି । ମାତ୍ର ସେମାନେ ପାଠ ପଢାରେ ଧ୍ୟାନ ନଦେଇ ଯଦି ର୍ୟାଙ୍ଗି ଭଳି ଖରାପ କାର୍ଯ୍ୟରେ ଲିପ୍ତ ରହନ୍ତି ତେବେ ଭବିଷ୍ୟତ ନଷ୍ଟ ହେବା ସୁନିଶ୍ଚିତ । ସୁତରାଂ କଲେଜ ଜୀବନର ତିକ୍ତ ନୁହେଁ ପ୍ରତ୍ୟେକ ମଧୁର ଅନୁଭୂତି ନେଇ ଫେରିବା ଆବଶ୍ୟକ । ସେ ଆହୁରି କହିଲେ, ବିଶ୍ୱ ଆଜି ଦ୍ରୁତ ପରିବର୍ତ୍ତନ ଦେଇ ଗତି କରୁଛି । ସୁତରାଂ ନିଜକୁ ତଦନୁଯାୟୀ ପ୍ରସ୍ତୁତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମକୁ ଉଦଘାଟନ କରି ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା, କଠିନ ପରିଶ୍ରମ ଓ ସାଧନା, ଈଶ୍ୱରଙ୍କ ପ୍ରତି ଭକ୍ତି ଓ ପିତାମାତାଙ୍କ ଆଶୀର୍ବାଦ ରହିଲେ ଜୀବନରେ ସଫଳତା ଅବଶ୍ୟମ୍ଭାବୀ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଅନେକ ସମୟରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ହେଉଥିବା ର୍ୟାଙ୍ଗି କିଭଳି ଛାତ୍ର ସମାଜ ଓ ସମଗ୍ର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନି କରୁଛି ତାହା ଉଲ୍ଲେଖ କରି ଛାତ୍ରଛାତ୍ରୀ ସକରାତ୍ମକ ଚିନ୍ତନ ଓ ଗଠନମୂଳକ କାର୍ଯ୍ୟରେ ନିଜକୁ ଜଡିତ ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ର୍ୟାଙ୍ଗି ମୁକ୍ତ ଶିକ୍ଷାନୁଷ୍ଠାନ ଭାବରେ ଟ୍ରିମ୍‌ସ ବିଗତ ୨୫ବର୍ଷ ଧରି ନିଜର ଗୋର୍ୟରବ ଅକ୍ଷୁର୍ଣ୍ଣ ଆସିଥିବାରୁ ଛାତ୍ରଛାତ୍ରୀଙ୍କୁ ବଧାଇ ଜଣାଇଥିଲେ । ସଂଯୋଜିକା ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ସ୍ୱାଗତ ଅଭିଭାଷଣ ଏବଂ ଓ ପ୍ରାଧ୍ୟାପିକା ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାଧ୍ୟାପିକା ଅନିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ବିବିଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ଅଭିପ୍‌ସା ସ୍କୁଲରେ ସ୍ୱାଧୀନତା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ



କଟକ, (ସ୍ୱପ୍ର): ସ୍ଥାନୀୟ ନେତାଜୀନଗରସ୍ଥିତ ଅଭିପ୍‌ସା ଇଣ୍ଟରନେସନାଲ ସ୍କୁଲରେ ୭୯ତମ ସ୍ୱାଧୀନତା ଦିବସ ଓ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରେଲେଓ୍ୱେ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ସଂସାରୀ ସାହୁ ଯୋଗଦେଇ ପତାକା ଉତ୍ତୋଳନ କରି ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ସମାଜସେବୀ ଅଭିମନ୍ୟୁ ଦାସ ଯୋଗଦେଇ ସ୍ୱାଧୀନତା ଦିବସ ଉପରେ ମତବ୍ୟକ୍ତ କରିଥିଲେ । ସେ ପିଲାମାନଙ୍କୁ ପାଠ ପଢିବା ସହିତ ସମାଜରେ ଦୁଃଖୀ, ଅଭାବୀ, ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସାହୁ ଛାତ୍ର,ଛାତ୍ରୀମାନଙ୍କୁ ବିନୟୀ, ସରଳ ଓ ସକରାତ୍ମକ ଚିନ୍ତାଧାରା ନେଇ ପ୍ରତ୍ୟେକଟି କାମ କଲେ ସଫଳତା ପ୍ରାପ୍ତ ହୋଇଥାଏ ବୋଲି କହିଥିଲେ । ଏଥିରେ ଛାତ୍ରଛାତ୍ରୀ ମାନେ ସ୍ୱାଧୀନତା ଦିବସ ଉପରେ ରଚିତ ସଙ୍ଗୀତରେ ନୃତ୍ୟ ପରିବେଷଣ କରିବା ସହିତ ପରେଡ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଥିଲା । ଏଥିରେ ପିଲାମାନଙ୍କୁ କୃଷ୍ଣଜନ୍ମ ବୃତ୍ତାନ୍ତ ଅବଗତ କରାଯାଇଥିଲା । ରାଧାକୃଷ୍ଣ ବେଶଧାରୀ ପିଲାମାନେ ନୃତ୍ୟ ପରିବେଷଣ କରିବା ସହିତ ଦୁର୍ଯ୍ୟୋଧନ ବଦ୍ଧ, ଦଶାବତାର, ଦ୍ରୌପଦୀ ବିବାହ ଓ ଲଡୁ ଗୋପାଳଙ୍କ ଆରାଧନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଅମିତା ପତିଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀମାନେ ଓ ଅଭିଭାବକମାନେ ଯୋଗ ଦେଇଥିଲେ ।

# ନିର୍ମାଣ କାର୍ଯ୍ୟରେ ଦୁର୍ନୀତି: ଛାତ୍ରଛାତ୍ରୀଙ୍କ ଧାରଣା

ନିଶ୍ଚିନ୍ତକୋଇଲି,(ସବ୍ୟୁ): ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ନେମାଳର ଉନ୍ନତି କରଣ ଏବଂ ଛାତ୍ର ଛାତ୍ରୀଙ୍କ ହିତ ଦୃଷ୍ଟିରେ ନିର୍ମାଣ କରାଯାଉଥିବା ଗୃହ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସିମେଣ୍ଟ, ରଡ, ଗୋଡି ଇଟା



ଆଦି ସହିତ ନିମ୍ନମାନର ରଙ୍ଗ ବ୍ୟବହାର କରାଯାଉଥିବା ନେଇ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଏହାର ପ୍ରତିବାଦ କରି ସୋମବାର ମହାବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଘଟଣାକୁ ପ୍ରକାଶ ଉକ୍ତ ମହାବିଦ୍ୟାଳୟର ଉନ୍ନତିକରଣ ଓ ଗୃହ ନିର୍ମାଣ କରାଯାଉଥିବା କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ନେଇ ଆଶଙ୍କା ଦେଖାଦେଇଛି । ସରକାରୀ ନିୟମାନୁଯାୟୀ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ କରାଯିବା ଏବଂ କାର୍ଯ୍ୟର ମାନ ପରୀକ୍ଷଣ କରାଯିବା କଥା ହେଲେ ସବୁ ନୀତି ନିୟମକୁ ଭୁଲି ନିର୍ମାଣ କାର୍ଯ୍ୟ କରାଯାଉଛି । ଏଠାରେ ସିମେଣ୍ଟ, ଗୋଡି, ବାଲିର ସଠିକ ଭାଗ ରଖୁନାହିଁ । ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବାରୁ ଭବିଷ୍ୟତରେ ଛାତ୍ର ଛାତ୍ରୀମାନଙ୍କ ଜୀବନପ୍ରତି ବିପଦର ଆଶଙ୍କା ଥିବା ବେଳେ ନିର୍ମାଣ ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ମଧ୍ୟ ସନ୍ଦେହ ଦେଖାଦେଇଛି । ନିର୍ମାଣ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନିମ୍ନମାନର କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଗାଳିଗୁଲଜ କରୁଥିବା ଅଭିଯୋଗ ହେଉଛି । ସୋମବାର ମହାବିଦ୍ୟାଳୟ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସତ୍ୟବ୍ରତ ମିଶ୍ର କାର୍ଯ୍ୟର ତଦାରଖ କରିବାକୁ ଯାଇଥିଲା ବେଳେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ତାଙ୍କୁ ଘେରି ନିମ୍ନମାନର କାର୍ଯ୍ୟ ହେଉଥିବା ଏବଂ ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ନଦିଆଯାଉଥିବାରୁ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ନାନା ପ୍ରଶ୍ନ ପଚାରିବା ସହ ସେଠାରୁ ଫେରିଯିବାକୁ କହିଥିଲେ । ଯଦିପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସଠିକ ତର୍ଜମା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଏ ବା କୌଣସି କାର୍ଯ୍ୟାନୁଷ୍ଠାନ ଏହା ବିରୁଦ୍ଧରେ ନିଆ ନଯାଏ ତାହାହେଲେ ଆଗାମୀ ଦିନରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ପ୍ରଦାନ କରିଛନ୍ତି ।

# ମେଗା ରକ୍ତଦାନ ଶିବିର :୬୪ ୟୁନିଟ ସଂଗ୍ରହ

ସାଲେପୁର,(ସବ୍ୟୁ) :ସାଲେପୁର ମୁଖ୍ୟ ରାସ୍ତାର ଭାଉପଡା ଠାରେ ଥିବା କଂଗ୍ରେସ କାର୍ଯ୍ୟାଳୟରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ ଫିତା କାଟି ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ । ବର୍ତ୍ତମାନ ରକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଶିବିରକୁ ଆୟୋଜନ କରିଥିବା ପ୍ରକାଶ କରିଥିଲେ । ଶିବିରରେ ବହୁ କଂଗ୍ରେସ କର୍ମୀ ଓ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିର ସକାଳ ୯ଟା ଠାରୁ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ଶିବିରରେ ୬୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଶିବିରରେ ଏସ ସି ବି ମେଡିକାଲ କଲେଜ ରକ୍ତଭଣ୍ଡାର ର ଡାକ୍ତର ଓ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଶିବିର କୁ ଜଗନ୍ନାଥ ଗୋଛାୟତ ,ଶିବୁ ବେହେରା, ଦୀପକ ଜେନା, ଶୀତୁ କର, କୃଷ୍ଣଚନ୍ଦ୍ର ଜେନା, ବିଜ୍ଞାନ ଭୂୟାଁ, ସଞ୍ଜିତ ବିଶ୍ୱାଳ, ମନୋଜ ଖିଲାର, ସୁବାଷ ମହାରଣା, ବାପୁଜି ଭାଇ, ରବିନ୍ଦ୍ର ଜେନା,ମାନସ ନାୟକ, ସୁମନ୍ତ ପାତ୍ର, ସ୍ମୃତିରେଖା ମଲ୍ଲିକ,ବାବୁ ଭୂୟାଁ, ବିଦ୍ୟାଧର ଭୋଇ, ଗଗନ ବେହେରା, ତପସ୍ୱିନୀ ଭୋଇ,ନକୀର ଖାନ, ଚାନ୍ଦ ଭାଇ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ

# ୨୦୧୧ ହତ୍ୟାକାଣ୍ଡ ଘଟଣାରେ ଆସାମୀକୁ ଆଜୀବନ କାରାଦଣ୍ଡ ସହ ଜୋରିମାନା

ଜଗତସିଂହପୁର,(ସବ୍ୟୁ):ଦିର୍ଘ ୧୪ ବର୍ଷ ପରେ ତଥା ୨୦୧୧ ମସିହା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୃଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି ।ଉକ୍ତ ହତ୍ୟାକାଣ୍ଡ ଘଟଣାରେ ଆସାମୀ କୃଷ୍ଣାନନ୍ଦପୁର ଅଞ୍ଚଳର ସେକ ଆସିଫ ଅଲ୍ଲିକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ଜିଲ୍ଲା ଦୌରାଜଜ ଶ୍ରୀନିବାସ ପ୍ରତିହାରୀ ।ଜୋରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଦଣ୍ଡାଦେଶ ହୋଇଛି ।ସୁଚନା ଅନୁସାରେ ୨୯/୦୯/୨୦୧୧ ଦିନ ଦିନ ୧୧.୪୫ ସମୟରେ କୃଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳର ସିରିଆ ଛକ ନିକଟରେ ଏକ ଗୁଳିକାଣ୍ଡ ଘଟିଥିଲା ।ଉକ୍ତ ଗୁଳିକାଣ୍ଡରେ ଇଟା ଟିକିରି ମିର ମହଲା ଅଞ୍ଚଳର ସେକ ସୋନଓ୍ୱାର ଅଲ୍ଲୀଙ୍କୁ ୪ଜଣ ଦୁର୍ବୃତ୍ତ ବାଇକରେ ଆସି ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। କୃଷ୍ଣାନନ୍ଦପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଁଚି ଗୁରୁତର ଅବସ୍ଥାରେ ସେକ ସୋନଓ୍ୱାର ଅଲ୍ଲୀଙ୍କୁ



ମେଡିକାଲ ପଠାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ ।ଏହି କ୍ରିଷ୍ଣାନନ୍ଦପୁର ଫାଣ୍ଡିରେ କେଶ ନମ୍ବର ୧୯୭/୨୦୧୧ ରୁଜୁକରି ତଦନ୍ତ ଆରମ୍ଭ ହୋଇଥିଲା ।ଏହି କେଶର ତଦନ୍ତ ଭାର ଏଏସଆଇ ସହିଦ ଖାନ ନେଇଥିବା ବେଳେ ଅସାମୀମାନଙ୍କୁ ଗିରଫ କରିବାକୁ ପୋଲିସ ଜାଲ ବିଛାଇଥିଲା ।ପରେ ପୋଲିସ ଉକ୍ତ ହତ୍ୟାକାଣ୍ଡ ଘଟଣାରେ କୃଷ୍ଣାନନ୍ଦପୁର ଅଞ୍ଚଳର ସେକ ଅତାଉଲ୍ଲାଙ୍କ ପୁଅ ସେକ ଆସିଫ ଅଲ୍ଲିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ଆଜି ଏହି ଘଟଣାର ବିଚାର କରି ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଜିଲ୍ଲା ଦୌରାଜଜ ଆସାମୀ ସେକ ଆସିଫ ଅଲ୍ଲୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ଆସାମୀ ପୁର୍ବରୁ ଏକ ପୋକସୋ କେଶରେ ଆଜୀବନ ସଜା ଭୋଗୁଥିବା ବେଳେ ଏବେ ପୁଣି ହତ୍ୟାକାଣ୍ଡ ଘଟଣାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି ।

# ପବିତ୍ର ୟୁଜେଏର ଜିଲ୍ଲା ସାଧାରଣ ସଂପାଦକ



ବ୍ୟାସନଗର,( ଜି ପ୍ର ):ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ଶାଖା ସାଧାରଣ ସମ୍ପାଦକ ଭାବେ ପବିତ୍ର ରଂଜନ ମହାନ୍ତି ମନୋନିତ ହୋଇଛନ୍ତି । ଉପସଭାପତି ଭାବେ ପ୍ରଦୀପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ରାଜ୍ୟ ସଂଘର ନିଷ୍ପତି କ୍ରମେ ଶନିବାର ବ୍ୟାସନଗର ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ଜିଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ପ୍ରିୟରଞ୍ଜନ କର, ଜାତୀୟ ପରିଷଦ ସଦସ୍ୟ ପ୍ରଦୀପ ଚାନ୍ଦ, ବିଦ୍ୟାଧର ବେହେରା, ଅସିତ ମହାନ୍ତ, ସେକ୍ ଜହୁର ପ୍ରମୂଖ ଉପସ୍ଥିତଥିଲେ ।

# ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ଧର୍ମଶାଳା,(ସବ୍ୟୁ) :ସ୍ୱାଧୀନତା ଦିବସ ଅବସରରେ ଜାରକା ରୋଟାରି ଓ ଇନରହୁଇଲ କ୍ଲବ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜାରକା ବସ୍‌ଷ୍ଟାଣ୍ଡ ନିକଟ ଓଭରବ୍ରିଜ୍ ତଳେ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ମିନତି ସାହୁ ଶିବିରକୁ ଉଦ୍ଘାଟନ କରିଥିଲେ । ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ଆଇନଜୀବୀ ରାମଚନ୍ଦ୍ର ରାୟ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଜାରକା ରୋଟାରି କ୍ଲବ୍‌ର ପ୍ରତିଷ୍ଠାତା ସଭାପତି ରୋଟାରିଆନ୍ ପ୍ରଦୀପ୍ତ କୁମାର ବରାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରୁ ମୋଟ୍ ୮୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରୋଟାରି କ୍ଲବ୍ ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁ, ସଂପାଦକ ଦୀପକ କୁମାର ଜେନା, ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ପଲେଇ, କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଜୟନ୍ତ କୁମାର ସାହୁ, ବିନୋଦ ବିହାରୀ ପରିଡ଼ା, ଅଜାମ୍ବର ସାହୁ, ନିରଞ୍ଜନ ପାଣିଗ୍ରାହୀ, ପ୍ରମୋଦ ସାମଲ, ବିପିନ୍ କିଶୋର ଷଡ଼ଙ୍ଗୀ, ଜୟପ୍ରକାଶ ତ୍ରିପାଠୀ, ଜୟଗୁରୁ ପାତ୍ର, ହରିହର ପଣ୍ଡା, ଅମୂଲ୍ୟ ମହାରଣା, ଲକ୍ଷ୍ମୀକାନ୍ତ ଚୟାଉପଟ୍ଟନାୟକ, ଚକ୍ରଧର ଲେଙ୍କା, ଅକ୍ଷୟ ମିଶ୍ର, ସତ୍ୟାନନ୍ଦ ବରାଳ, ୟୁଧିଷ୍ଠିର ରାଉତ, ଜାରକା ଇନରହୁଇଲ୍ କ୍ଲବ୍ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଡ, ସଂପାଦିକା ପ୍ରଭାତନଳିନୀ ସାହୁ,ମାଧୁରୀ ଶତପଥୀ, କଳ୍ପନା ପରିଡ଼ା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା, ଅର୍ଚ୍ଚନା ସ୍ୱାଇଁ, ଡ. ଇନ୍ଦୁପ୍ରଭା ସାମଲ, କଳ୍ପନା ଖୁଂଟିଆ, ରୋଜାଲିନ୍ ବରାଳ, ସାମ୍ବାଦିକ ବିକ୍ରମ କେଶରୀ ମହାନ୍ତି, ସନ୍ତୋଷ କୁମାର ଓଝା, ପ୍ରଶାନ୍ତ କୁମାର ପୃଷ୍ଟି, ଉନିତ୍ କୁମାର ଜେନା ପ୍ରମୁଖ ଏଥିରେ ସହଯୋଗ କରିଥିଲେ । କଟକ କେନ୍ଦ୍ରୀୟ ରେଡ୍‌କ୍ରସ୍ ବ୍ଲଡ଼ବ୍ୟାଙ୍କ ପକ୍ଷରୁ ଭ୍ରାମ୍ୟମାଣ ରକ୍ତସଂଗ୍ରହକାରୀ ବସ୍‌ରେ ରକ୍ତ ସଂଗ୍ରହ ହୋଇଥିଲା । ଡ. ସୌମ୍ୟରଞ୍ଜନ ରାଉତ, ସଂଯୋଜକ ଅବିନାଶ ଦାଶ, ଏଲ୍‌ଟି ସୌମ୍ୟଞ୍ଜନ ସାହୁ, ଗୋବିନ୍ଦ ଚନ୍ଦ୍ର ମହନ୍ତ, ବିଶ୍ୱଜିତ୍ ରାଉତ, ଏଲ୍‌ଏ ସତ୍ୟରଞ୍ଜନ ସାହୁ, ବିଜୟ କୁମାର ସ୍ୱାଇଁ, କୀର୍ତନ ତନ୍ତି ଓ ସୁଜିତ୍ ସାହୁ ରକ୍ତ ସଂଗ୍ରହ କରିଥିଲେ । ବହୁ ସଂଖ୍ୟାରେ ରକ୍ତଦାତା ସାମିଲ ହୋଇ ରକ୍ତଦାନ କରିଥିବାରୁ ସମସ୍ତଙ୍କୁ କ୍ଲବ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା ।

## କାର ପଛରେ ଆମ୍ବୁଲାନ୍ସ ଧକ୍କା

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଏକ କାର ପଛରେ ଆମ୍ବୁଲାନ୍ସ ଧକ୍କା ଦେବାରୁ ଅଳ୍ପକେ ଯାତ୍ରୀ ଓ ରୋଗୀ ବର୍ତ୍ତି ଯାଇଛନ୍ତି । ପ୍ରକାଶଯେ କେଉଁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟର ଆମ୍ବୁଲାନ୍ସ ( ଓଡି୦୯ଟି ୪୫୪୧) କେଉଁଝରରୁ ଭୁବନେଶ୍ୱର ରୋଗୀ ଛାଡି ସେଠାରୁ ଡିସଚାର୍ଯ୍ୟ ହୋଇଥିବା ଏକ ରୋଗୀକୁ ନେଇ କେଉଁଝର ଫେରୁଥିଲା । ଭୁବନେଶ୍ୱରରୁ ବାରିପଦା ଯାଉଥିବାଏକ କାର ( ଓଡି୦୨ଡିସି ୧୯୫୬) ଚାର୍ଯ୍ୟ ସରିଯିବାରୁ ଚାର୍ଯ କରିବାକୁ ଚାନ୍ଦପୁର ପଟକୁ ଯାଉଥିଲା । ଆମ୍ବୁଲାନ୍ସର ବ୍ରେକ ଫେଲ ହେବାରୁ ସେ କାର ପଛରେ ଦକ୍କା ଦେଇଥିଲା । ହେଲେ ଗାଡି ଭାଂଗିଥିଲେ ବି ରୋଗୀ ଓ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ଘଟଣାସ୍ଥଳେ ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଅଟୋ ଓଲଟି ଚାଳକ ଗୁରୁତର

ମହାକାଳପଡ଼ା ,(ସବ୍ୟୁ) : ସୋମବାର ଜମ୍ବୁ – ମାର୍ଶାଘାଇ କେନାଲ ବନ୍ଧ ରାସ୍ତାର ରାମନଗର ଅଭିମୁଖେ ଯାଉଥିବା ଅଟୋ ଗିରଙ୍ଗ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସକାଳେ ପରିବା ବୋଝେଇ ଅଟୋଟି ଭରସାମ୍ୟ ହରାଇ ଇଲେକ୍ଟ୍ରିକଖୁଣ୍ଟରେ ଧକା ଦେଇ ଓଲଟି ପଡିବାରୁ ଅଟୋ ଚାଳକ ଗୁରୁତର ହୋଇଥିଲେ । ରାମନଗର ଗ୍ରାମର ଲିକୁ ମଣ୍ଡଳ ଅଟୋ ଚାଳକ ତଳେ ଚାପି ହେଇଯାଇଥିଲେ । ଗିରଙ୍ଗ ଗ୍ରାମବାସୀ ଓ ପଥଚାରୀମାନେ ଡ୍ରାଇଭରକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଇବା ସହିତ ଅଟୋକୁ ଉଦ୍ଧାର କରିଥିଲେ ।

## ଅସହାୟଙ୍କୁ ଉପକରଣ ବଣ୍ଟନ ଓ ଚାରାରୋପଣ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ବାଲିଆପଦା ପଞ୍ଚାୟତ ସ୍ଥିତ ଖଣ୍ଡସାହି ଠାରେ ଥିବା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବୟୋଜ୍ୟେଷ୍ଠ ଅକର୍ମଣ୍ୟ ଓ ଅସହାୟ ମାନଙ୍କୁ ଟ୍ରାଇ ସାଇକେଲ, ହୁଇଲ ଚେୟାର ,ଆଶା ବାଡ଼ି ଓ ଅସ୍ଥାୟୀ ଉଚ୍ଚା ପାଇଖାନା ବିତରଣ କରାଯାଇଛି । ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ରାଜ୍ୟପାଳ ସୁରେନ୍ଦ୍ରନାଥ ଦ୍ୱିବେଦୀ ମାର୍ଗରେ ଏକ ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସ୍ଥାନରେ ୧୦ହଜାର ଚାରା ରୋପଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଟ୍ରଷ୍ଟର ସଭାପତି ସୁରରାଜ ଦାଶଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ ଯୋଗ ଦେଇ ବାବାଜୀ କାଣ୍ଡି,ଦମୟିନ୍ତୀ ଜେନା, ସୁରେନ୍ଦ୍ର ପାତ୍ର,ଅଲେଖ ଦାସ, ସୁରେନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ବିଭିନ୍ନ ଉପକରଣ ବାଣ୍ଟିବା ସହିତ ଚାରା ରୋପଣର ଶୁଭାରମ୍ଭ କରିଥିଲେ । ଟ୍ରଷ୍ଟର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଣତକିଶୋର ମିଶ୍ର, ପ୍ରଣବ ମିଶ୍ର, ନରେନ୍ଦ୍ର ମିଶ୍ର, ରାମେଶ୍ୱରୀ ପ୍ରସାଦ ଦ୍ୱିବେଦୀ, ସୁଧାଂଶୁ ମିଶ୍ର, ଅଭୟାନନ୍ଦ ମିଶ୍ର,ଅଲେଖ ସାମଲ,ନିରୁପମା ଦାସ,ବରଦାପ୍ରସନ୍ନ ରଥ, ଅଞ୍ଜନ ମିଶ୍ରଙ୍କ ସମେତ ଟ୍ରଷ୍ଟର ୪୦ରୁ ଉର୍ଦ୍ଧ୍ୱ ସଭ୍ୟ ସଭ୍ୟା ମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ପୁଣି ବିଞ୍ଝାରପୁର କୁନି ଝିଅର ଭାଷଣ ଧମାକା

ବିଞ୍ଝାରପୁର,(ସବ୍ୟୁ) : ଯାଜପୁର ଜିଲ୍ଲା ସ୍ୱାଧୀନତା ଦିବସ ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଭାଷଣ ପ୍ରତିଯୋଗୀତାରେ ପୁଣି ବିଞ୍ଝାରପୁରର କୁନୀ ଝିଅ ଫରହତ ନେହାଲର ଭାଷଣ ଧମାକା ସମସ୍ତଙ୍କୁ ଚକିତ କରିଛି । ସମସ୍ତ ପ୍ରତିଯୋଗୀ ମାନଙ୍କୁ ପଛରେ ପକାଇ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଦଖଲ କରିଛନ୍ତି । ଜିଲ୍ଲାପାଳ ଅମ୍ବର କରଙ୍କ ସଭାପତି୍ତ୍ୱରେ ଅନୁଷ୍ଠିତ ସମାରୋହରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ ଯୋଗଦେଇ କୁନୀ ଝିଅ ଫରହ୍ ନେହାଲକୁ ପୁରସ୍କାର ପ୍ରଦାନ କରିଥିଲେ ।ଫରହ୍ ନେହାଲ ବିଞ୍ଝାରପୁର ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ । ଶିକ୍ଷକ ଦମ୍ପତି ଅସଗର ଅଲ୍ଲୀ ଖାଁ ଓ ନୁଜା ପରୱିନ ଙ୍କର କନ୍ୟା ଅଟନ୍ତି ।

# ପ୍ରଶାସନ ପ୍ରତିଶ୍ରୁତି ପାଣିର ଗାର: ଗୋଟିଏ ଦିନରେ ଦୁଇ ରାସ୍ତାରୋକ





ପାରାଦୀପ ,(ଜିପ୍ର ) :ଗୋଟିଏ ଦିନରେ ଦୁଇ ଦୁଇଟି ରାସ୍ତାରୋକ । ଆଉ ଏଥିପାଇଁ କଲବଲ ସାଧାରଣ ଲୋକ । ଲୋକଙ୍କ ଜିଦ ପ୍ରଶାସନ ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଛି । ତେଣୁ ଆମେ ଆଉ ରାସ୍ତା ଉପରୁ ଉଠିବୁ ନାହିଁ । ଏଭଳି ସାଧାରଣ ଜନତାଙ୍କ ଅକାଟ୍ୟ ଯୁକ୍ତିରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀ ହଡବଡେଇ ଯାଉଥିବା ଆଜି ଦେଖିବାକୁ ମିଳିଥିଲା । ଗତ ଦଶଦିନ ତଳେ କଟକ-ପାରାଦୀପ ରାସ୍ତାର କୁଜଙ୍ଗ ବଜାର ଠାରୁ ମାତ୍ର ଅଳ୍ପ ଦୂରରେ ବାପା – ଝିଅଙ୍କୁ ହାଇୱା ମାଡି ଦେବାରୁ ଦୁଇଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଦିନ ତିନିଟା ତିରିଶ ମିନିଟରୁ ରାତି ଦଶଟା ତିରିଶ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଉତ୍ୟକ୍ତ ଲୋକେ ଅବରୋଧ କରି ରଖିଲେ । ଶେଷରେ ପ୍ରଶାସନ କ୍ଷତିପୂରଣ ଦେବାସହ ଦିନବେଳା ଭାରିଯାନ ଚଳାଚଳ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଲା । ସେହିଦିନ ଅନେକ ଲୋକ ହଇରାଣ ହେଲେ । ହଜାର ହଜାର ଗାଡି ରାସ୍ତା ଉପରେ ଅଟକି ରହିଲା । କିନ୍ତୁ ଭାରିଯାନ କଟକଣା କେହି ମାନିଲେ ନାହିଁ କିମ୍ବା ବାହାଘର ପରେ ବେଦୀ ମୁହଁ ପୋଡ଼ା ନ୍ୟାୟରେ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ମୁତାବକ କିଛି ପଦକ୍ଷେପ ଗ୍ରହଣ କଲା ନାହିଁ । ଆଜି ପୁଣି କଟକ –ପାରାଦୀପ ରାସ୍ତାର କୁଜଙ୍ଗ ବଳରାମପୁର ଠାରେ ଗୁଗଲ ଦାସ ନାମକ ବ୍ୟକ୍ତିଙ୍କ ଦୁଇ ଗୋଡ ଉପରେ ଏକ ଟ୍ରକ ଚଢିଗଲା । ସେହି ସମାନ ରାସ୍ତାରେ ଚାରି ବର୍ଷ ତଳେ ଗୁଗଲଙ୍କ ପିତା ରବିନ୍ଦ୍ର ଦାସଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ଓ ଆଜି ପର୍ଯ୍ୟନ୍ତ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ମୁତାବକ କିଛି ବି କ୍ଷତିପୂରଣ ପାଇ ନାହାଁନ୍ତି ତାଙ୍କ ପରିବାର । ଏବେ ଘରର ରୋଜଗାରିଆ ପୁଅ ଦୁଇଟି ଗୋଡ ହରାଇବାକୁ ଯାଉଥିବା ବେଳେ କିଭଳି ଚଳିବେ ତାଙ୍କ ପରିବାର ଯାହାକୁ ନେଇ ଗ୍ରାମବାସୀ ଓ ପରିବାର ଲୋକ ରାସ୍ତା ଉପରେ ଆଜି ଚାରିଘଣ୍ଟା ଅବରୋଧ କରି ବସିଲେ । ହଜାର ହଜାର ଗାଡି ଅଟକି ରହିଲା ଓ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଲେ । ଦିତୀୟ ଘଟଣାଟି ଆଜି ଘଟିଛି ସେହି କୁଜଙ୍ଗ ବ୍ଲକ ପାଟପୁର ଅଞ୍ଚଳରେ ରାସ୍ତା ଅବସ୍ଥା ଶୋଚନୀୟ । ରାସ୍ତାରେ ବସ ଓ ସାଇକେଲ ଏକସଙ୍ଗେ ପାସ କରିବା କଷ୍ଟ । ଗତକାଲି ସେହି ରାସ୍ତାରେ ଏକ ବସ ଦୁର୍ଘଟଣା ଘଟି ଗଳିପଡି ଥିବାବେଳେ ଆଜି ପାଟପୁର ଚାନ୍ଦପୁର ରାସ୍ତାକୁ ଲୋକେ ଅବରୋଧ କରିଥିଲେ । ଦୀର୍ଘ ଦିନ ହେବ ରାସ୍ତାକୁ ସଫା କରାଯାଉନାହିଁ କିମ୍ବା ଏହି ରାସ୍ତାକୁ ଜବର ଦଖଲକାରୀଙ୍କ ଠାରୁ ମୁକ୍ତ କରାଯାଉନାହିଁ । ଯାହାଫଳରେ ଅନେକ ସମୟରେ ସ୍କୁଲରୁ ଯାଉଥିବା ଛୋଟ ଛୋଟ ପିଲାମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଆଜି ସ୍ଥାନୀୟ କରତୁଠା ଗ୍ରାମର ଲୋକମାନେ ରାସ୍ତା ଅବରୋଧ କରିବା ସହ ଗାଡି ମୋଟର ଅଟକାଇ ପ୍ରତିବାଦ କରିଥିଲେ । ଫଳରେ ଦୀର୍ଘ ସମୟ ଧରି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଗ୍ରାମବାସୀଙ୍କ କହିବା ମୁତାବକ ଆମେ ଦୀର୍ଘଦିନ ଧରି ଆରଡି ବିଭାଗ ଓ ବ୍ଲକ ପ୍ରଶାସନକୁ ଅଭିଯୋଗ କରି ଆସୁଛୁ ଓ ଆମକୁ କେବଳ ପ୍ରତିଶ୍ରୁତି ମିଳୁଛି । କିନ୍ତୁ କାର୍ଯ୍ୟକାରି ହେଉନଥିବା ଯୋଗୁ ଆମେ ଆଜି ରାସ୍ତା ଅବରୋଧ କରିବାକୁ ବାଧହେଲୁ । ଗୋଟିଏ ଦିନରେ କୁଜଙ୍ଗରେ ଦୁଇ ଦୁଇଟି ରାସ୍ତା ଅବରୋଧ ସାଧାରଣ ଲୋକଙ୍କୁ ଅନେକ ହଇରାଣରେ ପକାଉଥିବା ବେଳେ ପୁନର୍ବାର ପ୍ରଶାସନ ଆସି ବୁଝାଶୁଝା କରି ରାସ୍ତା କ୍ଲିୟର କରିଛି ସତ, କିନ୍ତୁ ପୁଣିଯେ କାଲି ସକାଳୁ ରାସ୍ତା ଅବରୋଧ ନହେବ ତାହା କିଏ କହିବ ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବାଲିଚନ୍ଦ୍ରପୁର,(ସବ୍ୟୁ) :ବାଲିଚନ୍ଦ୍ରପୁର ଥାନା କଳାଶ୍ରୀ ଗୋପାଳପୁର ପଞ୍ଚାୟତ ଖଡ଼ଗପୁର ଗ୍ରାମର ରମେଶ ପାତ୍ରଙ୍କ ପୁଅ ଆକାଶ ପାତ୍ର (୨୩)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ସେହି ଗ୍ରାମର ବିଷ୍ଣୁ ବେହେରାଙ୍କ ପୁଅ ଜ୍ଞାନରଞ୍ଜନ ବେହେରା (୨୮) ଗୁରୁତର ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି।ଆକାଶ ଓ ତାଙ୍କର ବନ୍ଧୁ ଜ୍ଞାନ ରଞ୍ଜନ ପାରାଦ୍ୱୀପ ଅଞ୍ଚଳରୁ ନିଜ ସ୍କୁଟି ଯୋଗେ ଏନ.ଏଚ ୫୩ରେ ତାଙ୍କ ଗ୍ରାମ ଖଡ଼ଗପୁରକୁ ଫେରୁଥିବା ବେଳେ ଦୁହୁରିଆ ଠାରେ ଏକ ଦୃତଗାମୀ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଦୁର୍ଘଟଣା ସ୍ଥଳରେ ଆକାଶଙ୍କର ମୃତ୍ୟୁ ଘଟିଥିବା ବେଳେ ଜ୍ଞାନରଞ୍ଜନ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ କେନ୍ଦ୍ରାପଡ଼ା ମେଡ଼ିକାଲ ନେଇଯିବା ସହ ତଦନ୍ତ ଚାଲୁରଖିଥିବା ଜଣାପଡ଼ିଛି। ତେବେ ଜ୍ଞାନରଞ୍ଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଆକାଶଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଖଡ଼ଗପୁର ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଧାବୀ, ମିଷ୍ଟଭାସି, ବନ୍ଧୁବତ୍ସଳ ଯୁବକ ଥିଲେ। ତାଙ୍କର ମରଶରୀର ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିଥିବା ବେଳେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପୂର୍ବତନ ବାୟୁସେନା ଅଧିକାରୀ ସମ୍ବର୍ଦ୍ଧିତ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅନ୍ତର୍ଗତ ଗୌଡଗୋପ ଗ୍ରାମର ବାୟୁସେନା ବିଭାଗରେ କାଯର୍ଯକରୁଥିବା ପୂର୍ବତନ ଜୁନିୟର ୱାରଣ୍ଟ ଅଫିସର ଶ୍ରୀ ଜଗବନ୍ଧୁ ସାହୁଙ୍କୁ ଅଟଳବିହାରୀ ବାଜପେୟୀ ରିସର୍ଚ୍ଚ ସେଣ୍ଟର ଭୁବନେଶ୍ୱର ତରଫରୁ ଅଟଳ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ଆଦର୍ଶରେ ରାଷ୍ଟ୍ର ସମୁନ୍ନତିକଳ୍ପେ ଶ୍ରୀ ସାହୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁସଂଗତି ତଥା ୩୦ ବର୍ଷର ସେନା ବିଭାଗରେ କାଯର୍ଯ, ସ୍ୱାସ୍ଥ୍ୟ ସହାୟକ ତଥା କାରଗିଲ ଯୁଦ୍ଧରେ ସାମିଲ ହୋଇଥିବା ସହ ତ୍ୟାଗପୂତ ଦେଶ ସେବା ଓ ଜଣେ ଜଗନ୍ନାଥପ୍ରେମୀ ଧାର୍ମିକ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ଗତ ଅଗଷ୍ଟ ୧୬ ତାରିଖରେ ଆୟୋଜିତ ଏକ ଉତ୍ସବରେ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟବକ୍ତା ଭାବେ କର୍ଣ୍ଣେଲ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସେଣ୍ଟରର କାଯର୍ଯକାରୀ ନିର୍ଦ୍ଦେଶକ ପ୍ରଫେସର ଡ. ବଂଶୀଧର ଦାଶ, ସମ୍ମାନୀତି ଅତିଥି ଭାବେ ଶ୍ରୀଯୁକ୍ତ ଶଶଧର ପଣ୍ଡା, ଡ. ଗୋପାଳଚନ୍ଦ୍ର ଦାଶ ଯୋଗଦେଇଥିଲେ ବେଳେ ଡ. ସୁଧାକର ପାତ୍ରୀ ସଭାପତିତ୍ୱ କରିଥିଲେ । ମାହାଙ୍ଗା ଅଂଚଳର ଏଭଳି ଜଣେ ସୁନାମଧନ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ପାରମ୍ପରିକ ସାଂସ୍କୃତିକ ଦଳକୁ ସାମିଲ କରନ୍ତୁ :ଜିଲ୍ଲାପାଳ

କେନ୍ଦ୍ରାପଡ଼ା,(ସବ୍ୟୁ),ଚଳିତ ଗଣେଶ ପୂଜା କେନ୍ଦ୍ରାପଡ଼ା ସହରରେ ଶାନ୍ତି ଓ ଶୃଙ୍ଖଳା ସହିତ ପାଳନ ପାଇଁ ଏକ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କୋଟରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ,ଏଡିପିଏଚଓ ସଚ୍ଚିଦାନନ୍ଦ ମିଶ୍ର,କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼ ସମେତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବିସର୍ଜନ ସମୟରେ ପାରମ୍ପରିକ ସାଂସ୍କୃତିକ ଦଳକୁ ସାମିଲ କରିବାକୁ ଜିଲ୍ଲାପାଳ ସମସ୍ତ ଗଣେଶ ପୂଜା କମିଟିକୁ ପରାମର୍ଶ ଦେଇଛନ୍ତି । ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ଏବଂ ଭାଇବ୍ରେଟରକୁ ଲଗେଇବା ଉପରେ ଅଙ୍କୁଶ ଲଗାଯାଇଛି । ଶୃଙ୍ଖଳିତ ବିସର୍ଜନ ପାଇଁ ପ୍ରତେକ କମିଟି ସେମାନେଙ୍କ ୨/୩ ଜଣଙ୍କ ନାମ ଦେବେ, ଯେଉଁମାନେ କି ବିଶୃଙ୍ଖଳା ସମୟରେ ପୋଲିସର ସହାୟତା କରିବେ । ଏହା ସହ ପ୍ରତି କମିଟି ସେମାନେ ଡଷ୍ଟବିନର ବ୍ୟବହାର କରିବେ । ଚଳିତଥର କମିଟିମାନେ ସଲବା କାଗଜ ପ୍ଲେଟ ବଦଳରେ ପତ୍ର ପ୍ଲେଟ ବ୍ୟବହାର ଉପରେ ପ୍ରସ୍ତାବ ଦେଇଛନ୍ତି । ଯେମିତି ଚଳିତ ଥର ଗଣେଶ ପୂଜା ଶୃଙ୍ଖଳିତ ଭାବେ ହେବ ସେଥିପାଇଁ ଜିଲ୍ଲାପାଳ କମିଟି ମାନଙ୍କ ସହଯୋଗ କାମନା କରିଛନ୍ତି । ଏହି ବୈଠକରେ ସମସ୍ତ ଗଣେଶ ପୂଜା କମିଟି ସଭାପତି, ସମ୍ପାଦକ, ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ପ୍ୟାନେଲ ଲୟରଙ୍କ ପ୍ରଶିକ୍ଷଣ ଶିବିର

ଯାଜପୁର,(ସବ୍ୟୁ) :ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଆନୁକୂଲ୍ୟରେ ରବିବାର ଦିନ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଂଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ପ୍ୟାନେଲ ଲୟରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ପ୍ରାଧିକରଣର ଅଧକ୍ଷ ଉଦ୍ଘାଟନ କରିବା ସହିତ ପ୍ୟାନେଲ ଲୟରମାନଙ୍କ ଭୂମିକା ସମ୍ବନ୍ଧରେ ଅବଗତ କରାଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା କୋର୍ଟର ବିଶ୍ୱେର ବିଶ୍ୱପ୍ରକାଶ ରାୟ, ଅତିରିକ୍ତ ଜିଲ୍ଲା ଜଜ୍, ସତ୍ୟପ୍ରକାଶ ରାୟ ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି, ମାନସ ରଂଜନ ସାମନ୍ତରାୟ, ରେଜିଷ୍ଟ୍ରାର, ଶ୍ରମତୀ ସୁମିତ୍ରା ବିଶ୍ୱାଳ , ଏସ.ଡି.ଜି. ଏମ, ଶ୍ରମତୀ ସୁନିତା ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଯୋଗଦେଇ ପ୍ୟାନେଲ ଲୟର ମାନଙ୍କୁ ପରିବାର ସମ୍ବନ୍ଧୀୟ ଆଇନ, ପୋକ୍ସୋ ଆକ୍ଟ, ଫୌଜଦାରୀ ଆଇନ, ସମ୍ପତିଗତ ଆଇନ, ଘୋରଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ ତଥା ଲିଗାଲ ସରଭିସ୍ ଅଥରିଟି ଆକ୍ଟ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ ।। ପ୍ରାଧିକରଣର ସଚିବ ଶ୍ରୀମତି ଲିପା ମହାନ୍ତି ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ ।

# ପ୍ରତିଶ୍ରୁତିକୁ ୧୦ବର୍ଷ: ଦାରୁ ତତ୍ତ୍ୱାବଧାରକ ଅରକ୍ଷିତକୁ ମିଳିଲାନି ଆବାସ ଟିଏ



ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ଗ୍ରା.ପ ଖରିପଡିଆର ଶ୍ରୀ ଜଗନ୍ନାଥଙ୍କ ଦାରୁ ଏଠାରୁ ଯିବାର ୧୦ବର୍ଷ ବିତି ଯାଇଥିଲେ ମଧ ଏହି ଦାରୁଙ୍କର ତତ୍ତ୍ୱ ବଧାରକ ଗରିବ ଓ ଦିନମଜୁରିଆ ଭିନ୍ନକ୍ଷମ ଅନୁସୂଚିତଜାତି ଅରକ୍ଷିତକୁ କୌଣସି ସରକାରୀ ସହାୟତା ମିଳିଲା ନାହିଁ । ପ୍ରକାଶ ଥାଉକି, ଅରକ୍ଷିତଙ୍କୁ ତତ୍‌କାଳୀନ ସରକାର ଇନ୍ଦିରାବାସ ଯୋଗାଇଦେବେ ଓ ତାଙ୍କ ପୁଅକୁ ହୋମଗାର୍ଡ ଚାକିରିଟିଏ ଦେବା ପାଇଁ ୨୦୧୫ ମସିହାରେ ପ୍ରତିଶ୍ରୁତି ଦେଇଥିଲେ। ଦୁଃଖର ବିଷୟ ଶ୍ରୀ ଜଗନ୍ନାଥଙ୍କ ଦାରୁ ତାଙ୍କ ବାଡିରୁ ଯିବାର ୧୦ବର୍ଷ ବିତି ଯାଇଥିଲେ ମଧ୍ୟ ସରକାର ତାଙ୍କୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ, ଖରିପଡିଆ ଗ୍ରାମର ଭକ୍ତ ଗରିବ ଅସହାୟ ଓ ଭିନ୍ନକ୍ଷମ ଅରିଖୀତ ବାଡିରେ ଶ୍ରୀକ୍ଷେତ୍ରକୁ ଯାଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦାରୁଙ୍କୁ ତାଙ୍କର ବାପା, ଜେଜ ଓ ନିଜେ ବହୁ ବର୍ଷ ଧରି ପୂଜା କରିଆସୁଥିଲେ । ଅତ୍ୟନ୍ତ ଗରିବ ଅରକ୍ଷିତ ଓ ତାର ପରିବାର ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ । ଏକ କୁଡିଆ ଛପର ଘରେ ରହି ବିପିଏଲ୍ ଭୁକ୍ତ ହୋଇଥିଲେ ମଧ ଇନ୍ଦିରା ଆବାସ ପାଇନାହାଁନ୍ତି କିମ୍ବା କୌଣସି ସହାୟତା ଭକ୍ତ ଅରକ୍ଷୀତ ପରିବାରକୁ ଦିଆଯାଇନାହିଁ । ଅନ୍ୟଘରେ ମୁଲଲାଗି ନିଜର ପରିବାର ଭରଣ ପୋଷଣ କରନ୍ତି ଅରକ୍ଷିତ, ତାର ମଝିଆ ଭାଇ ବସନ୍ତ, ସାନ ଭାଇ ଶରତର ଅବସ୍ଥା ମଧ ଅନୁରୂପ । ଏଠାରେ ଗତ ୨୦୧୫ ମସିହା ମଇ ମାସରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦାରୁକୁ ନେବା ପୂର୍ବରୁ ଶ୍ରୀମନ୍ଦିର ର ପୂର୍ବତନ ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ର, ତତ୍‌କାଳୀନ ମୁଖ୍ୟ ଶାସନସଚିବ, ତତ୍‌କାଳୀନ ଆରଡିସି, ତତ୍‌କାଳୀନ ଜିଲ୍ଲାପାଳ ଅରିକ୍ଷିତଙ୍କୁ ଏକ ଇନ୍ଦିରା ଆବାସ ଯୋଗାଇ ଦେବା ସହ ତତ୍‌କାଳିନ ଜଗତସିଂହପୁର ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଅନ୍ୟାନ୍ୟା ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଥିଲେ । ସେହିପରି ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜିବ ମାରିକ ମଧ ଏହି ଦାରୁ ଦର୍ଶନ ସମୟରେ ଜଗନ୍ନାଥ ଦାରୁଙ୍କର ତତ୍ତ୍ୱାବଧାରକ ଅରକ୍ଷିତଙ୍କର ପୁଅକୁ ହୋମଗାର୍ଡରେ ଚାକିରି ଦେବାପାଇଁ ଦୃଢ ପ୍ରତିଶୃତି ଦେଇଥିଲେ । ମାତ୍ର ଏହି ଦାରୁ ଏଠାରୁ ଯିବାର ଆଜକୁ ୧୦ ବର୍ଷ ବିତିଯାଇଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ, ପୂର୍ବତନ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଓ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ, ଜଗତ୍‌ସିଂହପୁର ପୂର୍ବତନ ଜିଲ୍ଲାପାଳ, ପୂର୍ବତନ ଏସ୍‌ପି ଅରକ୍ଷିତକୁ ଦେଇଥିବା ପ୍ରତିଶୃତି କେବଳ ପ୍ରତିଶୃତିରେ ରହିଯାଇଛି । ଅରକ୍ଷିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାଥପୁର ଶାଖାରେ ଏକ ଗାଈ ଋଣ ନେବା ନିମନ୍ତେ ଏହି ବ୍ୟାଙ୍କକୁ ଚାରିବର୍ଷ ହେଲା ଦୌଡୁଥିଲେ ମଧ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଋଣ ଦେବାକୁ ରୋକ୍‌ଠୋକ୍ ମନାକରି ଦେଇଥିଲେ । ଫଳରେ ଅରକ୍ଷିତ ଗାଈଟିଏ ପାଳି ତା'ର ଦୁଗ୍ଧ ବିକ୍ରୟ କରି ନିଜର ପରିବାରର ଭରଣପୋଷଣ ଯେଉଁ ସ୍ୱପ୍ନ ଥିଲା ତାହା ମଧ ବ୍ୟାଙ୍କ ଧୂଳିସାତ କରିଦେଲା । ଏବେ ଜଗନ୍ନାଥ ଦାରୁ ତତ୍ତ୍ୱବଧାରକ ଭକ୍ତ ଅରକ୍ଷିତ ନିଜର ଭାଗ୍ୟକୁ ଆଦରି ଭଙ୍ଗା କୁଡିଆ ଘରେ ନିଜର ପରିବାର ସହ ଅର୍ଦ୍ଧାହାରରେ ରହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନାମ ସ୍ମରଣ ମନନ କରି ଅତି ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି । ଚଳିତ ବର୍ଷା ଋତୁରେ ଏହି ଛଣଛପର ହୋଇପାରୁନଥିବାରୁ ଘର ଭିତରେ ବର୍ଷାପାଣି ପଡି ପରିବାର ସହ ରାତି ଉଜାଗର ରହୁଛନ୍ତି। ଜଗତସିଂହପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଜଗନ୍ନାଥଦାରୁଙ୍କ ତତ୍ତ୍ୱ ବଧାରକ ଅରକ୍ଷିତକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ତୁରନ୍ତ ଯୋଗାଇ ଦେବା ସହିତ ତାଙ୍କର ପୁଅକୁ ହୋମ୍‌ଗାର୍ଡରେ ଚାକିରି ଦେବାକୁ ଏ ଅଂଚଳର ବୁଦ୍ଧିଜୀବିମାନେ ଦାବୀ କରିଛନ୍ତି।

### ବର୍ଷା ଅଭାବରୁ ହୋଇପାରୁନି ବେଉଷଣ

# ମୁଣ୍ଡରେ ହାତ ଦେଇଛି ଚାଷୀ



କାକଟପୁର (ଫଟୋ): ପୁରୀଜିଲ୍ଲାରେ ଚାଷ କାର୍ଯ୍ୟ ନିଅଣ୍ଟିଆ ବର୍ଷା ଏବେ ପ୍ରକାର ଦାଉ ସାଧୁଛି ଚାଷୀ ଉପରେ । ଲଘୁଚାପ ବର୍ଷା ଚାଷୀ ମନରେ ଆଶା ସଂଚାର କରୁଥିବା ବେଳେ ଏହା କିନ୍ତୁ ବେଉଷଣ ପାଇଁ ପର୍ଯ୍ୟାପ୍ତ ହେଉନାହିଁ ବୋଲି କେତେକ ଚାଷୀ ମୁହଁ ଖୋଲି ପ୍ରକାଶ କରିଛନ୍ତି । କାକଟପୁର ଓ ଅସ୍ତରଙ୍ଗରେ ଶତକଡା ୮ ପ୍ରତିଶତ ଚାଷୀ ରୁଆ ବେଉଷଣ କାର୍ଯ୍ୟ ସାରିଥିବାବେଳେ ଆଉ ଅବଶିଷ୍ଟ ଜମି ପାଣି ଅଭାବରୁ ଶୁଖିଲା ପଡିଛି । ଆଉ ମାତ୍ର ପନ୍ଦର ଦିନ ମଧ୍ୟରେ ଆଶାନୁରୂପ ବର୍ଷା ନହୁଏ ତେବେ ଚାଷ କାର୍ଯ୍ୟ ଠପ ହୋଇଯିବ ବୋଲି କାକଟପୁର ପାଟପୁର ଅଞ୍ଚଳର ବିଶିଷ୍ଟ ଚାଷୀମାନେ ପ୍ରକାଶ କରିଛନ୍ତି । ପୁରୀଜିଲ୍ଲା କାକଟପୁର ଅଞ୍ଚଳରେ ଥିଲା ଜଳସେଚିତ ଜମି ଗୁଡିକ ବର୍ଷା ଅଭାବରୁ ଚାଷ ହୋଇନପାରିବା ଯୋଗୁଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ଅନେକ ଚାଷୀ ଚାଷ ଉପରୁ ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଥିବାବେଳେ ଚାଷୀ ପରିବାର ମାନେ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି । ସରକାର ପରେ ସରକାର ଆସୁଥିଲେ ମଧ୍ୟ ଚାଷୀଙ୍କ ଆବଶ୍ୟକତା ପୂରଣ କରିବାରେ ସହାୟକ ହୋଇପାରୁନାହାନ୍ତି । କେବଳ କୁଆଁର କାନ୍ଦଣା କାନ୍ଦିବା ଛଡା ଏହାର ସମାଧାନ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା । ତୁରନ୍ତ ରାଜ୍ୟ କୃଷିମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳ ଏଣେ ଜଳସେଚିତ ଜମି ଗୁଡ଼ିକୁ ଜଳ ଯୋଗାଇଦେବାରେ ସହାୟକ ହେଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଅଞ୍ଚଳର ବୃହତ ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

# ଘୋଲପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ଉପରକୁ ବୋମା ମାଡ଼

ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣ ପୁର ଫାଣ୍ଡି ନିକଟସ୍ଥ କନ୍ତପଡ଼ିଆ ଗ୍ରାମ ପଞ୍ଚାୟତର ଘୋଲପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ଉପରକୁ ତିନିଗୋଟି ବୋମା ମାଡ଼ କରି ଛୁ ମାରିଛନ୍ତି ଦୁର୍ବୃତ୍ତ। ରବିବାର ବିଳମ୍ବିତ ରାତିରେ କାର୍ଯ୍ୟାଳୟରେ ରାତ୍ର ଜଗୁଆଳି ଶୋଇଥିବା ସମୟରେ ଗୋଟିଏ ପରେ ଗୋଟିଏ କରି ତିନି ଗୋଟି ବୋମା କାର୍ଯ୍ୟାଳୟ ଉପରକୁ ମାଡ କରିଥିଲେ ଦୁର୍ବୃତ୍ତ। ବୋମାମାଡ଼ରେ ଘର ଛାତ ରୁ ସିମେଣ୍ଟ କଂକ୍ରିଟ ଖସି ପଡିଥିବା ବେଳେ ଅନ୍ୟ ଗୋଟିଏ କୋଠରୀ ସଟର ଭାଙ୍ଗି ଯାଇଛି। ବୋମା ମାଡ଼ ଶବ୍ଦ ଶୁଣି ଶୋଇ ଥିବା ରାତ୍ରୀ ଜଗୁଆଳି ଜଳଧର ପରିଡ଼ା ଘର ବାହାରକୁ ଚାଲି ଆସି ଖବର ଦେବା ପରେ ସମିତି ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସୋମବାର ଦିନ ସେବା ସମବାୟ ସମିତି କାର୍ଯ୍ୟାଳୟ ଖୋଲିବା ମାତ୍ରେ ସମିତି ସମ୍ପାଦକ ବାଙ୍କୀ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦରାଜ ଭ୍ରମ୍ରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଫେରିଛନ୍ତି। ବାଙ୍କୀ ଏଆର, ସି,ଏସ ସୁରେନ୍ଦ୍ର କୁମାର ଜେନା ଘୋଲପୁର ସେବା ସମବାୟ ସମିତି ରେ ପହଞ୍ଚି ଘଟଣା ଅନୁଧ୍ୟାନ କରିଛନ୍ତି। ବୋମା ମାଡ଼ କାରଣ ଜଣା ପଡ଼ି ନାହିଁ। ସେବା ସମବାୟ ସମିତିରେ କିଛି ଟଙ୍କା ଲୁଟ କରିବା ଉଦ୍ଦେଶ୍ୟରେ ବୋମା ମାଡ଼ ମାରିଥିବା ଅନୁମାନ କରାଯାଉଛି। ତେବେ ସି ସି ଟିଭି ଫୁଟେଜ କୁ ଆଧାର କରି ପୋଲିସ ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ମୁଖ୍ୟରାସ୍ତା ଦୁଇ ପାର୍ଶ୍ୱରେ ବଢୁଛି ବାସଗୃହ : ଗ୍ରାମ୍ୟ ପରିବେଶ ଶ୍ରୀହୀନ

ଭାପୁର,(ସବ୍ୟୁ): ଗ୍ରାମ୍ୟ ପରିବେଶର ଭାଇଭାଇ ଓ ପଡୋଶୀଙ୍କ ଭାଇଚାରା ସମ୍ପର୍କ ବିଗିଡିବାରେ ଲାଗିଛି । ପରିବାର ର ସଂଖ୍ୟା ବଢୁ ଥିବାରୁ ସମିତ ସ୍ଥାନରେ ଯୌଥ ପରିବାର ରହଣି ଆଉ ଦେଖିବାକୁ ମିଳୁନାହିଁ । ଗ୍ରାମ ଭିତରୁ ବାହାରି ଆସି ମୁଖ୍ୟରାସ୍ତା କଡ଼ରେ ଅବସ୍ଥିତ ଜମିରେ ଜନସାଧାରଣ ଘର କରି ରହିବା ଫଳରେ ଗ୍ରାମ ଭିତର ପରିବେଶ ଶ୍ରୀହୀନ ଅବସ୍ଥାକୁ ଚାଲି ଆସିଲାଣି । ଏହି ପରିପ୍ରେକ୍ଷୀରେ,ଭାପୁର ବ୍ଲକ ମୁଖ୍ୟରାସ୍ତା ଦୁଇ ପାର୍ଶ୍ୱରେ କୋଠାବାଡ଼ି ଗଢି ଉଠୁଥିବା ବେଳେ ଚାଷଜମି କମିବାରେ ଲାଗିଛି । ଗ୍ରାମ୍ୟ ପରିବେଶରେ ଆଉ କେହି ରହିବାକୁ ଚାହୁଁ ନ ଥିବାରୁ ଖଣ୍ଡପଡ଼ା ଠାରୁ ଫତେଗଡ ଏବଂ କଙ୍କିଲୋ ଠାରୁ ଫତେଗଡ ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱ ରାସ୍ତା କଡ଼ରେ ଥିବା ଜମି ଗୁଡିକରେ ଘର ନିର୍ମାଣ ଚାଲିଛି । ଫଳରେ,ଦିନକୁ ଦିନ ସବୁଜିମା ଚାଷଜମି କମିବାରୁ ପରିବେଶ ସନ୍ତୁଳିତ ହେବାରେ ଲାଗିଛି । ଏହିଭଳି ଭାବରେ ଜମିର କିସମ ପରିବର୍ତ୍ତନ ଫଳରେ ଭାପୁର ଅଞ୍ଚଳରୁ ଚାଷ ଜମି କିସମ କମିବାରେ ଲାଗିଛି ।ଚାଷଜମି କମିବାରୁ ଦେଶୀ ଖାଦ୍ୟ ମୁଗ,ବିରି,କୋଳଥ, ଚଣା, ହରଡ ଓ ପନିପରିବା କିଛି ଦିନ ପରେ ଦେଖିବାକୁ ମିଳିବ ନାହିଁ । ଫଳରେ ଖାଦ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇପାରେ ବୋଲି ପରିବେଶବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି । କିସମ ପରିବର୍ତ୍ତନ କରି ତହସିଲ କର୍ତ୍ତୃପକ୍ଷ ମାଲେମାଲ ହେଉଥିବା ଅଭିଯୋଗ ହେଉଥିବାବେଳେ ଚାଷ ଜମି ଗୁଡ଼ିକର ସଂରକ୍ଷଣ କ୍ଷେତ୍ରରେ ତହସିଲ କାର୍ଯ୍ୟାଳୟ ପଦକ୍ଷେପ ନେବାପାଇଁ ଦାବୀ ହୋଇଛି ।

# ଟେନଷ୍ଟାର ଫାଉଣ୍ଡେସନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଖଣ୍ଡପଡ଼ା,(ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ରବିବାର ଭବାନି ଶଙ୍କର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସହରାଞ୍ଚଳ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ସାଇ ଇଣ୍ଟରନେସନାଲ ସ୍କୁଲ ଏବଂ ଅପ୍ରୋଚ ଶିକ୍ଷାନୁଷ୍ଠାନ ସମେତ ଆଖପାଖ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ବିତର୍କ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଥାଉକି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୧୦ ମ୍ୟାଟ୍ରିକ ବ୍ୟାଚର ସହପାଠୀ ମାନଙ୍କ ମିଳିତ ସହଯୋଗରେ ଟେନଷ୍ଟାର ଫାଉଣ୍ଡେସନ ପକ୍ଷରୁ ପ୍ରତ୍ୟେକ ବର୍ଷ ସହରାଞ୍ଚଳର ସାମନ୍ତ ଛକରେ ମହାଡମ୍ବରରେ ଗଣେଶ ପୂଜା ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଗତ ୮ବର୍ଷ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଗଣେଶ ପୂଜା ଉପଲକ୍ଷେ ଅନୁଷ୍ଠିତ ମଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ପୁରସ୍କୃତ ମଧ୍ୟ କରାଯାଉଛି। ସେହିପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ମଞ୍ଚ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## କଂସାରୀ ନଦୀରେ ବୁଡି ବାଳକ ନିଖୋଜ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଥାନା ଅଧିନ ବାଙ୍କିଆପଲ୍ଲୀ ଗ୍ରାମ ପାର୍ଶ୍ୱ ଦେଇ ପ୍ରବାହିତ କଂସାରୀ ନଈରେ ବୁଡି ଜଣେ ବାଳକ ନିଖୋଜ ହୋଇଯାଇଛି । ନିଖୋଜ ବାଳକ ଉକ୍ତ ବାଙ୍କିଆପଲ୍ଲୀ ଗ୍ରାମର ସ୍ୱର୍ଗତ ବାବୁଲା ବେହେରାଙ୍କ ପୁତ୍ର ଆଶୀର୍ବାଦ ବେହେରା (୨୦) ସୋମବାର ସକାଳେ ଆଶୀର୍ବାଦ ସାଙ୍ଗ ମାନଙ୍କ ସହିତ କଂସାରୀ ନଈକୁ ଗାଧୋଇବା ପାଇଁ ଯାଇଥିଲା । ଲଘୁଚାପ ଜନିତ ବର୍ଷା ଯୋଗୁଁ ନଈରେ ପାଣିର ବେଗ ଅଧିକ ରହିଥିବା ବେଳେ ଅସାବଧାନତା ବଶତଃ ଆଶୀର୍ବାଦ ଗଭୀର ଜଳରେ ବୁଡି ନିଖୋଜ ହୋଇଯାଇଥିଲା । ସେ ବୁଡିଯିବା ଦେଖି ସାଙ୍ଗମାନେ ବହୁ ଖୋଜା ଖୋଜି କରି କୌଣସି ସନ୍ଧାନ ପାଇନଥିଲେ । ଖବର ପାଇ ଗ୍ରାମବାସୀ ପହଞ୍ଚି ଡ଼ଙ୍ଗା ସାହାଯ୍ୟରେ ଖୋଜା ଖୋଜି କରି ମଧ୍ୟ ବିଫଳ ହୋଇଥିଲେ । ପରେ ବାଲୁଗାଁ ପୋଲିସ, ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଆଶୀର୍ବାଦର ସନ୍ଧାନ ମିଳିପାରିନାହିଁ । ନଈର ପ୍ରଖୋର ସ୍ରୋତରେ ସେ ଚିଲିକାକୁ ଭାସିଯାଇଥିବା ଅନୁମାନ କରାଯାଉଛି ।

## ମା’ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ପ୍ରଭାତ କ୍ଲବ ଠାରେଥିବା ପୂଜା ମଣ୍ଡପରେ ଚଳିତ ବର୍ଷ ୭ମ ବାର୍ଷିକ ମା’ ଦୁର୍ଗାଙ୍କ ପୂଜା ମହା ଆଡମ୍ବରରେ ପାଳିତ ହେବାକୁ ଯାଉଛି। ଏହି ପୂଜାର ସୁପରିଚାଳନା ନିମନ୍ତେ ପ୍ରଭାତ କ୍ଲବ ପରିସରରେ ୨ଥର ପ୍ରସ୍ତୁତି ବୈଠକ ବସିସାରିଥିବା ବେଳେ ତିଥି ଅନୁଯାୟୀ ଜନ୍ମାଷ୍ଟମୀ ଅବସରରେ ମୂର୍ତୀ ନିର୍ମାଣ ନିମନ୍ତେ ହାଟ ବଜାରସ୍ଥିତ ଲୁଣା ନଦୀ ପଠାରୁ ମାଟି ଅନୁକୂଳ ହୋଇଛି। ଏହି ଅବସରରେ ମୁଖ୍ୟପୂଜକ ରମାକାନ୍ତ ମିଶ୍ର ଯଥାବିଧି ପୂଜାର୍ଚ୍ଚନା କରିଥିବା ବେଳେ ବିଧିଅନୁଯାୟୀ କର୍ତା ବିକ୍ରମ କୁମାର ନଦୀ ପଠାରୁ ମୂର୍ତୀ ନିର୍ମାଣସ୍ଥଳକୁ ଅନୁକୂଳ ମାଟି ଆଣିଥିଲେ। ପ୍ରଭାତ କ୍ଲବର ମୁଖ୍ୟ ପରିଚାଳନା କମିଟି ସଦସ୍ୟ ପଦ୍ମନାଭ ବରାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ପ୍ରବୋଦ୍ଧ ନାୟକ, ସହ ସମ୍ପାଦକ ଗଣେଶ ସ୍ୱାଇଁ, ପ୍ରଶା’ ଦାଶ, ହୃଷିକେଶ ମହାରଣା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗୋବିନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉତ୍କଳ କରାଟେ ସ୍କୁଲ ପକ୍ଷରୁ ବେଲ୍ଟ ପରୀକ୍ଷା

ବାଲୁଗାଁ, (ସବ୍ୟୁ):ରବିବାର ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖା ତରଫରୁ ସ୍ଥାନୀୟ ଅଶୋକ ନଗର ସ୍ଥିତ ଉମା ମହେଶ୍ୱର ବଣିକ ସଂଘ ପରିସରରେ ବେଲ୍ଟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ପରୀକ୍ଷା ରେ ବାଲୁଗାଁ, ବାଣପୁର ଓ ଚାନ୍ଦପୁର ଶାଖାରୁ ପ୍ରାୟ ୬୦ ଜଣ କରାଟେକା ଅଂଶ ଗ୍ରହଣ କରିଥିଲେ । ଉତ୍କଳ କରାଟେ ସ୍କୁଲ୍ର ପ୍ରତିଷ୍ଠାତା ହାନସି ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ କ୍ୟୋସି ଦୀପକ କୁମାର ସାମନ୍ତରା ( ୭ମ ଡ଼ାନ ବ୍ଲାକ ବେଲ୍ଟ) ଏହି ପରୀକ୍ଷାକୁ ପରିଚାଳନା କରିଥିଲେ । ଏହି ପରୀକ୍ଷା ରେ ବ୍ରାଉନ ବେଲଟ ରେ ୧୯ ଜଣ, ବ୍ଲୁ ବେଲ୍ଟ ରେ ୮ ଜଣ, ଗ୍ରିନ ବେଲ୍ଟ ରେ ୯ ଜଣ, ଅରେଞ୍ଜ ବେଲ୍ଟ ରେ ୯ ଜଣ ଓ ୟଲୋ ବେଲ୍ଟ ରେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଦେବି ମୁହାଣରେ ରୋପଣ କରାଯିବ ଲକ୍ଷାଧିକ ହେନ୍ତାଳ ଚାରା




ଅସ୍ତରଙ୍ଗ,(ସବ୍ୟୁ): ବିଶ୍ୱ ତାପାୟନ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁଁ ଅସ୍ତରଙ୍ଗ ଦେବୀ ମୁହାଣ ଠାରୁ କେଲୁଣି ମୁହାଣ ଦୀର୍ଘ କୋଡିଏ କିମି ପର୍ଯ୍ୟନ୍ତ ସାମୁଦ୍ରିକ ଅବକ୍ଷୟ ହେଉଛି । ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମ ଜାରି ରଖିଥିବା, ଏଫଏସଏ,ଭାରତୀୟ ତୈଳ ନିଗମ ସମ୍ବାଦ’ ର ମିଳିତ ସହ ଯୋଗରେ ଅନୁଷ୍ଠାନର ଦୁଇ ଦିନିଆ କର୍ମଶାଳାରେ ବିଶିଷ୍ଟ ପରିବେଶବିତ ଶୋଭାକର ବେହେରାଙ୍କ ତତ୍ତ୍ୱାବଧାନରେ ର ଶତାଧିକ ସ୍ଥାନୀୟ ମହିଳା, ବୁଦ୍ଧିଜୀବୀ, ସାମ୍ବାଦିକ, ଏବଂ ସ୍ୱେଚ୍ଛାସେବୀ ଉପସ୍ଥିତି ରହି ଉପକୂଳ ସୁରକ୍ଷା ପାଇଁ ପିର ଜାହାନିଆ କଲ୍ୟାଣ ମଣ୍ଡପ ପରି ସରରେ ସଂକଳ୍ପ ନେଇଥିଲେ । ପରିବେଶ ସୁରକ୍ଷା ସମ୍ପର୍କ ରେ ଅତିଥି ଭାବେ ରଞ୍ଜନ କୁମାର ଦାସ , (ଅବସର ପ୍ରାପ୍ତ ଆଇ ଏ ଏସ ), ସଂସ୍ଥାର ସଂସ୍ଥାପକ ଆଲେକ ଜାଣ୍ଡାର ଦାସ, ପ୍ରଫେସର ନିହାର ରଞ୍ଜନ ଦାସ ,ହେମନ୍ତ କୁମାର ମିଶ୍ର,ପ୍ରେମାନନ୍ଦ ବିଶାଳ କାର୍ଯ୍ୟ କ୍ରମର ସଂଯୋଜକ ଆକାଂକ୍ଷା ନାୟକ ପ୍ରମୁଖ ଉପସ୍ଥିତି ରହି ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ ପରିବେଶ ସୁରକ୍ଷା ଉପରେ କାର୍ଯ୍ୟକ୍ରମ କରିଥିବା ବିଶିଷ୍ଟ ବ୍ୟକ୍ତି, କଣମଣ ଗ୍ରାମର ସରୋଜିନୀ ନାୟକ, ଶିକ୍ଷକ ବିଜୟ ଭଞ୍ଜ, କଳ୍ପନା ନାୟକ, ବନି ବାରିକ,ସମେତ ପାଞ୍ଚଜଣ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଦୁଇଦିନିଆ କର୍ମଶାଳାକୁ ପରିଚାଳନା ଓ ସହଯୋଗ କରିଥିଲେ ଥିଲେ ସାମ୍ବାଦିକ ଦୁଃଶାସନ ନାୟକ, ରଞ୍ଜନ କୁମାର ନାୟକ,ପ୍ରଶାର ଖୁଣ୍ଟିଆ,ପ୍ରମୁଖ ।

# ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେଶନ ଜିଲ୍ଲା ସମ୍ମିଳନୀ

ଦଶପଲ୍ଲା (ସବ୍ୟୁ): ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେଶନ (ଡି ୱାଇ ଏଫ ଆଇ) ର ଦଶମ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଇଲେଭେନ ଷ୍ଟାର ସ୍ପୋର୍ଟିଂ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲ୍ଲା କମିଟି ସଭାପତି ବିରଞ୍ଚି ପ୍ରଧାନ ପତାକା ଉତ୍ତୋଳନ କଲାପରେ ସମାଜ ପାଇଁ ଜୀବନ ଦେଇ ଥିବା ସହିଦ ମାନଙ୍କ ଉଦ୍ଦେଶ୍ୟରେ ସହିଦ ବେଦିରେ ସମସ୍ତ ପ୍ରତିନିଧି ଓ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ମିଳନୀ କକ୍ଷରେ ପ୍ରବେଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଥୀ ବିରଞ୍ଚି ପ୍ରଧାନ, ପ୍ରକାଶ ମଣ୍ଡଳ ଓ ଧିରେନ ପାତ୍ରଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସମ୍ମିଳନୀକୁ ଓଡ଼ିଶା ରାଜ୍ୟ ସଭାପତି ସରୋଜ କୁମାର ନାୟକ ଉଦଘାଟନ କରି ଯୁବ ଆନ୍ଦୋଳନକୁ ଜିଲ୍ଲାରେ ଜୋର୍ ଦାର କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ବିପିନ ବିହାରୀ ବାଲୁ ଏକ ରାଜନୈତିକ ଓ ସାଂଗଠାନିକ ଚିଠା ରିପୋର୍ଟ ଉପସ୍ଥାପନ କଲାପରେ ଜିଲ୍ଲାରୁ ଆସିଥିବା ବିଭିନ୍ନ ବ୍ଲକର ପ୍ରତିନିଧି ମାନେ ଏହାପରେ ଗଠନ ମୂଳକ ଆଲୋଚନା କରି ସର୍ବ ସମ୍ମତିକ୍ରମେ ଗୃହୀତ କରାଯାଇଥିଲା । ଏହି ସମ୍ମିଳନିରେ ଅତିଥି ଭାବେ ବରିଷ୍ଠ ଆଇନଜୀବି ଶରତ ଚନ୍ଦ୍ର ବେହେରା ଯୋଗଦେଇ ଯୁବ ଆନ୍ଦୋଳନର ଗୌରବମୟ ଇତିହାସ ସହିତ ଯୁବକମାନେ ବେକାରୀ ଠାରୁ ଆରମ୍ଭକରି ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟାକୁ ଭିତ୍ତିକରି ଜିଲ୍ଲାରେ ବନ୍ଦ ହୋଇଯାଇଥିବା ଚିନିକଳ ଖୋଲିବା ସହିତ ବୃତଙ୍ଗ ଯୋଜନା କାର୍ଯ୍ୟକାରୀ କରିବା ଓ ବିଭିନ୍ନ ଦପ୍ତରରେ ଖାଲିପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବା ପାଇଁ ଦାବି କରିଥିଲେ । ଏଥିପାଇଁ ଆନ୍ଦୋଳନ ଜରୁରୀ ହୋଇ ପ ବେଳେ ଯୁବ ସଂଗଠନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ପରେ ବିପିନ ବାଲୁ ସମ୍ପାଦକ ,ବିରଞ୍ଚି ପ୍ରଧାନ ସଭାପତି ଓ ଧୀରେନ ପାତ୍ର କୋଷାଧ୍ୟକ୍ଷ ଥାଇ ଏକ ପନ୍ଦର ଜଣିଆ ଜିଲ୍ଲା କମିଟି ଗଠନ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଶତାଧିକ ଯୁବ ପ୍ରତିନିଧି ଯୋଗ ଦେଇଥିଲେ।

# ଅଭ୍ୟାସ ବାଳିକା ହାଇସ୍କୁଲରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଫୁଲନଖରା ,(ସବ୍ୟୁ : ସମାଜସେବୀ ତଥା ବାଲୁ ବଜାର ପୂଜା କମିଟି ସଭାପତି ପଥ୍ୱୀରାଜ ସାହୁଙ୍କ ଦ୍ୱାରା ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ମନୋରମା ରଥ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଂଜନ ନାୟକ, ସମ୍ମାନୀୟ ଅତିଥି ବରିଷ୍ଠ ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ ଯୋଗ ଦେଇଥିଲେ । ସଭାରେ ସମାଜସେବୀ ତଥା ଉପର ତେଲେଙ୍ଗା ବଜାର ପୂଜା କମିଟି ସହ ସମ୍ପାଦକ ସମ୍ପଦ କୁମାର ମଲ୍ଲିକ, ସୟଦ କାଶୀଫୁଲ ଇସଲାମ ( ସି.ଆର.ସି.ସି ),ଶିକ୍ଷୟିତ୍ରୀ ରଶ୍ମିତା ବେହେରା,ସୁନିତା ନାୟକ,ପ୍ରୀତି ଦାସ,ମଧୁସ୍ମିତା ମଲ୍ଲିକ,ଅର୍ଣ୍ଣପୂର୍ଣ୍ଣା ମହାରଣା,ମିନତୀ ସାହୁ ଓ ନିହାରିକା ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତୀ ଛାତ୍ରୀ ଶିବାନୀ ବାରିକ,ପ୍ରିୟଙ୍କା ସେଠୀ, ପୁର୍ଣ୍ଣମାସୀ ବେହେରା,ଆୟେଶା ମହାରଣା ଓ ଅଙ୍କିତା ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏଥି ସହିତ ଦୁଇଜଣ ପୁରାତନ ଛାତ୍ରୀ ଶୁଭସ୍ମିତା ସିଂ ଓ ସତ୍ୟରୁପା ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀୟ ଅତିଥି ଫୋଟୋ ସାମ୍ବାଦିକ ଶ୍ରୀ ମଲ୍ଲିକ ଫେସବୁକ ସାମାଜିକ ଅନୁଷ୍ଠାନ ଆମ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସର୍ବୋଚ୍ଚ ନମ୍ୱର ରଖିଥିବା ପ୍ରଥମ ଛାତ୍ରୀଙ୍କୁ ପାଞ୍ଚଶହ ଟଙ୍କା ଦ୍ୱିତୀୟ ଛାତ୍ରୀଙ୍କୁ ଦୁଇଶହ ଟଙ୍କା ଓ ତୃତୀୟ ଛାତ୍ରୀଙ୍କୁ ଏକଶହ ଟଙ୍କା ସହିତ ଏକ କଲମ ଉପହାର ସ୍ୱରୂପ ଦେଇ କୃତୀ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସଭାବନା ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣି

ସାକ୍ଷଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକର ସଦଭାବନା ଗୃହପରିସରରେ ସୋମବାର ପୂର୍ବାହ୍ନ ୧୦ଟାରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜନ ଶୁଣାଣୀ ଶିବିରରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା , ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପୁରୀ ଶରତ ଚନ୍ଦ୍ର ବେହେରା , ଉପଜିଲ୍ଲାପାଳ ରାଜକିଶୋର ଜେନା , ଅତିରିକ୍ତ ଏସପି ପୁରୀ ସଚିନ ପଟେଲ , ପିପିଲି ଏସଡିପିଓ ଦେବାଶିଷ ମିଶ୍ର , ସତ୍ୟବାଦୀ ବିଡ଼ିଓ ଦେବାଶିଷ ନାୟକ , ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ , ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରାଙ୍କ ସମେତ ଜିଲ୍ଲାର ଓ ବ୍ଲକର ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ । ଗ୍ରୀଭାନ୍ସ ଅଧିକାରୀ ପଞ୍ଚାନନ ପରିଜା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଭିଯୋଗ ଶୁଣାଣୀରେ ବିଭିନ୍ନ ବିଭାଗ ନିମନ୍ତେ ଅଭିଯୋଗକାରୀଙ୍କ ଠାରୁ ଆସିଥିବା ୬୪ ଅଭିଯୋଗକୁ ତ୍ୱରିତ ସମାଧାନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ମୁଖ୍ୟତଃ ଆବାସ ଯୋଜନା, ଭତ୍ତା , ବିଦ୍ୟୁତ, ଶିକ୍ଷା , ଉଦ୍ୟାନ ବିଭାଗ,କୃଷି ବିଭାଗ, ଯୋଗାଣ ବିଭାଗ, ପନୀୟ ଜଳ ଯୋଗାଣ , ,ରାସ୍ତା ନିର୍ମାଣ ସମ୍ବନ୍ଧୀୟ ଅଭିଯୋଗ ରହିଥିଲା ।

# ବିପଦସଙ୍କୁଳ ସେତୁରେ ଯାତାୟାତ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ଠାରୁ ଡେଲାଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର କଣାସ କଲେଜ ନିକଟରେ ଥିବା ସେତୁ ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଖବର ନେବାରେ ଜଣାପଡିଛି ଦୈନନ୍ଦିନ କଣାସ ବ୍ଲକରୁ ପୁରୀ,ଭୁବନେଶ୍ୱର ଡେଲାଙ୍ଗ,ପିପିଲିକୁ ଶତାଧିକ ଲୋକେ ଓ ଭରି ଜାନ ବାହାନ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । ମାତ୍ର ଏହି ପୁରାତନ ସେତୁଟି ଲୋକମାନଙ୍କ ପାଇଁ ଏବେ ବିପଦ ସୃଷ୍ଟି କରିଛି । ସେତୁଟି ଦୀର୍ଘ ଦିନ ହେବ ମରାମତି ଓ ରକ୍ଷଣା ବେକ୍ଷଣ ଅଭାଗ ଯୋଗୁ ଏବେ ଛଡ଼ ଉପରକୁ ବାହାରିଥିବା ବେଳେ ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠି ଖାଲ ଖମା ସୃଷ୍ଟି ହୋଇଛି । ଉକ୍ତ ରାସ୍ତାରେ ସ୍କୁଲ କଲେଜ ଠାରୁ ଆରମ୍ଭ କରି ବ୍ଲକ,ତହସିଲ,ଥାନା,ଡାକ୍ତରଖାନା ଓ ଭୁବନେଶ୍ୱର ଆଦି ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ମାନେ ବାଲି,ଗୋଡ଼ି,ସିମେଣ୍ଟ ତଥା ଅତ୍ୟାବଶ୍ୟକୀୟ ସାମଗ୍ରୀ ଏହି ରାସ୍ତା ଦେଇ ଆସିଥାଏ ।ହେଲେ ଦୀର୍ଘ ଦିନ ହେବ ସେତୁଟି ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ କେତେବେଳେ ଅଘଟଣ ନଘଟିବ କିଏ କହିବ ।ଏନେଇ ଅଞ୍ଚଳବାସି ପୂର୍ତ୍ତ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ ,ସଚିବ ଓ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ଶହୀଦ ତୀର୍ଥ ଯାତ୍ରୀଙ୍କୁ ସ୍ୱାଗତ



ନିମାପଡା,(ସବ୍ୟୁ): ଅଗଷ୍ଟ କ୍ରାନ୍ତି ରଥ ଭଦ୍ରକ ଜିଲ୍ଲା ମାଥିଲ ଠାରୁ ଆସି ନିମାପଡା ଶହୀଦ ପୀଠ ଠାରେ ଆଜି ପହଞ୍ଚିଥିଲା । ଏହି ରଥରେ ଶହୀଦ ତିଥ ଯାତ୍ରାର ସଭାପତି ବୈଲୋଚନ ଜେନା ଓ ତାଙ୍କ ଧର୍ମ ପତ୍ନୀ ବନଲତା ଜେନାଙ୍କ ସମେତ ୫ ଜଣ ଶହୀଦ ତୀର୍ଥ ଯାତ୍ରୀ ଦିନ ୧୨ ଟା ସମୟରେ ନିମାପଡା ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ପହଞ୍ଚି ଶହୀଦ ଉଚ୍ଛବ ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ନିମାପଡା ଶହୀଦ ପୀଠରୁ ମାଟି ନେଇ ଶହୀଦ କଳସ ସହ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିଲେ । ନିମାପଡ଼ାରେ ତୀର୍ଥ ଯାତ୍ରୀଙ୍କୁ ନିମାପଡ଼ା ସହିଦ ସ୍ମୃତି ସଂସଦ ର ସମ୍ପାଦକ ଡ଼ଃ .ବେଣୁଧର ସେନାପତି, କୋଷାଧ୍ୟକ୍ଷ ଦୟାନିଧି ସାହୁ,ସଦସ୍ୟ ଜୀବନାନନ୍ଦ ମହାପାତ୍ର,ସାଧୀନତା ସଂଗ୍ରାମୀ ଦାୟଦ ସଙ୍ଘର ସଭାପତି ଆର୍ତବନ୍ଧୁ ସେନାପତି ,ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ନିମାପଡା ଥାନା ଅଧିକାରୀ ଦମଦେବ ସ୍ୱାଇଁ, ଟେକ ମହିନ୍ଦ୍ରା ଫାଉଣ୍ଡେସନ ଲୋକେସନ ମ୍ୟାନେଜର ରଶ୍ମିରଞ୍ଜନ ମହାନ୍ତି, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ର ଅଧକ୍ଷା ମିନତୀ ସେନାପତି, ଶିକ୍ଷୟିତ୍ରୀ ଭଗ୍ୟଲକ୍ଷ୍ମୀ ପାତ୍ର,ରୁଚିକା ସମାଜ ମଙ୍ଗଳ ସଂଗଠନର ଶ୍ରଦ୍ଧାଞ୍ଜଳି ଲାଲା ପ୍ରମୁଖ ସ୍ୱାଗତ କରିଥିଲେ ।ସଂସଦର ସମ୍ପାଦକ ଡଃ .ସେନାପତି କହିଲେ ନିମାପଡ଼ାରେ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ପ୍ରଯୋଜିତ ହୋଇଥିବା ଭାରତ ଛାଡ ଆନ୍ଦୋଳନରେ ୧୯୪୨ ମସିହା ସେପଟେମ୍ବର ୧୬ ତାରିଖ ଦିନ ନିଶସ୍ତ୍ର ସଂଗ୍ରାମୀ ମାନଙ୍କ ଉପରକୁ ପୋଲିସ ଗୁଳି ଚଳାଇଥିଲା । ଏହି ଗୁଳିରେ ଉଚ୍ଛବ ମଲିକ ଶହୀଦ ହୋଇଥିଲେ ଓ ୨୦ ଜଣ ସଂଗ୍ରାମୀ ପୋଲିସ ଗୁଳିର ଶିକାର ହୋଇଥିଲେ ।ଏହା ବ୍ୟତୀତ ୩୬ ଜଣ ସଂଗ୍ରାମୀ ଙ୍କୁ ଗିରଫ କରାଯାଇଥିଲା । ନିମପଡାର ଶହୀଦ ଉଚ୍ଛବ ମଲିଙ୍କ କୁ ମିଶାଇ ଓଡ଼ିଶାରେ ମୋଟ ୭୨ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ ।

# ସମସ୍ୟା ଘେରରେ ଆଦର୍ଶ ବିଦ୍ୟାଳୟ

ଭାପୁର ,(ସବ୍ୟୁ):ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ ମହତ ଲକ୍ଷ ନେଇ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଛନ୍ତି । ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ରାଜ୍ୟ ସରକାର ସମସ୍ତ ସୁବିଧା ଯୋଗାଇ ଦେଇଥିାଲ ମଧ୍ୟ ମଧ୍ୟ ଭାପୁର ବ୍ଲକ ଫତେଗଡ ଗ୍ରାମରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଜଣାପଡିଛି । ଏହି ବିଦ୍ୟାଳୟ ୨୦୨୦ ମସିହାରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି । ଛାତ୍ରଛାତ୍ରୀଙ୍କ ପଠନ ପ୍ରକ୍ରିୟା ଠିକ ରହିଥିବାବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ଯୋଗୁଁ ଛାତ୍ରଛାତ୍ରୀ ଙ୍କ ପାଇଁ ସମସ୍ୟା ଦେଖାଦେଇଛି ।ବର୍ତ୍ତମାନ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ରୁ ଏକାଦଶ ପର୍ଯ୍ୟନ୍ତ ଶ୍ରେଣୀରେ ୪୩୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ନିକଟସ୍ଥ ଗ୍ରାମରୁ ଆସୁଥିବା ଛାତ୍ରଛାତ୍ରୀ ମାନେ ସାଇକେଲ ରେ ଆସୁଥିବା ବେଳେ ଅନ୍ୟ କେତେକ ଶିକ୍ଷାର୍ଥୀ ଅଟୋ ରେ ଯିବାଆସିବା କରିଥାନ୍ତି । ବର୍ତ୍ତମାନ ୪୮ ନମ୍ବର ରାଜ୍ୟ ରାଜପଥ ଏବଂ ଭାପୁର – ଫତେଗଡ ରାସ୍ତା ଅତ୍ୟନ୍ତ ବିପଦପୂର୍ଣ୍ଣ (ଦୁର୍ଘଟଣା ପ୍ରବଣ) ଅବସ୍ଥାକୁ ଚାଲି ଆସିଥିବାରୁ ଅଭିଭାବକମାନେ ନିଜ ପିଲାଙ୍କୁ ସାଇକେଲରେ ଛାଡ଼ିବା ପାଇଁ ଭୟ କରୁଛନ୍ତି । ହଷ୍ଟେଲ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାରୁ ଆଗାମୀ ଦୁଇ ମାସ ମଧ୍ୟରେ ଛାତ୍ରଛାତ୍ରୀ ମାନେ ହଷ୍ଟେଲରେ ରହିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ବାଉଣ୍ଡରି ଏବଂ ଖେଳପଡିଆ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କିନ୍ତୁ, ଛାତ୍ରଛାତ୍ରୀ ମାନେ ସାଇକେଲ ରଖିବା ପାଇଁ ସାଇକେଲ ଷ୍ଟାଣ୍ଡ ଟିଏ ନ ଥିବାରୁ ବର୍ଷା ଦିନରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମସ୍ୟା ଦେଖାଦେଉଛି । ଖାଦ୍ୟ ପ୍ରସ୍ତୁତି କରିବା ପାଇଁ ରୋଷେଇ ଘର ନାହିଁ କି ଛାତ୍ରଛାତ୍ରୀ ଖାଇବା ପାଇଁ ଡାଇନିଂ ହଲ ମଧ୍ୟ ନାହିଁ ।

(ଶ୍ରୀମଭଗବଦ୍ ଗୀତା ୧୮/୧୮)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମ୍ମଚୋଦନା ।**
**କରଣଂ କର୍ମ୍ମ କର୍ତ୍ତେତି ତ୍ରିବିଧଃ କର୍ମ୍ମସଂଗ୍ରହଃ ॥ ୧୮ ॥**

(ଅଥଃ ଇଦାନୀଂ କର୍ମ୍ମାଣାଂ ପ୍ରବର୍ତ୍ତକଃ ଉଚ୍ୟତେ)- ଜ୍ଞାନଂ( ଇଷ୍ଟସାଧନମିତି ବୋଧଃ), ଜ୍ଞେୟ (ଇଷ୍ଟସାଧନଂ କର୍ମ୍ମ) ପରିଜ୍ଞାତା (ଏତଜ୍ଜ୍ଞାନାଶ୍ରୟଃ) (ଇତ୍ୟେବଂ) ତ୍ରିବିଧା କର୍ମଚୋଦନା (କର୍ମପ୍ରବୃତ୍ତି ହେତୁଃ) (ତଥା) କରଣଂ (ସାଧକତମଂ), କର୍ମ୍ମ (କର୍ତ୍ତୁରୀପ୍ସିତତମଂ) କର୍ତ୍ତା (କ୍ରିୟାନିର୍ବର୍ତ୍ତକଃ) ଇତି ତ୍ରିବିଧଃ କର୍ମ୍ମସଂଗ୍ରହଃ (କ୍ରିୟାଶୟଃ) ॥ ୧୮ ॥

# ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ସମସ୍ୟା

ସମଗ୍ର ଭାରତରେ ସମ୍ବାଦପତ୍ରର ସାମ୍ରାଜ୍ୟ ବେଶ୍ ବିସ୍ତୃତ । ଭିନ୍ନ ଭିନ୍ନ ଧରଣର ଭାରତୀୟ ସମ୍ବାଦପତ୍ରର ସଂଖ୍ୟା ଲକ୍ଷାଧିକ ହେବ ବୋଲି ଆକଳନ କରାଯାଇଛି । ଏ ସବୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ଭାରତ ସରକାରଙ୍କଦ୍ୱାରା ପଞ୍ଜିକୃତ ମଧ୍ୟ ହୋଇଛି । ପ୍ରାୟ ୨୦୦ ଭାରତୀୟ ଭାଷା ସମେତ ଇଂରାଜୀ ଭାଷାରେ ପ୍ରକାଶିତ ସମ୍ବାଦପତ୍ର ଓ ପତ୍ରପତ୍ରିକାର ଭବିଷ୍ୟତ କଥା କେନ୍ଦ୍ର, ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନେ ହୁଏତ ସେତେବେଳେ ଚିନ୍ତା କରି ନଥିଲେ । ସମ୍ବାଦପତ୍ରର ପ୍ରତିଷ୍ଠାତାମାନେ ସେ ବିଷୟରେ ମଧ୍ୟ ସଚେତନ ନଥିଲେ । ଏତେ ସବୁ ସମ୍ବାଦପତ୍ରକୁ ସାଇତି ସଂରକ୍ଷଣ କରି ରଖିବାକୁ ଏତେ ସ୍ଥାନ କାହିଁ ? ତେଣୁ ଭାରତର ପ୍ରଧାନମନ୍ତ୍ରୀ ଏବେ ଯେଉଁ ଡିଜିଟାଲ ଭାରତ ଉପରେ ଗୁରୁତ୍ୱାରୋପ କରିଛନ୍ତି, ତାହା ହିଁ ଏବେ ସର୍ବାଧିକ ଆବଶ୍ୟକତା ବୋଲି ମନେ ହେଉଛି । ଏହା ପରେ କୃତ୍ରିମ ବୁଦ୍ଧିମତା (Artificial Intelligence) ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେପରି ଗୁରୁତ୍ୱ ଦେବାକୁ କହିଛନ୍ତି, ତାହା ଭାରତର ପ୍ରକୃତ ଭବିଷ୍ୟତ ବୋଲି ବୁଝିବାକୁ ହେବ ।

ଓଡ଼ିଶାରେ ପ୍ରକୃତରେ କେତେ ସମ୍ବାଦପତ୍ର ବା ପତ୍ରପତ୍ରିକା ତାହାର ହିସାବ ଠିକ୍ ଭାବରେ କରାଯାଇ ନାହିଁ । ତଥାପି କରୋନା ମହାମାରୀ ସମୟରେ ସଂକ୍ରମଣ କାରଣରୁ ଅନେକ ଓଡ଼ିଆ ସମ୍ବାଦପତ୍ରକୁ ଗ୍ରାହକମାନେ ବର୍ଜନ କରିଦେଲେ । ଅନେକ ଇଂରାଜୀ ଓ ହିନ୍ଦୀ ସମ୍ବାଦପତ୍ର ମଧ୍ୟ କ୍ଷତିଗ୍ରସ୍ତ ହେଲେ । ଏହାପରେ ମଧ୍ୟ ସମ୍ବାଦ, ସମାଜ, ପ୍ରମେୟ, ଧରିତ୍ରୀ ଓ ସମୟ ପରି ମାତ୍ର ଅଳ୍ପ କେତେକ ସମ୍ବାଦପତ୍ର ଓଡ଼ିଶାରେ ଅଧିକ ପ୍ରସାରିତ ହୋଇଛନ୍ତି । ସମ୍ବାଦପତ୍ରର ସାମ୍ବାଦିକ ଓ କର୍ମଚାରୀମାନଙ୍କ ମଧ୍ୟରେ ଅନେକ ହଇରାଣ ହୋଇଛନ୍ତି, ଚାକିରି ହରାଇଛନ୍ତି ଓ ଆଉ କେତେକ ସମ୍ବାଦପତ୍ରରେ ଚାକିରି କରଛନ୍ତି ଓ ସମ୍ବାଦପତ୍ରମାନଙ୍କୁ ବଞ୍ଚାଇ ରଖିବା ଦିଗରେ ସହାୟତା ପ୍ରଦାନ କରି ଆସିଛନ୍ତି । ଅନେକ ଓଡ଼ିଆ ପତ୍ରପତ୍ରିକା କରୋନା ପୂର୍ବରୁ ମଧ୍ୟ ମ୍ଳାନ ପଡ଼ିବାର ଦୁର୍ଭାଗ୍ୟ ବରଣ କରିଛନ୍ତି । ଏପରିକି ଓଡ଼ିଶାର ପ୍ରଥମ ପ୍ରକାଶିତ ସମ୍ବାଦପତ୍ରର ମାନ୍ୟତା ପାଇଥିବା 'ଉତ୍କଳ ଦୀପିକା' ପତ୍ରିକା ମଧ୍ୟ ବହୁ ପୂର୍ବରୁ ବନ୍ଦ ହୋଇ ଯାଇଥିଲା । ପ୍ରାକ୍ ସ୍ୱାଧୀନତା କାଳରେ ଭଞ୍ଜ ପ୍ରଦୀପ, ମୁକୁର, ଉତ୍କଳ ସାହିତ୍ୟ, ସମ୍ବଲପୁର ହିତୈଷିଣୀ, ସମ୍ବାଦବାହିକା, ବୋଧଦାୟିନୀ ଓ ଡଗର, ନବଭାରତ ଓ ସହକାର ପ୍ରଭୃତି ପତ୍ରିକା ଜନପ୍ରିୟତାର ଶୀର୍ଷ ସ୍ଥାନକୁ ଯାଇ ମଧ୍ୟ ବିଭିନ୍ନ କାରଣରୁ ତିଷ୍ଠି ରହି ପାରିନାହାନ୍ତି । ଏବେ କେତେକ ଓଡ଼ିଆ ପତ୍ରିକା ବଙ୍ଗଳା ଭାଷାର ପତ୍ରିକା ପ୍ରକାଶନର ଅନୁସରଣରେ 'ପୂଜା ସଂଖ୍ୟା' ପ୍ରକାଶନ ଲାଗି ଦୁର୍ଗା ପୂଜା ସମୟରେ ବ୍ୟସ୍ତ ରହୁଥିବା ପରିଲକ୍ଷିତ ହେଉଛି । ମାତ୍ର ଏବର ଡିଜିଟାଲ ଓ ମୋବାଇଲ ଯୁଗରେ ପଠନସ୍ପୃହା ହ୍ରାସ ପାଉଥିବାରୁ ବହୁଳ ପୃଷ୍ଠା ବହନ କରୁଥିବା 'ପୂଜା ସଂଖ୍ୟା' ମଧ୍ୟ ଆଗପରି ଯଥେଷ୍ଟ ସଂଖ୍ୟାରେ ବିକ୍ରୀ ହେଉନାହିଁ । ତଥାପି ସେଥିରେ ଲେଖିଥିବା ଅନେକ ଲେଖକ/ ଲେଖିକା ପୂଜା ସଂଖ୍ୟାକୁ ନିଜେ କିଣି ଆଣି ନିଜର ସମ୍ପର୍କୀୟ ବା ବନ୍ଧୁମାନଙ୍କୁ ମାଗଣାରେ ବିତରଣ କରୁଥିବା ଦୁର୍ଭାଗ୍ୟର ବିଷୟ ବୋଲି ମନେ ହୋଇଥାଏ ।

ଇତିମଧ୍ୟରେ ତଡିତ ଗଣମାଧ୍ୟମ (electronic media) ଓ ସାମାଜିକ ଗଣମାଧ୍ୟମ (social media)ଉଭୟ ମୁଦ୍ରଣ ଗଣମାଧ୍ୟମ (print media)ର ପ୍ରତିଦ୍ୱନ୍ଦୀ ନିଶ୍ଚୟ । ତଥାପି ମୁଦ୍ରଣ ଗଣମାଧ୍ୟମର ଆଦର ସହ ସେମାନେ ସମକକ୍ଷ ହେବା ପରି ମନେ ହୁଏ ନାହିଁ । ଏହା ବ୍ୟତୀତ ମୁଦ୍ରଣ ଗଣମାଧ୍ୟମକୁ ନିୟନ୍ତ୍ରଣାଧୀନ କରିବାକୁ କେନ୍ଦ୍ର ସରକାର ପ୍ରଥମ ପ୍ରେସ କମିଶନଙ୍କ ସୁପାରିଶ ଅନୁସାରେ ୧୯୬୬ ମସିହାରେ 'ଭାରତରେ ପ୍ରେସ କାଉନସିଲ' ଗଠନ କରିଥିଲେ । ୧୯୭୮ର ପ୍ରେସ କାଉନସିଲର ଆଇନ ଅନୁଯାୟୀ ସମ୍ବାଦପତ୍ରର ସ୍ୱାଧୀନତା ସମେତ ସମ୍ବାଦପତ୍ର ଓ ସମ୍ବାଦ ସରବରାହ ସଂସ୍ଥାର ମାନରକ୍ଷା ଲାଗି ସରକାର କଟକଣା ମଧ୍ୟ ଜାରି କରି ପାରିବେ । ମାତ୍ର ତଡିତ ବା ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ ସେପରି କାଉନସିଲ ଗଠିତ ହୋଇପାରିନାହିଁ । ଅଶ୍ଳୀଳ ଓ ହାନିକାରକ ତଡ଼ିତ ବା ସାମାଜିକ ଗଣମାଧ୍ୟମ ପାଇଁ କିଛିଟା କଟକଣା ସରକାର ରଖିଛନ୍ତି । ସେଥିପାଇଁ ନିର୍ଦ୍ଦିଷ୍ଟ ଆଇନର ଆଶ୍ରୟ ନିଆ ହୋଇନାହିଁ । ଏକଦା କଂଗ୍ରେସ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅମଳରେ ବୃତ୍ତି ଟିକସ (Professional Tax) ଆରମ୍ଭ କରାଯାଉଥିଲା । ଏ ସାମ୍ବାଦିକ ଓ ଲେଖକ ଅନ୍ୟ କେତେ ଜଣଙ୍କ ସହ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କୁ ନିବେଦନ କରିବାରୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ସେ ବିଚାର ବିମର୍ଷ କରି ସାମ୍ବାଦିକମାନଙ୍କୁ ଏହି ଟିକସ ବ୍ୟବସ୍ଥାରୁ ବାଦ୍ ଦିଆଯାଇଥିଲା ।

ଏବେ ସାପ୍ତାହିକ 'ରାଷ୍ଟ୍ରଦୀପ' ପତ୍ରିକାର ୬୦ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି ତାଙ୍କ ସରକାର ଅବଗତ ଅଛନ୍ତି ବୋଲି କହିଛନ୍ତି । ଏହା ନିଶ୍ଚିତ ଭାବେ ସାମ୍ବାଦିକମାନଙ୍କୁ ଉତ୍ସାହିତ କରିଛି । ସେହିପରି ଗତ ଅଗଷ୍ଟ ୧୩ ତାରିଖରେ 'ସମୟ ଲାଇଭ' ୱେବ ଚାନେଲ କାର୍ଯ୍ୟକ୍ରମରେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସମେତ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଶିଳ୍ପମନ୍ତ୍ରୀ ଶ୍ରୀ ସଂପଦ ଚରଣ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ସମ୍ବାଦପତ୍ର ଓ ସାମ୍ବାଦିକଙ୍କର ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମାତ୍ର ରାଜଧାନୀରେ ଜମି ବା ବାସଗୃହ ନଥିବା କେତେକ ସାମ୍ବାଦିକଙ୍କୁ ଆବଣ୍ଟିତ ହୋଇଥିବା ସରକାରୀ ବାସଗୃହରୁ ଉଚ୍ଛେଦ କରାଯିବାକୁ ନୋଟିସ ହୋଇଛି ଏବଂ ତାହାର ବିକଳ୍ପ ବ୍ୟବସ୍ଥା କାହିଁକି କରାଯାଇ ପାରୁନାହିଁ, ସେ ବିଷୟକୁ ରାଜ୍ୟ ସରକାର ଅନୁସନ୍ଧାନ କରି ଗୁରୁତର ଭାବେ ବିଚାର କରିବେ ବୋଲି ଆମେ ଆଶା କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମଧ୍ୟବିତ୍ତର ଦୁଃଖ



ଡ. ନିରଞ୍ଜନ ସାହୁ

ଶ୍ରମିକ ଶ୍ରେଣୀ ଓ ଉଚ୍ଚବର୍ଗର ଲୋକଙ୍କର ମଝିରେ ଥିବା ଅର୍ଥନୈତିକ ତଥା ସାମାଜିକ ଗୋଷ୍ଠୀର ଲୋକଙ୍କୁ ସାଧାରଣ ଭାବରେ ମଧ୍ୟବିତ୍ତ ବୋଲି କୁହାଯାଇଥାଏ । ବହୁଳ ଭାବରେ ବ୍ୟବହୃତ ଏଇ ଶବ୍ଦଟିର ବାସ୍ତବ ସଂଜ୍ଞା ଖୋଜିବା ଏତେ ସହଜ ବ୍ୟାପାର ନୁହେଁ । ଏମାନଙ୍କର ଥାଏ ଶିକ୍ଷାଗତ ଯୋଗ୍ୟତା ତଥା ନିଜର ପିଲାମାନଙ୍କୁ ଏମାନେ ଭଲ ଅନୁଷ୍ଠାନରେ ପଢ଼େଇବା ପାଇଁ ପ୍ରଯତ୍ନ କରିଥାନ୍ତି । ଏମାନଙ୍କର ସ୍ଥିର ଆୟ ଥାଏ ଏବଂ ଜୀବନଶୈଳୀରେ ଥାଏ କିଛି ଆରାମଦାୟକ ସ୍ଥିତି । ସ୍ୱାସ୍ଥ୍ୟସେବା ପାଇଁ ଏମାନେ ତତ୍ପର ଥାଆନ୍ତି ଏବଂ ସ୍ୱାସ୍ଥ୍ୟରକ୍ଷା ପାଇଁ ବି ଖର୍ଚ୍ଚ କରିବାକୁ ପଛାନ୍ତି ନାହିଁ । ଏକ ଅପେକ୍ଷାକୃତ ଆରାମଦାୟକ ଜୀବନଶୈଳୀରେ ବଞ୍ଚୁଥିବା ଏଇ ଲୋକେ କ'ଣ ସତରେ ଖୁସିରେ ଥାଆନ୍ତି !

ମାତ୍ର ସେମାନଙ୍କୁ ଯଦି ଆପଣ ଏଇ ପ୍ରଶ୍ନ ପଚାରିବେ ତା'ହେଲେ ଆପଣ ପାଇବେ ନିରୁତ୍ସାହଜନକ ଉତ୍ତର । ସେମାନେ ସତରେ ଭାରି ଦୁଃଖୀ ବୋଲି ଭାବନ୍ତି – କଥାରେ କୁହାଯାଏ 'ମୂଢ଼େ ତରନ୍ତି, ଗୁଢ଼େ ତରନ୍ତି – ମଝି ମଝିକିଆ ବୁଡ଼ି ମରନ୍ତି' – ତା'ହେଲେ କ'ଣ ସେଇ କଥାଟି ସତ । ଶ୍ରମିକ ଶ୍ରେଣୀ ପରି ସେମାନେ କେବେବି ନିହାତି ଅସୁବିଧାଜନକ ସ୍ଥିତିରେ ନଥାନ୍ତି ତଥାପି ନିଜକୁ ସବୁବେଳେ ଅସୁରକ୍ଷିତ ଅନୁଭବ କରନ୍ତି । ଘାସକୁ ମୋଟ ଗଛକୁ ଛୋଟ, ଘାସକୁ ସମୟ ସୁଯୋଗ ମିଳିନଥାଏ ଅନ୍ୟ ସହିତ ନିଜକୁ ତଉଲିବା ପାଇଁ ହେଲେ ମଧ୍ୟବିତ୍ତ ନଜକୁ ତା'ର ତଳ ଶ୍ରେଣୀ ସହିତ କେବେ ତୁଳନା କରେନାହିଁ ବରଂ ଉଚ୍ଚବର୍ଗଙ୍କ ସହିତ ତୁଳନା କରେ ଓ କଷ୍ଟ ପାଏ ।

ଜ୍ଞାନର ଅଭାବ ବେଳେ ବେଳେ ଆଶୀର୍ବାଦ ପାଲଟେ ବୋଲି କୁହାଯାଇଥାଏ, ଯାହାକୁ ଇଂରାଜୀରେ କହନ୍ତି– "Where ingnorance is bliss"ସେଇ କଥା ଶ୍ରମିକ ଶ୍ରେଣୀ ପାଇଁ ବେଳେ ବେଳେ ପ୍ରଯୁଜ୍ୟ ହୋଇଥାଏ – ସେମାନେ କେବଳ ବର୍ତ୍ତମାନ ଭିତରେ ଜିଇଁଥାନ୍ତି– ଭବିଷ୍ୟତକୁ ଅନେଇବାକୁ ତାଙ୍କର ତର ନଥାଏ– ସେମାନେ ତଳ ଶ୍ରେଣୀରେ ଥିବାରୁ ନା ଥାଏ ପତନର ନା ଅଧଃପତନର ଭୟ। ସେମାନେ ବଞ୍ଚନ୍ତି ବେଫିକର ହୋଇ – ଦିନକର ମଜୁରି ମିଳିଗଲେ ଶସ୍ତା କିଛି ଗ୍ରାସାଚ୍ଛାଦନ କରି ଶୋଇଯାଆନ୍ତି ସେମାନେ । ଦେଶୀ ପାନୀୟ ଟିକିଏ ଯୋଡ଼ି ହୋଇଗଲେ ସେ ନିଦରେ ପୁଣି ଯୋଗ ହୋଇଯାଏ ସାନ୍ଦ୍ରତା । ଅଥଚ ବହୁ ମଧ୍ୟବିତ୍ତଙ୍କ ଠାରେ ନିଦ୍ରାଜନିତ ରୋଗର ପ୍ରାବଲ୍ୟ । ସେମାନଙ୍କ ନିକଟରେ ଭଲ ସାଜସଜ୍ଜା ବିଶିଷ୍ଟ ଶୟନ କକ୍ଷ ଓ ସୁସଜ୍ଜିତ ଶଯ୍ୟା ଥାଇପାରେ ମାତ୍ର ନିଦ ପାଇବାକୁ ସେମାନଙ୍କୁ ବହୁ ଚେଷ୍ଟା କରିବାକୁ ହୁଏ । କେତେବେଳେ ଘଣ୍ଟା ଘଣ୍ଟା ଚାଲିବାକୁ ହୁଏ, କେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟକୁ ନିୟନ୍ତ୍ରଣ କରିବା ଦରକାର ପଡ଼େ । କ୍ୟାରିଅରକୁ ଆଗକୁ ବଢ଼େଇବାର ସ୍ୱପ୍ନ, କେବେ ନୂଆ ମନଲାଖି ଘର ଖଣ୍ଡିଏ ତୋଳେଇବାର ପ୍ରଗାଢ଼ ଇଚ୍ଛା, କେବେ ନିଜ ପେଟରୁ କାଟି ନିଜର ପୁତ୍ରକନ୍ୟାଙ୍କ ଉଚ୍ଚଶିକ୍ଷା ପାଇଁ ବିଭିନ୍ନ ପ୍ରୟାସ ଭିତରେ ନିଦ୍ରାଦେବୀ ପାଖକୁ ମାଡ଼ନ୍ତି ନାହିଁ ।

**କଥା ନିରବଧି**

ଦାସ କ୍ୟାପିଟାଲ ପୁସ୍ତକର ସହରଚୟିତା ଏଲେସଙ୍କୁ ହୁଏତ ଆପଣ ଜାଣିଥିବେ ମାର୍କ୍ସଙ୍କର ଅନ୍ୟତମ ସହଯୋଗୀ ଭାବେ । ତାଙ୍କ ଭାଷାରେ ସମ୍ଭ୍ରାନ୍ତ କୁଳ ଏବଂ କୃଷିକାର୍ଯ୍ୟରେ ନିୟୋଜିତ ଶ୍ରମିକ ଗୋଷ୍ଠୀ ମଝିରେ ଥିବା ଯେଉଁ ଲୋକମାନେ ସେହିମାନେ ହିଁ ବୁର୍ଜୁଆ, ଯାହାଙ୍କୁ ମଧ୍ୟବିତ୍ତ ଶ୍ରେଣୀ ଭାବରେ ଆମେ ଚିହ୍ନିତ କରୁଛୁ ଆଜିକାଲି । ସମ୍ଭ୍ରାନ୍ତ କୁହାଯାଉଥିଲା ସେଇମାନଙ୍କୁ ଯେଉଁମାନେ ଜନ୍ମରୁ ଥିଲେ ଧନୀକ ଏବଂ ସେମାନେ ରାଜା କିମ୍ବା ତାଙ୍କର ପ୍ରିୟ ପରିଜନ ସମ୍ବଳିତ ଏକ ଗୋଷ୍ଠୀ ଯେଉଁମାନେ ଏକଦା ସମାଜର ଉଚ୍ଚଶ୍ରେଣୀ ଭାବରେ ଅଭିହିତ ହେଉଥିଲେ । ଭାରତର ବହୁ ଜମିଦାର ଶ୍ରେଣୀୟ ଲୋକମାନେ ଏକଦା ଥିଲେ ସମ୍ଭ୍ରାନ୍ତ ଶ୍ରେଣୀୟ, ମାତ୍ର ଜମିଦାରୀ ଉଚ୍ଛେଦ ପରେ ସେମାନଙ୍କ ଭିତରୁ କେତେକ ମଧ୍ୟବିତ୍ତ ହୋଇ କିଛିଦିନ ଚଳିଲେ ଏବଂ କ୍ରମେ ନିଜର ପରିଚୟ ହଜେଇ ଦେଲେ ସମୟର ଗତିଚକ୍ରରେ ।

***ମଧ୍ୟବିତ୍ତମାନେ ସିନା ଦୁଃଖୀ ହେଲେ ସମାଜକୁ ସୁଖୀ କରିବା ପାଇଁ ସେମାନଙ୍କର ଯୋଗଦାନ ଅନ୍ୟ କୌଣସି ଗୋଷ୍ଠୀ ଠାରୁ ଅଧିକ । ଯେତେ ଡାକ୍ତର, ଅଧ୍ୟାପକ, କବି ସାହିତ୍ୟିକ, ଶିଳ୍ପୀ, ବୈଜ୍ଞାନିକ ସବୁ ଏଇ ଶ୍ରେଣୀରେ ଅନ୍ତର୍ଭୁକ୍ତ । ବିଶ୍ୱ ଅସମାନତା ରିପୋର୍ଟ ୨୦୧୮ ଅନୁସାରେ ବିଶ୍ୱର ଧନୀ ଶତକଡ଼ା ଦଶଭାଗ ଲୋକଙ୍କର ରୋଜଗାର ମଧ୍ୟବିତ୍ତମାନଙ୍କ ରୋଜଗାର ଠାରୁ ଆନୁପାତିକ ଭାବରେ ଢେର ଅଧିକ। ବିଶେଷକରି ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତୀୟ ମଧ୍ୟବିତ୍ତ ଶ୍ରେଣୀ କ୍ରମଶଃ ସଂକୁଚିତ ହେଉଛନ୍ତି ।***

ମଧ୍ୟବିତ୍ତମାନେ ସିନା ଦୁଃଖୀ ହେଲେ ସମାଜକୁ ସୁଖୀ କରିବା ପାଇଁ ସେମାନଙ୍କର ଯୋଗଦାନ ଅନ୍ୟ କୌଣସି ଗୋଷ୍ଠୀ ଠାରୁ ଅଧିକ । ଯେତେ ଡାକ୍ତର, ଅଧ୍ୟାପକ, କବି ସାହିତ୍ୟିକ, ଶିଳ୍ପୀ, ବୈଜ୍ଞାନିକ ସବୁ ଏଇ ଶ୍ରେଣୀରେ ଅନ୍ତର୍ଭୁକ୍ତ । ବିଶ୍ୱ ଅସମାନତା ରିପୋର୍ଟ ୨୦୧୮ ଅନୁସାରେ ବିଶ୍ୱର ଧନୀ ଶତକଡ଼ା ଦଶଭାଗ ଲୋକଙ୍କର ରୋଜଗାର ମଧ୍ୟବିତ୍ତମାନଙ୍କ ରୋଜଗାର ଠାରୁ ଆନୁପାତିକ ଭାବରେ ଢେର ଅଧିକ। ବିଶେଷକରି ଏହି ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତୀୟ ମଧ୍ୟବିତ୍ତ ଶ୍ରେଣୀ କ୍ରମଶଃ ସଂକୁଚିତ ହେଉଛନ୍ତି ।

ମଧ୍ୟବିତ୍ତମାନେ ସବୁ ସାମାଜିକ ଦୁର୍ଘଟଣାର ଆଘାତ ଆଗ ପାଇଥାନ୍ତି । ଜୀବନ ଧାରଣର ମାନ ବୃଦ୍ଧି ଘଟୁଛି ପ୍ରତିଦିନ-କାଲି ଯାହା ବିଳାସମୟ ବସ୍ତୁ ବୋଲି ଧରାଯାଉଥିଲା ଆଜି ତାହା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ – ହେଲେ ଦର ବଢୁଛି, ମାତ୍ର ସେଇ ଅନୁପାତରେ ଦରମା ବଢୁନି । ଘରଭଡ଼ା ବଢ଼ି ବଢ଼ି ଚାଲୁଛି – ବଢୁଛି ଘରମାଲିକର ଜୁଲୁମ୍– ମଶାରୀ କଣ୍ଟାଟିଏ ଉପୁଡ଼ି ପଡ଼ିଲେ ତାକୁ ପିଟିବା ପାଇଁ ଦରକାର ପଡ଼େ ମାଲିକର ସମ୍ମତି କାରଣ ଅନ୍ୟଥା ହେଲେ ଘରମାଲିକଙ୍କ କୋପର ସାମ୍ନା କରିବାକୁ ହେବ । ଦୁଇଜଣ ଅତିଥି ଯଦି ଆସିଯିବେ ତାଙ୍କ ଶୋଇବା ପାଇଁ ଅଲଗା ଘର ନାହିଁ – ଦି'ଜଣ ବାହାର ଲୋକ ଆସିଛନ୍ତି ଜାଣିଲେ ଚାକରାଣୀ ଅନ୍ୟକିଛି ବାହାନା ଦେଖେଇ ଆସିବାକୁ କୁନ୍ଥ କୁନ୍ଥ । ଆଉ ମାଲିକାଣୀ କେବେ କଥା ଛଳରେ କହିଦେବେ ଯେ ଆପଣଙ୍କ ଘରକୁ ଏତେ ଗେଷ୍ଟ ଆସୁଛନ୍ତି ଯେ ଆମର ପାଇଖାନା ଟାଙ୍କି ଉଚ୍ଛୁଳି ପଡୁଛି ଏପରି ଅକୁହା ଦୁଃଖକୁ ସମ୍ଭାଳିବା ପାଇଁ ମଧ୍ୟବିତ୍ତଟିଏ ଛଡ଼ା କିଏ ବା ଅଛି ?

ସ୍ୱାସ୍ଥ୍ୟ ଖରାପ ହେଲା ମାନେ ମନରେ ଉଦ୍‌ବେଗ – ଶ୍ରମିକ ଶ୍ରେଣୀଙ୍କର ଧାରଣା ଥାଏ ଶରୀରରେ ଥିବା ରୋଗ ନିବାରକ ଶକ୍ତି ହିଁ ତାଙ୍କୁ ରୋଗରୁ ମୁକ୍ତିଦେବ ନ ହେଲେ ଅତି ବେଶିରେ ସରକାରୀ ଡାକ୍ତରଖାନାରେ ଉପଚାର । ମାତ୍ର ମଧ୍ୟବିତ୍ତ ମନର ଦୁଃଶ୍ଚିନ୍ତା, କେମିତି ସେ ରୋଗର ମୁକାବିଲା କରିବ-ଯେତେବେଳେ ସାରା ବାୟୁମଣ୍ଡଳରେ ପ୍ରଦୂଷଣ ବଜାରରେ ପ୍ରଦୂଷିତ ଖାଦ୍ୟର ଭଣ୍ଡାର ସେତେବେଳେ ରୋଗରେ ନ ପଡ଼ିବା ଗୋଟିଏ ବ୍ୟତିକ୍ରମ କେବଳ । ରୋଗରେ ପଡ଼ି ନର୍ସିଂହୋମ୍‌ରେ ଆଠଦିନ ପଡ଼ିଲେ କେତେ ମାସର ସଞ୍ଚୟ ଗାଏବ । ଇନ୍‌ସ୍ୟୁରାନ୍ସ ହିଁ ଏକମାତ୍ର ପଥ ପ୍ରଦର୍ଶକ । ହେଲେ ପ୍ରତିଶ୍ରୁତି ଅନୁସାରେ ସବୁ ବୀମାରୁ ଭରଣ କରିହୁଏ ନାହିଁ, ପୁଣି ପକେଟ ଉପରେ ମାଡ଼-ରୋଗ ଭୟରେ ସଂତ୍ରସ୍ତ ମଧ୍ୟବିତ୍ତର ଚିତ୍ତ ।

କେତେବେଳେ କେମିତି ଛୁଟିଟିଏ ମିଳିଲେ ପର୍ଯ୍ୟଟନରେ ଯିବାକୁ ମନ କରୁଥାଏ ମଧ୍ୟବିତ୍ତ ଲୋକଟିଏ, ତା'ର ସମଗ୍ର ପରିବାର ପାଇଁ ସେତେକ ଏକ ବିରାଟ ଆକର୍ଷଣ-ହୋଟେଲ ଦେୟର ଅହେତୁକ ଅଭିବୃଦ୍ଧି, ପର୍ଯ୍ୟଟକଙ୍କ ଉପରେ ସ୍ଥାନୀୟ ଲୋକଙ୍କର ଅଲିଖିତ ଟ୍ୟାକ୍‌ସ, ବହୁତ ଆଗରୁ ଯୋଜନା ନ କଲେ ବିମାନ ଯାତ୍ରା ଏକରକମର ଅସମ୍ଭବ ତ ବହୁତ ଆଗରୁ ଯୋଜନା କଲେବି ଅଫିସର ଦାୟିତ୍ୱ ଦୃଷ୍ଟିରୁ କେବେ ଛୁଟି ବାତିଲ ହେବାର ଭୟ ମଧ୍ୟବିତ୍ତର ଦୁଃଖକୁ ବଢ଼େଇଦିଏ ବହୁଗୁଣ ।

ସରକାରମାନେ ଯେତେ ହରେକ ରକମର ଟ୍ୟାକ୍‌ସ ଲଗେଇ ଦିଅନ୍ତି ତାକୁ ମଧ୍ୟବିତ୍ତ ଛଡ଼ା କିଏ ବା ଏତେ ସାମ୍ନା କରେ ? କୁହାଯାଏ ବହୁତ ରକ୍ତ ଶୋଷିଲେ ବି ତା'ର ମନ ମେଣ୍ଟିଗଲେ ଜୋକ ବି ଶରୀରକୁ ଛାଡ଼ିଦିଏ । ହେଲେ ସରକାରଙ୍କ ମନ କେବେ ମେଣ୍ଟେନି । ଜିନିଷ କିଣିବେ ଟିକସ ଗଣିବେ, ଜିନିଷ ବିକିବେ ସେଥିରୁ ବି ଟିକସରୁ ନିସ୍ତାର ନାହିଁ । ସିନେମା ଦେଖିବେ ସେଥିରେ ପ୍ରମୋଦ କର, ଆୟ ଉପରେ ଆୟକର, ଗାଡ଼ି ଚଳେଇବେ ଦେବେ ରୋଡ୍ ଟ୍ୟାକ୍ସ, ବ୍ୟାଙ୍କରେ ଟଙ୍କା ଲୋନ୍ ନେଲେ ଟଙ୍କା ଦେବେ, ଟଙ୍କା ରଖିଲେ ବି ସୁଧ ଉପରେ ଟିକସ୍ ବୋଝ-ଯେ ସବୁ ବୋଝ ମୁଣ୍ଡେଇ ମୁଣ୍ଡେଇ ମଧ୍ୟବିତ୍ତ ବେହାଲ ।

ମଧ୍ୟବିତ୍ତମାନଙ୍କ ଭିତରେ ସହଯୋଗ କମ୍ , ତା'ଛଡ଼ା ସେମାନେ ବି ସଂଖ୍ୟାନ୍ୟୁନ ଏଣୁ ତାଙ୍କ ଉପରେ ସରକାରୀ ଜୁଲମ୍ ଅଧିକ । ସେମାନେ ଗୋଟିଏ ଗଣତନ୍ତ୍ରକୁ ପୁଷ୍ଟ କରନ୍ତି ସେମାନଙ୍କର ବୌଦ୍ଧିକ ଓ ଆର୍ଥିକ ଯୋଗଦାନ ଦ୍ୱାରା, ମାତ୍ର ସରକାରୀ ସୁବିଧା ତାଙ୍କୁ କ୍ୱଚିତ ମିଳେ – ଏପରିକି ସରକାର ରିଟାୟାର୍ଡ଼ ବର୍ଷୀୟାନମାନଙ୍କୁ ରେଳଯାତ୍ରାରେ ଦେଉଥିବା ରିହାତି ହଟେଇ ଦେଇଥିଲେ କୋଭିଡ୍ ସମୟରେ– ଏହା ଭିତରେ ଚାରିବର୍ଷ ବିତିବାକୁ ବସିଲାଣି –ତାକୁ ଫେରେଇବାକୁ ନା ଧରୁ ନାହାନ୍ତି ।

ମଧ୍ୟବିତ୍ତର ଦୁଃଖ ଶୁଣିବାକୁ କାହାରି ନାହିଁ ସମୟ ବା ଧୈର୍ଯ୍ୟ ।

***(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ଜଣେ କଥାଶିଳ୍ପୀଭାବେ ପରିଚିତ)***

**ମୋ-୯୪୩୮୪୮୨୯୧୧**

# ଯୁଦ୍ଧ ବିଭୀଷିକା ଓ ବିଶ୍ୱଶାନ୍ତି-୨



ରୁଚିର କୁମାର ପାଣିଗ୍ରାହୀ

ଆଆବଶ୍ୟକତା ଦୃଷ୍ଟିରୁ ଦେଖିଲେ ଯଦିଓ ଯୁଦ୍ଧ ଧନ-ଜୀବନ ହାନି ଓ ଦୁଃଖ ଦୁର୍ଦ୍ଦଶା ଆଣିଥାଏ, ତଥାପି ବିଶେଷଜ୍ଞମାନଙ୍କ ମତରେ ଅନେକଗୁଡିଏ କାରଣ ପାଇଁ ବିଶ୍ୱରେ ଯୁଦ୍ଧର ଆବଶ୍ୟକତା ପଡିଥାଏ । ମୁଖ୍ୟତଃ ସାଧାରଣ ଜନତାଙ୍କର ଅଧିକାରର ସୁରକ୍ଷା, ପ୍ରାକୃତିକ ସମ୍ପଦର ସୁରକ୍ଷା, କୌଣସି ଅଗ୍ରଗତି ବା ନିରାକରଣକୁ ପ୍ରୋତ୍ସାହିତ କରିବା ଓ ଅର୍ଥନୈତିକ ଉନ୍ନତି ଦିଗରେ ଆଗେଇବା ଇତ୍ୟାଦି ଯୁଦ୍ଧର ଲକ୍ଷ୍ୟ ହୋଇପାରେ । କେତେକ ଯୁକ୍ତି ଦର୍ଶାଇଥାନ୍ତି ଯେ ଯୁଦ୍ଧ କେବଳ ଅର୍ଥନୈତିକ, ଧାର୍ମିକ ଓ ରାଜନୈତିକ ସ୍ୱାର୍ଥ ପାଇଁ ଲଢ଼ା ଯାଇଥାଏ । ଅନ୍ୟ କେତେକ କୁହନ୍ତି ଏହା କେବଳ ଆଦର୍ଶବାଦ ଓ ଚିନ୍ତାଧାରାର ବିଭିନ୍ନତା ଅଟେ ।

ଅର୍ଥନୀତି ଦୃଷ୍ଟିରୁ ତର୍ଜମା କଲେ ଜଣାଯାଏ ଯେ ଅନେକ ଅର୍ଥନୈତିକ ଅଭିବୃଦ୍ଧି ଯୁଦ୍ଧ ସମୟରେ ଉତ୍ପନ୍ନ ହୋଇଥାଏ । ଆକ୍ରମଣ ପ୍ରତିରୋଧକ ଉପାୟ ପାଇଁ ପ୍ରତିରକ୍ଷା ସାମଗ୍ରୀ, ସୈନ୍ୟବାହିନୀ ପାଇଁ ଅସ୍ତ୍ର, ବସ୍ତ୍ର ଓ ସ୍ୱାସ୍ଥ୍ୟ ଯତ୍ନ ପାଇଁ ଉଦ୍ଦିଷ୍ଟ ଶିଳ୍ପ ସଂସ୍ଥାମାନ ଗଢ଼ି ଉଠିଥାଏ । ସାମାଜିକ ସୁବିଧା ଦେଖିଲେ ଜଣାଯାଏ ଯେ ସର୍ବଦା ଯୁଦ୍ଧ ଏକ ସାମାଜିକ ବାର୍ତ୍ତା ବା ଲକ୍ଷ୍ୟ ନେଇ ଘଟିଥାଏ । ଶୋଷିତ ବା ବଞ୍ଚିତ ଲୋକମାନଙ୍କର ସ୍ୱାର୍ଥରକ୍ଷା ହୋଇଥାଏ ଏବଂ ଶୋଷଣ କରୁଥିବା ସଂସ୍ଥା ଦଣ୍ଡିତ ହୋଇଥାନ୍ତି । ଯୁଦ୍ଧରେ ଅନେକ କ୍ଷୟକ୍ଷତି ସହ ଆବଶ୍ୟକତା ଓ ଅଭିଜ୍ଞତା ସୃଷ୍ଟି ହୋଇଥାଏ, ଯାହାକି ଗବେଷଣା ଓ ଯାନ୍ତ୍ରିକ ବିଜ୍ଞାନର ପ୍ରୟୋଗକୁ ସହାୟକ ହୁଏ ଏବଂ ଯୁଦ୍ଧପରେ ଲୋକଙ୍କର ସ୍ୱାର୍ଥ ଓ ସୁବିଧା ପାଇଁ ଆବଶ୍ୟକ ହୋଇଥାଏ । କ୍ଷେପଣାସ୍ତ୍ର ଓ ଯୁଦ୍ଧ ଯନ୍ତ୍ର ନିର୍ମାଣ, କ୍ଷତାକ୍ତ ସୈନ୍ୟଙ୍କ ପାଇଁ ଆଧୁନିକ ଡାକ୍ତରଖାନା, ସୁରକ୍ଷା ପ୍ରଦାନକାରୀ ବସ୍ତ୍ର, ନାରୀଶକ୍ତିର ଉପଯୋଗ, ଆକାଶ ଓ ନୌବାହିନୀ ପାଇଁ ରକେଟ୍ ନିର୍ମାଣ, ଜାହାଜ ଓ ସ୍ଥଳବାହିନୀ ପାଇଁ ଟ୍ୟାଙ୍କ୍, ତୋପ, ସ୍ୱତନ୍ତ୍ର କମ୍ପ୍ୟୁଟର, ଟିଭି, କ୍ୟାମେରା, ସାଟେଲାଇଟ୍, ଡବାଯୁକ୍ତ ଖାଦ୍ୟ, ଡ୍ରୋନ୍ ଏବଂ ନ୍ୟୁକ୍ଲିୟର ଅସ୍ତ୍ର ଇତ୍ୟାଦିର ବହୁଳ ଆବଶ୍ୟକ ହୋଇଥାଏ । ସାଧାରଣ ହିସାବରେ ବିଶ୍ୱର ମୋଟ୍ ଗବେଷଣା ଖର୍ଚ୍ଚର ୭୦ ପ୍ରତିଶତ କେବଳ ସାମରିକ ବାବଦରେ ଖର୍ଚ୍ଚ ହେଉଅଛି । ଆମେ କହିପାରିବା ଯେ ଯୁଦ୍ଧରେ ମୃତ୍ୟୁ ଅପେକ୍ଷା ଅଧିକ ଲୋକ ଜୀବନ ବଞ୍ଚାଇ ସୁରକ୍ଷିତ ରହିପାରନ୍ତି ।

ଯୁଦ୍ଧର ପ୍ରଭାବ ବିଷୟରେ ଆଲୋଚନା କଲେ ଜଣାଯାଏ ଯେ ଏହାର ପରିଣତି ମୃତ୍ୟୁ ଅଟେ । ମୃତ୍ୟୁ ବ୍ୟତୀତ ଦାରିଦ୍ର୍ୟ, ପର୍ଯ୍ୟାପ୍ତ ଖାଦ୍ୟର ଅଭାବ, ପଙ୍ଗୁ ବା ବିକଳାଙ୍ଗ ହେବା, ଅର୍ଥନୈତିକ ଓ ସାମାଜିକ ସ୍ଥିତିର ଦୁରାବସ୍ଥା ଘଟିଥାଏ ଏବଂ ମାନସିକ ଅସୁସ୍ଥତା ଆଣି ଦିଏ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଲାଗିଲେ ସହରର ବିକାଶ ନହୋଇ ବିନାଶ ହୋଇଥାଏ । କୋଠାବାଡି ଭିତ୍ତିଭୂମିର ନଷ୍ଟ, ସାଧାରଣ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିଯିବା ଓ ସାମାଜିକ ବ୍ୟବସ୍ଥା ଦୋହଲି ଯାଏ । ଏତତ୍‌ବ୍ୟତୀତ ମୂଲ୍ୟବାନ ମନୁଷ୍ୟ ଜୀବନକୁ ହରାଇବାକୁ ପଡେ ଏବଂ ଅପୂରଣୀୟ କ୍ଷତି ବିଭିନ୍ନ ମାଧ୍ୟମରେ ପହଞ୍ଚାଇଥାଏ । ଏଥିରେ ସୈନ୍ୟ ବାହିନୀରେ ନିଯୁକ୍ତ ଓ ସାଧାରଣ ନାଗରିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ରାଜନୈତିକ ବିଦ୍ୱେଷ ଓ କଳହ ଉଭୟ ପକ୍ଷରେ ଦେଖା ଦେଇଥାଏ । ଯୁଦ୍ଧରତ ଦେଶଗୁଡିକ ଆର୍ଥିକ ଅନାଟନ ସହ ଅର୍ଥନୈତିକ ଚାପଗ୍ରସ୍ତ ହୋଇଥାନ୍ତି । ଖାଦ୍ୟ ସାମଗ୍ରୀ, ତୈଳଭଣ୍ଡାର ଏବଂ ଖାଉଟି ସାମଗ୍ରୀର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ଯୁଦ୍ଧ କେବଳ ଖର୍ଚ୍ଚାନ୍ତର ପଥ ନୁହେଁ, ବରଂ ଟଙ୍କା, କ୍ଷମତା ଏବଂ ସମ୍ପତ୍ତିର ଅପଚୟ ଅଟେ । ଯୁଦ୍ଧ ପ୍ରଭାବକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ଯଥା କ୍ଷଣସ୍ଥାୟୀ ବା ଦୀର୍ଘସ୍ଥାୟୀ ।

ଯୁଦ୍ଧବେଳେ ଲଢ଼େଇ କରୁଥିବା ସୈନ୍ୟମାନେ ଦୁଃଖଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ଅଭିଜ୍ଞତା ହାସଲ କରିଥାନ୍ତି । ସାଧାରଣ ଜନତାଙ୍କ ସହିତ ଛୋଟ ପିଲା, ମହିଳା ଓ ବୟସ୍କମାନେ ଏଥିରେ ମଧ୍ୟ ସାମିଲ ହୋଇଯାନ୍ତି । ବର୍ତ୍ତମାନ ସମୟରେ ଅନ୍ତଃକନ୍ଦଳ ଯୋଗୁଁ ରାଜ୍ୟ ବା ଦେଶ ମଧ୍ୟରେ ଗୃହଯୁଦ୍ଧ ସୃଷ୍ଟି ହୋଇ ଅନେକ ଧନଜୀବନ ନଷ୍ଟ ହେଉଅଛି । ଯେତେବେଳେ ଦୁଇ ପକ୍ଷ ମଧ୍ୟରୁ ଯୁଦ୍ଧରେ ଏକପକ୍ଷ ସରକାର ଥାଆନ୍ତି, ସେଇଠି ଧନ-ଜୀବନର ବ୍ୟାପକ କ୍ଷତି ହୋଇଥାଏ । ଦୀର୍ଘକାଳୀନ ଯୁଦ୍ଧର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱ ଅଟେ ।

ପ୍ରଥମ ବିଶ୍ୱଯୁଦ୍ଧ ବେଳେ ପରିସଂଖ୍ୟାନ ଅନୁସାରେ ୬୦ ମିଲିୟନ ସୈନ୍ୟ ୟୁରୋପରେ ମୁତୟନ ମଧ୍ୟରୁ ୮ମିଲିୟନଙ୍କୁ ହତ୍ୟା, ୭ମିଲିୟନ ସବୁଦିନ ପାଇଁ ବିକଳାଙ୍ଗ ଓ ୧୬ମିଲିୟନ ଗଭୀର ଭାବରେ କ୍ଷତ ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ମୃତ୍ୟୁବରଣ କରିଥିବା ୬୦ମିଲିୟନଙ୍କ ମଧ୍ୟରୁ ୨୦ମିଲିୟନ ସୈନ୍ୟ ଓ ୪୦ମିଲିୟନ ସାଧାରଣ ଲୋକଥିଲେ । ସଂଯୁକ୍ତ ଋଷ ୨୭ ମିଲିୟନ ଲୋକ ହରାଇଥିଲା ଯାହାକି ଦ୍ୱିତୀୟ ବିଶ୍ୱଯୁଦ୍ଧର ମୋଟ ମୃତକ ବା କ୍ଷତାକ୍ତଙ୍କ ଠାରୁ ଅର୍ଦ୍ଧାଧିକ ଅଟେ । ୨୦୧୧ ମସିହାରେ ସିରିୟାର ରାଷ୍ଟ୍ରପତି କସର ଅଲ୍ ଆସାଦ୍ ବିରୁଦ୍ଧରେ ଯୁଦ୍ଧରେ ୧୨୦୦୦ଜଣ ଓ ୨୦୨୩ ମସିହାରେ ପାଲେଷ୍ଟାଇନ୍‌ରେ ୨ମାସ ମଧ୍ୟରେ ୧୨୦୦୦ଶିଶୁଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା ।

ଆନ୍ତଃଦେଶୀୟ ମାନବବୋଧ ଆଇନ୍ (ଆଇ.ଏଚ୍.ଏଲ୍) ଏକ ସଂସ୍ଥା, ଯୁଦ୍ଧର ପ୍ରଭାବକୁ କମ୍ କରିବା ଓ ଯେଉଁମାନେ ଯୁଦ୍ଧରେ ସମ୍ପୃକ୍ତ ନୁହଁନ୍ତି, ସେମାନଙ୍କର ନିରାପତ୍ତା ପ୍ରତି ଯତ୍ନଶୀଳ ହୋଇଥାଏ । ସଶସ୍ତ୍ର ଯୁଦ୍ଧରେ ଅନେକ ଜୀବନ ହରାଇବାକୁ ପଡିଥାଏ ଏବଂ ସାମାଜିକ ଦୃଷ୍ଟିରୁ ବହୁ ପ୍ରଭାବ ପଡିଥାଏ । ଶିକ୍ଷା ଓ ଲିଙ୍ଗଗତ ପାର୍ଥକ୍ୟ ବହୁଳ ପ୍ରଭାବିତ ହୋଇଥାଏ । ଦାରିଦ୍ର୍ୟ, ଭୋକିଲା, ରୋଗଗ୍ରସ୍ତ, ବାସହୀନ ଓ ପରିବେଶ ସନ୍ତୁଳନ ହରାଇବା ସମସ୍ୟାମାନ ଦେଖା ଦେଇଥାଏ । ଯୁଦ୍ଧ ସମୟରେ ସାହିତ୍ୟ, ସଂସ୍କୃତି ଓ କଳା ସମ୍ବନ୍ଧୀୟ ସମ୍ପତ୍ତି ସବୁ ଚୋରି, ଲୁଟ୍ ଓ ନଷ୍ଟ ହୋଇଥାଏ । କଳାକାର, ଲେଖକ ଏବଂ ସୃଜନଶକ୍ତି ସମ୍ପନ୍ନ ବ୍ୟକ୍ତିମାନେ ଅସୁରକ୍ଷିତ ମନେକରି ଦେଶ ଛାଡି ପଳାୟନ କରିଥାନ୍ତି । ରାଜନୈତିକ ପରିବର୍ତ୍ତନ ଯଥା ଶାସକ ଓ ସରକାର ବଦଳିଯାଏ । ଯୁଦ୍ଧ, ସାଧାରଣ ଲୋକମାନେ କହୁଥିବା ଭାଷାକୁ ପ୍ରଭାବିତ କରେ । ଖାଦ୍ୟ, ତୈଳ, ଇନ୍ଧନ ଓ ଅନ୍ୟାନ୍ୟ ଖାଉଟି ଦ୍ରବ୍ୟର ଗଚ୍ଛିତ ପରିମାଣ ଶେଷ ହୋଇଯାଏ, ଯାହାଫଳରେ ଲୋକମାନେ ଭୋକିଲା ରୁହନ୍ତି । ଯୁଦ୍ଧରତ ଦେଶଗୁଡିକ ନିଜର ପର୍ଯ୍ୟାପ୍ତ ଉତ୍ପାଦନ କରିନପାରିବାରୁ ଅନ୍ୟ ଦେଶରୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡିଥାଏ ଏବଂ ନିଜର ରପ୍ତାନୀ କମ୍ କିମ୍ବା ଆଦୌ ନହେବା ଯୋଗୁଁ ଆର୍ଥିକ କ୍ଷତି ସହିବାକୁ ପଡିଥାଏ । ସମାଜରେ ଉତ୍ତମ ଜୀବନଯାପନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଅଭିବୃଦ୍ଧି, ସ୍ଥାନାନ୍ତର, ଜଳାଭାବ ଓ ଖାଦ୍ୟ ସୁରକ୍ଷା ଆଦି ଅନେକ ସମସ୍ୟାକୁ ସାମନା କରିବାକୁ ପଡିଥାଏ ଏବଂ ସ୍ଥିତାବସ୍ଥା ଯୁଦ୍ଧ ଯୋଗୁଁ ଆହୁରି ଖରାପ ହୋଇପଡେ । ଦାସତ୍ୱ, ଅବୈଧ ଯୌନ କାରବାର, ଚୋରି, ନିଶାଦ୍ରବ୍ୟ କାରବାର ଓ ମୂଲ୍ୟବାନ ସମ୍ପତ୍ତିର ଡକାୟତି ଇତ୍ୟାଦି ବୃଦ୍ଧି ପାଇଥାଏ ।

ଯୁଦ୍ଧ ସର୍ବଦା ହାନିକାରକ ହୋଇ ମାନବ ସମାଜ ଓ ସଭ୍ୟତାକୁ ଧ୍ୱଂସମୁଖକୁ ଟାଣି ନେଇଥାଏ । ଯୁଦ୍ଧ ପରବର୍ତ୍ତୀ ସମୟରେ ସୈନ୍ୟ ବାହିନୀର ସଂଖ୍ୟା ବୃଦ୍ଧି ଯୁଦ୍ଧ ଭିତ୍ତିଭୂମିକୁ ଶକ୍ତ କରିବା ଏବଂ ଆଜ୍ଞାନୁବର୍ତ୍ତିତା ଜାହିର କରିବା ବୃଦ୍ଧି ଘଟିଥାଏ କାରଣ ସର୍ବଦା ମନରେ ଆଶଙ୍କା ଥାଏ ଯେ କାଳେ ପୁଣି ଭବିଷ୍ୟତରେ ଯୁଦ୍ଧ ହେବ । ଯୁଦ୍ଧ ପ୍ରଶମିତ କରିବାର ମୁଖ୍ୟ ଉପାୟ ହେଲା ଉତ୍ତମ ବୁଝାମଣାକରି ମାନସିକ ସ୍ତରରେ ପ୍ରସ୍ତୁତି ରହିବା ଓ ଉଭୟପକ୍ଷ ସୈନ୍ୟ ଅପସାରଣ କରି ଶାନ୍ତି ଫେରାଇଆଣିବା । ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତ ହୋଇ ଜୁନ୍ ମାସ ୨୮ ତାରିଖ, ୧୯୧୯ ମସିହା ଦିନ ଫ୍ରାନ୍ସ, ଇଂଲଣ୍ଡ, ଇଟାଲି ଓ ଆମେରିକାର ନେତାମାନଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସେପ୍ଟେମ୍ବର ମାସ ୨ ତାରିଖ, ୧୯୪୫ ମସିହା ଦିନ, ଯେତେବେଳେ ଜାପାନ୍‌ର ପ୍ରତିନିଧି ସମସ୍ତ ଦସ୍ତାବିଜ୍‌କୁ ହସ୍ତାନ୍ତର କରି ରାଜିନାମା ସ୍ୱାକ୍ଷର କଲେ, ଔପଚାରିକ ଭାବରେ ଯୁଦ୍ଧ ଶେଷ ହେଲା । ରାଜନୈତିକ ବିଜ୍ଞାନୀ ଓ ଅନ୍ତର୍ଦ୍ଦେଶୀୟ ସମ୍ପର୍କ ବିଶାରଦମାନେ ଯୁଦ୍ଧକୁ ସମର୍ଥନ କରନ୍ତି ନାହିଁ, ବରଂ ଯୁଦ୍ଧାସ୍ତ୍ର ନିୟନ୍ତ୍ରଣ ଏବଂ କୁଟନୈତିକ ପଦକ୍ଷେପକୁ ଗୁରୁତ୍ୱ ଦିଅନ୍ତି । ଯୁଦ୍ଧ ଯେଉଁ ବିଷୟ ପାଇଁ ହୁଏ, ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରିପାରିଲେ ସାରା ବିଶ୍ୱର ଶାନ୍ତି ଦେଖାଦେବ । ଏହାକୁ ରୋକିବା ପାଇଁ କେତେକ ପଦକ୍ଷେପ ଯଥା ଦୁଇପକ୍ଷ ମଧ୍ୟରେ ସିଧା ଆଲୋଚନା, ଏକ ଭଲ ସମୟ ବାଛିବା, ଉପଯୁକ୍ତ ଯୋଜନା କରିବା, କାହାକୁ ଭର୍ତ୍ସନା ନକରିବା ବା ଦୋଷାରୋପ ନକରିବା, ତଥ୍ୟ ଆଦାନ-ପ୍ରଦାନ କରିବା, ଅନ୍ୟକୁ ଧୈର୍ଯ୍ୟର ସହ ଶୁଣିବା ଓ ବିଭିନ୍ନ ଉପାୟରେ କଥାବାର୍ତ୍ତା କରି ସ୍ଥିତିକୁ ପ୍ରଶମନ କରିବା ଇତ୍ୟାଦି । ନେତାଗଣ ନିଜସ୍ୱ ଜିଦ୍, ଲୋକପ୍ରିୟତା, କ୍ଷମତା ଓ ସ୍ଥିତିକୁ ଜାହିର କରିବା ପାଇଁ ଯୁଦ୍ଧ ସପକ୍ଷରେ ଯୁକ୍ତି କରୁଥିଲେ ମଧ୍ୟ ସୈନିକ, ଶ୍ରମିକ ଓ ସାଧାରଣ ନାଗରିକ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଯୁଦ୍ଧ ଏବଂ ଶାନ୍ତି ଦୁଇଟି ମୁଖ୍ୟ ପ୍ରସଙ୍ଗ ମାନବ ଇତିହାସର । ଏହି ଦୁଇଟି ବିଷୟ ଉଭୟର ପରିପୂରକ ହେଲେ ମଧ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଯୁଦ୍ଧ ବିଧ୍ୱଂସକାରୀ ହେଲେ ବି ସମାଧାନର ଏକ ଶକ୍ତି । ଏହା ଲୋକମାନଙ୍କୁ ଏକତ୍ର କରି ଏକ ବନ୍ଧନ ବା ସଂଯୋଗ ସୃଷ୍ଟି କରେ, ଯାହା ଯୁଦ୍ଧ ବିନା ସମ୍ଭବ ନହୋଇପାରେ । ଶାନ୍ତି ସର୍ବଦା ନିଶ୍ଚଳ ଓ ପ୍ରଫୁଲ୍ଲ ଅବସ୍ଥାକୁ ବୁଝାଇଥାଏ । ମାତ୍ର ବେଳେ ବେଳେ ଏହା ନିରସ ଓ ଘଟଣା ବହୁଳ ହୋଇଥାଏ । ଏହା କନ୍ଦଳ ଓ କଳହ ବିହୀନ ସ୍ଥିତି ହେଲେ ବି ଅଗ୍ରଗତି ଓ ବିକାଶକୁ ଗତିଶୂନ୍ୟ କରିଦିଏ । ତେଣୁ ଉଭୟ ଯୁଦ୍ଧ ଓ ଶାନ୍ତି ଗତିଶୀଳ ବିଶ୍ୱ ପାଇଁ ଆବଶ୍ୟକ ଅଟେ । ଆମେ ଶାନ୍ତି ଓ ସ୍ଥିରତା ଚାହୁଁ ଏବଂ କଳହ ଉପୁଜିଲେ ମଧ୍ୟ ଉନ୍ନତି ଚାହୁଁ ।

ଯୁଦ୍ଧ ଧ୍ୱଂସଲୀଳା ରଚିପାରେ ମାତ୍ର ପରିବର୍ତ୍ତନର ଆୟୁଧ ଅଟେ । ଏହା ଶାନ୍ତି, ଶାନ୍ତ ଏବଂ ସୁନ୍ଦର ହୋଇପାରେ, ଯାହା ଆତ୍ମସନ୍ତୋଷ ଆଣିଦେବ । ଯୁଦ୍ଧରେ ପରସ୍ପରର ସନ୍ତାନକୁ ମୃତ୍ୟୁ ଦେଇ ଆମେ ଏକତ୍ର ଶାନ୍ତିରେ ରହିବା ଶିଖି ପାରିଲୁ ନାହିଁ । ଯେପର୍ଯ୍ୟନ୍ତ ଆମେ ନିଜ ପ୍ରତି ବିଶ୍ୱସ୍ତ ନହେଉ, କିଭଳି ଅନ୍ୟକୁ ବିଶ୍ୱାସ କରିବା ? ତେଣୁ ପ୍ରଥମେ ବିଶ୍ୱାସଭାଜନ ହୁଅ, ଅନ୍ୟମାନେ ତୁମ ପ୍ରତି ବିଶ୍ୱାସଭାଜନ ହେବେ ଏବଂ ଶାନ୍ତି ସ୍ୱତଃ ପ୍ରତିଷ୍ଠା ହେବ ।

**ଅମଲାପଡା ୨ୟ ଲେନ୍, ଅନୁଗୁଳ**
**ମୋ- ୯୪୩୭୩୩୪୦୦୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲଘୁଚାପ...

ବେସରକାରୀ ବସ୍ ବର୍ତ୍ତମାନ ଅଟକି ରହିଛି, ଯାହା ଫଳରେ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସେହିପରି, କନ୍ୟାଶ୍ରମ ସେତୁ ବର୍ତ୍ତମାନ ୨-୪ ଫୁଟ ପାଣି ତଳେ ବୁଡ଼ି ରହିଛି, ଫଳରେ କାଲିମେଳା - ପୋଡିଆ ମଧ୍ୟରେ ଯାତାୟାତ ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ପ୍ରଶାସନିକ ଅଧିକାରୀ ମାନେ ବର୍ଷାକୁ ଦୃଷ୍ଟିରେ ରଖି ପରିସ୍ଥିତି ଉପରେ କଡ଼ାନଜର ରଖିଛନ୍ତି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ କାଙ୍ଗୁରକୋଣ୍ଡା ଅଞ୍ଚଳର ଏକ ଯାଞ୍ଚ କରିଛନ୍ତି । ପରିସ୍ଥିତିର ପ୍ରତ୍ୟକ୍ଷ ଆକଳନ କରିଛନ୍ତି । ଏହା ବ୍ୟତୀତ, କାଲିମେଳା ବିଡିଓ, ମାଲକାନଗିରି ତହସିଲଦାର ଏବଂ କାଲିମେଳା ଏସଏଚଓ ବୁଡ଼ିଯାଇଥିବା ସେତୁ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପରିସ୍ଥିତିର ମୂଲ୍ୟାଙ୍କନ କରିଛନ୍ତି ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରିଛନ୍ତି । ମାଲକାନଗିରି ଜିଲ୍ଲାରେ, ନିରନ୍ତର ବର୍ଷା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦେଇ ଯାଇଥିବା ଜାତୀୟ ରାଜପଥରେ ପାଣି ଜମି ରହିଛି, ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅନେକ ଦୋକାନ ଏବଂ ଘର ଭିତରକୁ ପାଣି ପ୍ରବେଶ କରି ବହୁ ସାମଗ୍ରୀ ନଷ୍ଟ ହୋଇଛି । ସକାଳ ଠାରୁ, ଜିଲ୍ଲା ମୁଖ୍ୟାଳୟରେ ଲଗାତାର ବର୍ଷା ହେଉଛି । ଫଳରେ ଜାତୀୟ ରାଜପଥ- ୩୨୬ର ବିଭିନ୍ନ ସ୍ଥାନରେ ପାଣି ଜମା ହୋଇଛି । ଏସପି କାର୍ଯ୍ୟାଳୟ ଏବଂ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ନିକଟରେ, ରାସ୍ତାରେ ୩ଫୁଟରୁ ଅଧିକ ପାଣି ଜମା ହୋଇଛି । ଯାହା ମୋଟର ସାଇକେଲ ଏବଂ ଛୋଟ ଯାନବାହନ ପାଇଁ ଯାତାୟାତ କରିବା କଷ୍ଟକର ହୋଇପଡିଛି ।

ଡାକ୍ତରଖାନା ନିକଟରେ ଥିବା ବିଭିନ୍ନ ଦୋକାନ ଏବଂ ଘର ମଧ୍ୟରେ ପାଣି ପ୍ରବେଶ କରିଛ । ଫଳରେ ଜିନିଷପତ୍ରର ବହୁ କ୍ଷତି ହୋଇଛି । ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଅଭାବରୁ, ଦୋକାନୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କ ଦୋକାନ ଏବଂ ଘରୁ ପାଣି ନିଷ୍କାସନ କରିବାକୁ ସଂଘର୍ଷ କରୁଛନ୍ତି ।

## ଆଜିଠୁ...

ବର୍ଷା ହୋଇପାରେ । ସେହିପରି ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ।

ଆଜି(ସୋମବାର) ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା ୩୦ ସୁଦ୍ଧା କୋରାପୁଟରେ ୬୪ ମିମି ବର୍ଷା ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୪୯ ମିମି, ନବରଙ୍ଗପୁରରେ ୩୩ ମିମି, ଢେଙ୍କାନାଳରେ ୨୬ ମିମି ଓ ମାଲକାନଗିରିରେ ୨୧ମିମି ବର୍ଷା ରେକର୍ଡ ହୋଇଛି ।

## ସେପ୍ଟେମ୍ବରରୁ...

ମାଧ୍ୟମରେ ଏହା ସଂଗ୍ରହ ହେଉଥାଏ । ଭୋଟ୍ ଗ୍ରହଣ ପରଦିନ ଯେଉଁ ଭୋଟ୍ ହାର ପ୍ରଦାନ କରାଯାଏ ତାହା ସଠିକ୍ ଭୋଟ୍ ହାର । ୧୭ସି ଫର୍ମ ନେଇ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଭୋଟ୍ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭ସି ଫର୍ମ ଦିଆଯାଏ । ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ଏହାକୁ ସଂଗ୍ରହ କରିପାରିବେ । ସୂଚନାଯୋଗ୍ୟ ବିହାରରେ ଚାଲିଥିବା ଏସ୍ଆଇଆର୍ ପ୍ରକ୍ରିୟାରେ ୬୫ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି । ଏହାକୁ ନେଇ ରାଜନୀତି ବେଶ୍ ସରଗରମ ହୋଇଛି । କଂଗ୍ରେସ ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କୁ ଟାର୍ଗେଟ କରୁଥିବାବେଳେ ସୁପ୍ରିମ୍ କୋର୍ଟରେ ମଧ୍ୟ ମାମଲା ଦାଏର ହୋଇଛି । ବାଦ୍ ପଡିଥିବା ୬୫ ଲକ୍ଷ ଭୋଟରଙ୍କ ନାମ ଜାରି କରିବାକୁ ସୁପ୍ରିମ୍‌କୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିବାଦ ଭିତରେ ଏସ୍ଆଇଆର ଥିବାବେଳେ ଓଡ଼ିଶାରେ ଏହି ପ୍ରକ୍ରିୟା ଆରମ୍ଭ ହେଲେ ରାଜନୈତିକ ଗତିବିଧି କଣ ହେବ ତାହା ଉପରେ ସଭିଙ୍କ ନଜର ରହିଛି ।

## ୩ ଦିନିଆ...

ଆତ୍ମଦାହ ଉଦ୍ୟମ ପରେ ୧୨ ତାରିଖ ଦିନ ସହଦେବଖୁଣ୍ଟା ଥାନା ପୁଲିସ କଲେଜ ପରିସରରୁ ଏଚ୍ଓଡି ସମୀର କୁମାର ସାହୁ ଓ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ପରେ କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ ଦାୟିତ୍ୱ ହାତକୁ ନେଇଥିଲା । ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବାକୁ ଯାଇ ପୋଡ଼ି ହୋଇ ଆହତ ହୋଇଥିବା ଜ୍ୟୋତିରଂଜନ ବିଶ୍ୱାଳ ଡାକ୍ତରଖାନାରେ ଚିକିତ୍ସାଧିନ ଥିବାବେଳେ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପହଞ୍ଚି ଜ୍ୟୋତିରଂଜନ ବିଶ୍ୱାଳଙ୍କୁ ପଚରା ଉଚରା କରିବା ସହ ସେ ଯେତେବେଳେ ଡାକ୍ତରଖାନାରୁ ଛାଡ଼ ପାଇଲେ ସେତେବେଳେ ତାଙ୍କୁ ଗିରଫ କରିବା ସହ ଶୁଭ୍ର ସମ୍ବିତ ନାୟକ ନାମକ ଅନ୍ୟଜଣେ ଛାତ୍ର ନେତାଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ...

ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥ, କମିଶନର ପଦାଧିକାରୀ ସଦସ୍ୟ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

କମିଶନ ଏହି ରିପୋର୍ଟକୁ ପ୍ରଥମେ ସୋମବାର ଅପରାହ୍ନରେ ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ ଭେଟି ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ଓ୍ୱାଇ ଅନୁଯାୟୀ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି । ଏହି କମିଶନ ରାଜ୍ୟ ଏବଂ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକ ମଧ୍ୟରେ ରାଜ୍ୟ ଦ୍ୱାରା ଆଦାୟ ହେଉଥିବା କର, ଶୁଳ୍କ, ଟୋଲ୍, ଫିସ ବିତରଣ ଏବଂ ଏପରି ଆୟର ସେମାନଙ୍କର ଅଂଶର ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ନୀତିଗୁଡ଼ିକୁ ସୁପାରିଶ କରିବେ । ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସୁପାରିଶ କରିବେ ।

## ମୁଖ୍ୟ ନିର୍ବାଚନ...

ଅପସାରଣ କରାଯାଇପାରିବ । ଯଦିଓ ବିରୋଧୀ ସଦସ୍ୟଙ୍କ ପାଖରେ ଏଭଳି ପ୍ରସ୍ତାବ ପାଇଁ ଆବଶ୍ୟକୀୟ ସଂଖ୍ୟା ନାହିଁ ସେମାନେ ଏବେ ଏହା ଆଣି ସରକାରଙ୍କ ଉପରେ ଏକ ଚାପ ସୃଷ୍ଟି କରିବାକୁ ଚାହୁଁଛନ୍ତି । ବିରୋଧୀ ମେଣ୍ଟ ସାଂସଦମାନେ ନିର୍ବାଚନ କମିଶନଙ୍କ ନାମରେ ଭୋଟ୍ ଜାଲିଆତି ଅଭିଯୋଗ ଆଣିଛନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ସିଧାସଳଖ ଭୋଟ ଚୋରୀ ଅଭିଯୋଗ ଆଣିଛନ୍ତି । ଗତକାଲି ସାମ୍ବାଦିକ ସମ୍ମିଳନୀ କରି ଜ୍ଞାନେଶ କୁମାର କହିଛନ୍ତି ଯେ ଏଭଳି ଅଭିଯୋଗ ସମ୍ବିଧାନକୁ ଅପମାନ । ୭ ଦିନ ମଧ୍ୟରେ ଶପଥପାଠ ଦିଅନ୍ତୁ ନଚେତ୍ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ । ନହେଲେ ଏହି ଅଭିଯୋଗକୁ ନିରାଧାର ବୋଲି ଗ୍ରହଣ କରାଯିବ । ନିର୍ବାଚନ କମିଶନଙ୍କ ଏଭଳି ଧମକପୂର୍ଣ୍ଣ ମନ୍ତବ୍ୟକୁ ବିରୋଧୀ ସାଂସଦମାନେ ଗ୍ରହଣ କରିପାରୁନାହାନ୍ତି । ପୂର୍ବରୁ କେବେ କୌଣସି ନିର୍ବାଚନ କମିଶନ ବିରୋଧୀ ଦଳ ପ୍ରତି ଏଭଳି ମନ୍ତବ୍ୟ ଦେଇନଥିଲେ । ଯଦି ମହାଅଭିଯୋଗ ପ୍ରସ୍ତାବ ଆସେ ତେବେ ଏହା ମଧ୍ୟ ସ୍ୱାଧୀନତା ପରଠାରୁ ପ୍ରଥମ ଘଟଣା ହେବ । ପୂର୍ବରୁ ରାହୁଲ ଗାନ୍ଧି ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଜାଲିଆତି ନେଇ ପ୍ରଶ୍ନ ଉଠାଇଥିଲେ । ସାମ୍ବାଦିକ ସମ୍ମିଳନୀ କରି ସବିଶେଷ ତଥ୍ୟ ଦେଇଥିଲେ । ଏବେ ରାହୁଲ ବିହାରରେ ଭୋଟର ଅଧିକାର ଯାତ୍ରା ଆରମ୍ଭ କରିଛନ୍ତି । ନିର୍ବାଚନ ହେବାକୁ ଥିବା ବିହାରରେ ୨୦ ଜିଲ୍ଲାର ୧୩୦୦ କିମି ସେ ଯାତ୍ରା କରିବେ । କଂଗ୍ରେସ ସହ ଆରଜେଡି ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇଛି । କଂଗ୍ରେସ ସାଂସଦ ସୟଦ ନାସିର ହୁସେନ୍ କହିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିଶନ ବିଜେପି ମୁଖପାତ୍ର ଭଳି କଥାବାର୍ତ୍ତା କରୁଛନ୍ତି । ସଂସଦୀୟ ଗଣତନ୍ତ୍ରରେ ଥିବା ସମସ୍ତ ବିକଳ୍ପକୁ ଆମେ ବ୍ୟବହାର କରିବୁ ।

## ଦିଲ୍ଲୀ...

ହୋଇଛି । ଗୋଟିଏ ବୈଠକ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ବାସଭବନରେ ହୋଇଥିବାବେଳେ ଦ୍ୱିତୀୟ ବୈଠକ ସାଂସଦ ସଙ୍ଗୀତା ସିଂହଦେଓଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ସିଂହଦେଓଙ୍କ ଘରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉପସ୍ଥିତ ଥିଲେ । ପ୍ରଥମ ବୈଠକର ଚିତ୍ର ଠାରୁ ଦ୍ୱିତୀୟ ବୈଠକର ଚିତ୍ର ବେଶ୍ ଭିନ୍ନ ଥିଲା । ସାଂସଦ ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କୁ ବେଶ୍ ପ୍ରଶଂସା କରୁଥିବା ସୂଚନା ମିଳିଥିଲା । ତେବେ ଏଥର ମଧ୍ୟ ସାଂସଦମାନଙ୍କର ଆଉ ଏକ ବୈଠକ ଅନୁଷ୍ଠିତ ହୋଇପାରେ । ଶ୍ରୀ ସାମଲ ଦିଲ୍ଲୀରୁ ଫେରିବା ପରେ ନିଗମ ଓ ବୋର୍ଡରେ ନିଯୁକ୍ତି ହେବାର ସମ୍ଭାବନା ରହିଛି ।

# ନାବାଳିକା ପୋଡି ମୃତ୍ୟୁ ଘଟଣାରେ ପେଟ୍ରୋଲ ବିକୁଥିବା ବ୍ୟକ୍ତି ଗିରଫ

ପଦ୍ମପୁର, (ସବ୍ୟୁ) : ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଫିରିଙ୍ଗିମାଲ ନାବାଳିକା ପୋଡି ଘଟଣାରେ ପେଟ୍ରୋଲ ବିକୁଥିବା ଅଭିଯୋଗରେ ଘରପାଖ ରାସନ ଦୋକାନୀକୁ ଗିରଫ କଲା ଗାଇସିଲେଟ ପୋଲିସ । ପୂର୍ବରୁ ଏହି ମାମଲାରେ ରାସନ ଦୋକାନୀ ପ୍ରେମାନନ୍ଦ ଡନସନାକୁ ପୋଲିସ ପଚରାଉଚରା କରୁଥିଲା । ସୋମବାର ସନ୍ଧ୍ୟା ସମୟରେ ପ୍ରେମାନନ୍ଦକୁ ଗିରଫ କରିଛି ପୋଲିସ । ନାବାଳିକା ପୋଡିଯାଇ ମୃତ୍ୟୁବରଣ କରିବା ପରେ ଗାଇସିଲେଟ ପୋଲିସ ନାବାଳିକାଙ୍କ ଅଜା, ଭାଇର ସାଙ୍ଗ, ଭାଇ, ମାଁ ତଥା ଏହି ଦୋକାନୀଙ୍କୁ ଲଗାତାର ପଚରାଉଚରା କରିଥିଲେ । ଯେହେତୁ ଉକ୍ତ ନାବାଳିକା ମୃତ୍ୟୁ ପୂର୍ବରୁ ଗୁଟେ ଟୁକେଲ ମୋତେ ହତ୍ୟା କରିଛି ବୋଲି କହିଥିଲେ । ସେହି ଟୁକେଲ କିଏ ଓ କାହିଁକି ଏଭଳି କାଣ୍ଡ କଲେ ତାହା ତଦନ୍ତ ଚାଲିଛି ।

# ଆନ୍ତଃ-ସ୍କୁଲ ପ୍ରତିଯୋଗିତା "ରଙ୍ଗତୁଳି - ୨୦୨୫" ଆୟୋଜିତ



ଭୁବନେଶ୍ୱର (ସବ୍ୟୁ) : ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ମିଡୋଜ୍ ପକ୍ଷରୁ ସଫଳତାର ସହିତ ଆନ୍ତଃ - ସ୍କୁଲ କଳା ପ୍ରତିଯୋଗିତା " ରଙ୍ଗ ତୂଳୀ - ୨୦୨୫" ଆୟୋଜିତ ହୋଇଯାଇଛି। ଏହି ଅତୀବ ଆକାଂକ୍ଷିତ କାର୍ଯ୍ୟକ୍ରମ ଚଳିତ ଥର ଏହାର ୪ର୍ଥ ସଂସ୍କରଣରେ ପହଞ୍ଚିଥିବାବେଳେ ଏହା ସମଗ୍ର ସହରର ୧୦୦ରୁ ଅଧିକ ସ୍କୁଲରୁ ୫୦୦ରୁ ଅଧିକ ଯୁବ କଳାକାରଙ୍କୁ ଏକତ୍ରିତ କରିଥିଲା। ସେମାନେ ଦୁଇଟି ବର୍ଗରେ ପ୍ରତିଯୋଗିତା କରିଥିଲେ। ୫ମ ରୁ ୭ମ ଶ୍ରେଣୀ ପିଲାଙ୍କ ନିମନ୍ତେ 'ମୋ ସ୍ୱପ୍ନର ଭାରତ ' ଶୀର୍ଷକ ରଖାଯାଇଥିବା ବେଳେ ୮ମ ରୁ ୧୦ମ ଛାତ୍ର ଛାତ୍ରୀଙ୍କ ପାଇଁ ' ଯୁଦ୍ଧ ବିନା ବିଶ୍ୱ ' ବିଷୟବସ୍ତୁ ରଖାଯାଇଥିଲା।

ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଏହାକୁ ଓଡ଼ିଶା ବିଧାନସଭାର ସମ୍ମାନନୀୟ ବାଚସ୍ପତି ସୁରମା ପାଢ଼ୀ, ରୋଟାରୀଆନ ମନୋଜ କୁମାର ତ୍ରିପାଠୀ, ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆରଆଇଡି - ୩୨୬୨, କ୍ଲବ ଆଡଭାଇଜର ପିଡିଜି ଅଶ୍ୱିନୀ କର, ଆଦିତ୍ୟ ପ୍ରସାଦ ପାଢ଼ୀ, କ୍ଲବ ପ୍ରେସିଡେଣ୍ଟ, ପି କେ ଅମର ସେକ୍ରେଟାରୀ, ପ୍ରୋଜେକ୍ଟ ଚେୟାର ସନ୍ତୋଷ ସେନାପତି, ପ୍ରଶାନ୍ତ କୁମାର, ଡିଜିଏମ ଏସବିଆଇ, ମିନତି ସିଂହ, ସବ୍ - ଏଡ଼ିଟର ଟାଇମ୍ସ ଅଫ ଇଣ୍ଡିଆ ଉଦ୍‌ଘାଟନ କରିଥିଲେ।

ଯୁବ ଅଂଶଗ୍ରହଣକାରିମାନେ ଉଲ୍ଲେଖନୀୟ ସୃଜନଶୀଳତା ଓ କୌଶଳ ପ୍ରଦର୍ଶନ କରି ଏଭଳି କଳା କୃତି ସୃଷ୍ଟି କରିଥିଲେ ଯାହା ସେମାନଙ୍କର ଉଭୟ କଳ୍ପନା ଏବଂ କଳାତ୍ମକ ପ୍ରତିଭାକୁ ପ୍ରତିଫଳିତ କରିଥିଲା।

ଉକ୍ତ କାର୍ଯ୍ୟକ୍ରମ ଭବ୍ୟ ପୁରସ୍କାର ପ୍ରଦାନ ଉତ୍ସବ ସହିତ ପରିସମାପ୍ତ ହୋଇଥିଲା।

ଗ୍ରୁପ୍ - ବି ରୁ ଅଚ୍ୟୁତ କୁମାର ରାୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବୈଭବ ଶୁଭଦର୍ଶୀ, ବିଜେଇଏମ୍ - ୧, ଏବଂ ସାଇଶ୍ରୀ ସିଂହ, ଲୋୟଲା ସ୍କୁଲ, ଯଥାକ୍ରମେ ୧ମ, ୨ୟ ଓ ୩ୟ ପୁରସ୍କାର ଲାଭ କରିଥିଲେ।

ଗ୍ରୁପ୍ -ଏରୁ ପାୟଲପ୍ରିୟା ବାରିକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପ୍ରତ୍ୟାଶା ପ୍ରିୟଦର୍ଶିନୀ, ଡିଏଭି ଚନ୍ଦ୍ରଶେଖରପୁର, ଏବଂ ଜ୍ୟୋତିପ୍ରକାଶ ରାୟ, କେ ସି ବେହେରା ସରକାରୀ ୟୁ ପି ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଲାଭ କରିଥିଲେ। ଏତଦ୍ ବ୍ୟତୀତ ପ୍ରତ୍ୟେକ ଗ୍ରୁପ୍ ରୁ ୧୦ ଜନ ଛାତ୍ର ଛାତ୍ରୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋଟ ୧ ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ସହିତ ଫଳକ ବିଜେତା ମାନଙ୍କୁ ପ୍ରଦାନ କରାଯାଇଥିଲା। ନିଜର ଅଭିଭାଷଣରେ ମୁଖ୍ୟ ଅତିଥି ଶ୍ରୀମତୀ ସୁରମା ପାଢ଼ୀ ଯୁବ କଳାକାରଙ୍କୁ ସେମାନଙ୍କର ଉଲ୍ଲେଖନୀୟ କୃତି ପାଇଁ ପ୍ରଶଂସା କରିବା ସହିତ ଏହି ପ୍ରତିଯୋଗିତା କେବଳ ଏକ ପ୍ରତିଯୋଗିତା ଠାରୁ ଯଥେଷ୍ଟ ଅଧିକ, ଏହା ଛାତ୍ର ଛାତ୍ରୀଙ୍କ ନିମନ୍ତେ ସେମାନେ ନିଜକୁ ପରିପ୍ରକାଶ କରିବା, ଏବଂ ସେମାନଙ୍କ କଳାତ୍ମକ ଦକ୍ଷତା ବୃଦ୍ଧି ଏବଂ ଆତ୍ମବିଶ୍ୱାସ ନିର୍ମାଣର ଏକ ସୁଯୋଗ। ଏହି ପ୍ରତିଯୋଗିତା ଯୁବ ପ୍ରତିଭାଙ୍କୁ ଏକ ମଞ୍ଚ ଯୋଗାଇ ଦେଉଥିବାରୁ ଆମେ ଗର୍ବିତ ବୋଲି ପ୍ରେସିଡେଣ୍ଟ କହିଥିଲେ। କାର୍ଯ୍ୟକ୍ରମକୁ ଅଭିଭାବକ, ଶିକ୍ଷକ ଏବଂ ଉପସ୍ଥିତ ଜନସାଧାରଣ ପ୍ରଶଂସା କରିବା ସହିତ ଗୁଣାତ୍ମକ କଳାକୃତି ଓ ଉଚ୍ଚ ମାନର ଆୟୋଜନ କୁ ମଧ୍ୟ ପ୍ରଶଂସା କରିଥିଲେ। ସ୍କୁଲ ପିଲାଙ୍କ ମଧ୍ୟରେ ଏଭଳି କଳାତ୍ମକ ସର୍ଜନା ନିମନ୍ତେ ପ୍ରଚେଷ୍ଟା ଦିଗରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଅନେକ ମତ ରଖିଥିଲେ। ରୋଟାରୀ କ୍ଲବ୍ ଅଫ ଭୁବନେଶ୍ୱର ମିଡୋଜ ଯୁବ ପ୍ରତିଭାଙ୍କୁ ସମର୍ଥନ କରିବା ଓ ରଙ୍ଗତୁଳିର ଭବିଷ୍ୟତ ସଂସ୍କରଣ ଗୁଡିକରେ ଏହି ପରମ୍ପରା ବଜାୟ ରଖିବାକୁ ଆଗ୍ରହ ରଖୁଛି।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar vide Serial No. 101 dt. 18.08.2025 I, Gitanjali Dalabehara, W/o Basanta Kumar Dalabehera, permanent resident of House No.11, Flat No- A/2 (G/11), Hi-Tech Plaza Annex, At-Kantilo, PO-Kuha, PS- Air Field, Dist-Khorda, Pin-751002 declare that I have changed my name from **Gitanjali Dalabehara** to **Gitanjali Nayak.** Henceforth I shall be known as **Gitanjali Nayak** for all purposes.

(Gitanjali Nayak)

**AFFIDAVIT**

By virtue of an affidavit sworn before Notary Public, Bhubaneswar dated. 11.08.2025 I, RAJENDRA KUMAR KAR Address Qr.No. IVR-118, NEAR KALI TEMPLE, UNIT-6, BBSR, 751001 declare that I have changed the name of my son from SAMYA RANJAN KAR to SOUMYA RANJAN KAR. Henceforth he shall be known as SOUMYA RANJAN KAR for all purposes.

Rajendra Kumar Kar

**AFFIDAVIT**

I, Lipina Swain, W/o- Karpura Kumar Nayak, Resident of At- Keshora, Po- Bankual, Sub District- Saheed Nagar, Ps- Sahid Nagar, Bhubaneswar, Dist- Khordha, Pin-751002. Declare by this affidavit No- 25, Dt- 05.08.2025. I have changed my name from Lipina Nayak to Lipina Swain. Henceforth, She shall be known as **Lipina Swain** for all purposes.

**Sd/- Lipina Swain**

**AFFIDAVIT**

I, Gayatri Das D/o Pravat Kumar Das R/o Sirei, Sirei Puri, Odisha - 752017, hereby undertake that I, Gayatri Das want to change my name to Aditya Prasad Das and gender as MALE

**ଓଡ଼ିଶା ସରକାର : ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**

A-516 ଇମେଲ - akp_irrigationdivision@gmail.com


**'e'- Procurement Notice No. 08/2025-26**

| | | |
|---|---|---|
| ୧. | କାର୍ଯ୍ୟର ନାମ | : ମରାମତି କାର୍ଯ୍ୟ |
| ୨. | ମୋଟ କାର୍ଯ୍ୟ ସଂଖ୍ୟା | : ୦୧ ଗୋଟି କାର୍ଯ୍ୟ |
| ୩. | ଅଟକଳ ମୂଲ୍ୟ | : ୨୦.୮୪ ଲକ୍ଷ |
| ୪. | ଇ.ଏମ.ଡି (Bid security) ଓ ବିଡ ମୂଲ୍ୟର ଦେୟ ପ୍ରଣାଳୀ | : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No. 17254/WE Dated. 05.12.2017 as Mentioned in DTCN |
| ୫. | କାର୍ଯ୍ୟ ସମାପ୍ତି ସମୟ | : ୬ ମାସ |
| ୬. | ନିମ୍ନ ଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ | : |
| I. | Procurement Officer | ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା |
| II. | ଅନଲାଇନ Bidding ର ସମୟସୀମା | : ତା. ୨୦.୦୮.୨୦୨୫ ଦିବା ୧୦ ଘଟିକା ରୁ ତା. ୨୯.୦୮.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ |
| III. | Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ | : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା, ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟ ରେ ୩୦.୦୮.୨୦୨୫ ଦିବା ୧୧.୩୦ |
| IV. | Transparent Lottery ର ତାରିଖ ଓ ସମୟ | : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା. ୦୪.୦୯.୨୦୨୫ ଦିବା ୧୧.୦୦ ଘଟିକା ସମୟ ରେ । |

ଅନଲାଇନ ତଥ୍ୟ ଏହି ୱେବସାଇଟର ପ୍ରଦାନ କରଯାଇଅଛି : www.tendersorissa.gov.in

ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

OIPR : 32548/11/0009/2526

## ସାମ୍ବତ୍ସରିକ ଶ୍ରାଦ୍ଧ ଉତ୍ସବ ପାଳିତ

ଗୁରୁଜଙ୍ଗ (ଖୋର୍ଦ୍ଧା) : ଇତି ମଧ୍ୟରେ ଖୋର୍ଦ୍ଧାର ଜନପ୍ରିୟ ଡାକ୍ତର ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟ ଓ ତାଙ୍କର ଧର୍ମପତ୍ନୀ ଶୈବାଳିନୀ ଦେବୀଙ୍କର ବାର୍ଷିକ ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ଖୋର୍ଦ୍ଧା ନିକଟସ୍ଥ ଗୁରୁଜଙ୍ଗ ଗ୍ରାମରେ ମହା ସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଗୀତାପାଠ, ନାମ ସଂକୀର୍ତ୍ତନ, ସ୍ମୃତିସଭା, ଭକ୍ତିପୂତ ପୁଷ୍ପାଞ୍ଜଳି, ପୁରସ୍କାର ବଣ୍ଟନ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଶେଷରେ ତାଙ୍କର ଜ୍ୟେଷ୍ଠପୁତ୍ର ବରିଷ୍ଠ ଆଇନଜୀବୀ ରାଧାକୃଷ୍ଣ ସାମନ୍ତରାୟ ଉପସ୍ଥିତ ଜନତାଙ୍କୁ ଧନ୍ୟବାଦ ସହ ପ୍ରସାଦ ସେବନରେ ଆପ୍ୟାୟିତ କରିଥିଲେ ।

# ଲ୍ୟାଣ୍ଡମାଇନ ବିସ୍ଫୋରଣ : ଜଣେ ଯବାନ ସହିଦ, ୩ ଆହତ

ମାଲକାନଗିରି (ସବ୍ୟୁ) : ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲ୍ଲାରେ ଲାଣ୍ଡମାଇନ ବିସ୍ଫୋରଣ ହୋଇଛି । ବିସ୍ଫୋରଣ ଜଣେ ଡିଆରଜି ଯବାନ ସହିଦ ହୋଇଥିବା ବେଳେ ତିନି ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସହିଦ ଡିଆରଜି ଯବାନ ହେଉଛନ୍ତି ଦିନେଶ ନାଗ । ବିଜାପୁର ନେସନାଲ ପାର୍କ ଅଞ୍ଚଳରେ ଅପରେସନ ଚାଲିଥିବା ବେଳେ ମାଓବାଦୀ ଏହି ବିସ୍ଫୋରଣ କରିଛନ୍ତି ।

# ରଥସେବା ସମ୍ମାନରେ ସମ୍ମାନିତ ଟିପିସିଓଡିଏଲ



ଭୁବନେଶ୍ୱର (ସବ୍ୟୁ) : ଟିପିସିଓଡିଏଲ ପୁରୀରେ ଅନୁଷ୍ଠିତ ପବିତ୍ର ରଥଯାତ୍ରା ୨୦୨୫ରେ ଭରସାଯୋଗ୍ୟ ବିଦ୍ୟୁତ୍ ସରବରାହ ସୁନିଶ୍ଚିତ କରି "ରଥସେବା ସମ୍ମାନ ୨୦୨୫'ରେ ସମ୍ମାନିତ ହୋଇଛି । ପୁରୀ ସାଂସଦ ସମ୍ବିତ ପାତ୍ର, ସମ୍ମାନିତ ଅତିଥି ଏବଂ ନାଗରିକ ପ୍ରତିନିଧିମାନେ ମହାପ୍ରଭୁ ଜଗନ୍ନାଥଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପର୍ବରେ ଟିପିସିଓଡିଏଲର ଅବିଶ୍ରାନ୍ତ ପ୍ରୟାସକୁ ପ୍ରଶଂସା କରିବା ସହ ଏହି ସମ୍ମାନ ପ୍ରଦାନ କରିଥିଲେ । ଟିପିସିଓଡିଏଲର ପୁରୀ ଡିଭିଜନାଲ ମ୍ୟାନେଜର ସ୍ମୃତିରଞ୍ଜନ ସ୍ୱାଇଁ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଅବସରରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ ସିଂହ କହିଛନ୍ତି ଯେ, ଏହି ସମ୍ମାନ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ଏହା ଆମ ଟିମର ଅବଦାନକୁ ପ୍ରତିଫଳିତ କରୁଛି ଯେଉଁମାନେ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ରଥଯାତ୍ରା ଅନୁଭୂତି ନିଶ୍ଚିତ କରିବା ପାଇଁ ଦିନରାତି କାର୍ଯ୍ୟ କରିଥିଲେ । ପବିତ୍ର ପୁରୀ ସହର ଏବଂ ଏଠାକାରଲୋକମାନଙ୍କୁ ସେବା ପ୍ରଦାନ କରିଥିବାରୁ ଆମେ ଗର୍ବିତ ।" ଏହି ସମ୍ମାନ ଟିପିସିଓଡିଏଲର ସେବା ଉକର୍ଷ ଏବଂ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟକୁ ସମର୍ଥନ ଜାରି ରଖିବା ପ୍ରତି ତାହାର ପ୍ରତିବଦ୍ଧତାକୁ ଦୋହରାଉଛି ।


**ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ଆସେଟ୍ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ. କମ.୧୮/ଏନଏଫଆର/ଇ-ଅକ୍ସନ କାଟେଲଗ/ଅଗଷ୍ଟ/୨୫ ତାରିଖ : ୧୮.୦୮.୨୦୨୫

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନରେ ବିଜ୍ଞାପନ ଆସେଟ୍ କ୍ୟାଟେଗୋରିକ୍ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି । ଏ ସମ୍ପର୍କରେ ଇ-ନିଲାମ ନୋଟିସ୍ ର ଡ୍ରାଫ୍ଟ ସଂଲଗ୍ନ କରାଯାଇଛି । ଇ-ନିଲାମ ନୋଟିସ୍‌ର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ : କ୍ର.ନଂ. : ୧, କ୍ୟାଟେଗୋରି : ବିଜ୍ଞାପନ, କ୍ୟାଟଲଗ ନଂ : ଏଡିଭିଟି-ସିକେପି-ଅଗଷ୍ଟ-୨୫, ନିଲାମ ତାରିଖ : ୨୫.୦୮.୨୦୨୫, ନିଲାମ ଆରମ୍ଭ ତାରିଖ : ୧୨.୦୦ ଘଟିକା, ନିଲାମ ବନ୍ଦ ସମୟ : ୧୩.୦୦ ଘଟିକା । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ୍ ସମ୍ପର୍କରେ ସବିଶେଷ ତଥ୍ୟ ଏବଂ କାର୍ଯ୍ୟସ୍ଥଳର ବିବରଣୀ ନିମନ୍ତେ ଉପର ସୂଚିତ ୱେବସାଇଟ୍ ଜରିଆରେ ଯାଆନ୍ତୁ । ଯଦି କିଛି ଅଧିକ ଜାଣିବାର ଥାଏ / ସ୍ପଷ୍ଟୀକରଣ ଦେବାର ଥାଏ ତେବେ ଦୟାପୂର୍ବକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ଏ ସମ୍ପର୍କରେ ଇ-ନିଲାମ ବିଜ୍ଞପ୍ତିର ଡ୍ରାଫ୍ଟ ସଂଲଗ୍ନ କରାଯାଇଅଛି ଯାହାକି **https://www.ireps.gov.in/website** ରେ ସୂଚିତ ହୋଇଅଛି ।

(PR-533) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ

**Zilla Swasthya Samiti, Gajapati**
**O/o. The Chief District Medical & Public Health Officer, Gajapati, Paralakhemundi, PIN-761200**

Advt.No. 6589 Date: 16.08.2025

**TENDER CALL NOTICE FOR HIRING OF VEHICLES FOR MOBILE HEALTH UNIT (MHU)**

**E-324 :** Sealed tenders are invited from registered travel agencies/sole proprietor for hiring of commercial light vehicles on a monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website: **https://gajapati.odisha.gov.in.** Interested agencies/sole proprietor may submit their tenders in a sealed envelope super-scribing on the top of the sealed envelope as **"Tender for Hiring of Vehicles on Monthly Basis for MHU in Block CHC______ (Mention the name of the Block CHC)" in reference to Advertisement No.6589 dtd.16.08.2025".**

A pre-bid meeting shall be held on 21.08.2025 at. 11.00 am. Any amendments in the tender document due to decision in the pre-bid meeting shall only be notified in the website mentioned above.

The tenders should reach the office of the undersigned by **01.09.2025 till 5.00 PM.** The tenders will be opened at 4.00 PM on 02.09.2025. The undersigned reserves the right to reject any or all the tenders without assigning any reason thereof.

Sd/- CDM&PHO-cum-DMD
Gajapati

OIPR : 10105/11/0010/2526

**Government of Odisha Department of Water Resources**
**OFFICE OF THE SUPERINTENDING ENGINEER,**
**BOLANGIR IRRIGATION DIVISION, BOLANGIR**
e-mail-ee.bol.irr@gmail.com

A-499

**e-Procurement Notice No. 01 of 2025-26**
**BID IDENTIFICATION NO. - BID-BGR-01 of 2025-26**

No. 2772/WE / Dated. 11.08.2025

The **Superintending Engineer, Balangir Irrigation Division, Balangir** on behalf of his Excellency, the Governor of Odisha invites online **Percentage rate** tenders in **Single cover system** to be received in **online mode** only for the works as detailed below. Bid documents consisting of work, estimated cost, cost of tender paper. EMD. time of completion . class of contractor, the set of terms & conditions of contract and other necessary documents can be seen in e-Procurement portal www.tendersorissa.gov.in in complete online process only.

| | | |
|---|---|---|
| 1. | Nature of work | : Civil Works |
| 2. | Number of works | : 9 (Nine) |
| 3. | Approximate amount put to tender. | : Rs. 12.63 lakh to Rs 44.35 lakh |
| 4. | Period of completion | : 06(Six) Calendar months. |
| 5. | Date & time of availability of Bid document in the portal | : Dt 18.08.2025 -10.00 AM to 01.9.2025 up to 5.30 PM |
| 6. | Last date & time of seeking Tender clarification. | : Dt 30.08.2025-05.00 PM |
| 7. | Last date & time of receipt of Bids in the portal. | : Dt 01.09.2025 -up to 5.30 PM |
| 8 | Date . time & place of opening of bids in the portal. | : Dt. 02.09.2025 at 11.00 AM- in the office of the Superintending, Balangir Irrigation Division Balangir |
| 9. | Name & address of the officer inviting bid. | : Superintending Engineer, Balangir Irrigation Division, Balangir. At-Laltikra, P.O- Rajendra College, Dist: Balangir, PIN-767002. |

10. Any corrigendum required will be made available in Govt, web-site only
Further details can be seen from the e-procurement portal - **https://tendersorissa.gov.in**

Sd/- SUPERINTENDING ENGINEER
BALANGIR IRRIGATION DIVISION, BALANGIR

OIPR : 32537/11/0005/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୨୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# କିମ୍ସରେ ଗମ୍ଭୀର ବୃକ୍କ ଆଘାତ ଉପରେ ସିଏମଇ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): କିମ୍ସ ନେଫ୍ରୋଲୋଜି ବିଭାଗ, ଗମ୍ଭୀର ବୃକ୍କ ଆଘାତ (ଏକେଆଇ) ଉପରେ ଦ୍ୱିତୀୟ ନିରନ୍ତର ଡାକ୍ତରୀ ଶିକ୍ଷା (ସିଏମଇ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଶହେରୁ ଅଧିକ ଡାକ୍ତର ଓ ବିଶେଷଜ୍ଞ ଯୋଗଦେଇ ଏକେଆଇକୁ ନେଇ ବଢୁଥିବା ଚ୍ୟାଲେଞ୍ଜ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍ସ ନୂଆଦିଲ୍ଲୀର ପ୍ରଫେସର ଡା ଦୀପଙ୍କର ଭୌମିକ, ପିଜିଆଇ ଚଣ୍ଡିଗଡ଼ର ପ୍ରଫେସର ଡା ରାଜା ରାମଚନ୍ଦ୍ରନ, ଷ୍ଟାନଲି ମେଡିକାଲ କଲେଜ ଡା ଏଡୱିନ୍ ଫର୍ଣ୍ଣାଣ୍ଡୋ, ନଦିଆଦର ପ୍ରଫେସର ଡା ଶିଶିର ଗ୍ୟାଙ୍ଗ, ଇଣ୍ଡିଆନ୍ ସୋସାଇଟି ଅଫ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟେସନ୍ର ସଭାପତି ପ୍ରଫେସର ଡା ଅର୍ପିତା ରାୟ ଚୌଧୁରୀ ଏବଂ ଚେନ୍ନାଇର



ବିଶିଷ୍ଟ ନେଫ୍ରୋପାଥୋଲୋଜିଷ୍ଟ ଡା ଅନିଲା ଆବ୍ରାହମ ଯୋଗଦେଇ ଏକେଆଇ ଅନ୍ତର୍ନିହିତ ବକ୍ତୃତା ଓ ପ୍ୟାନେଲ୍ ଆଲୋଚନା କରିଥିଲେ। ସାଧାରଣତଃ ଏକେଆଇ ମୋଟ ଜନସଂଖ୍ୟାର ୧୦ରୁ୧୫ ପ୍ରତିଶତ ଏବଂ ପ୍ରାୟ ୫୦ ପ୍ରତିଶତ ଆଇସିୟୁ ରୋଗୀଙ୍କୁ ପ୍ରଭାବିତ କରିଥାଏ। ଏହା ହେଲେ ରୋଗୀ ମୃତ୍ୟୁହାର ଏବଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ। ଏଥିରେ କିମ୍ସ ପରାମର୍ଶଦାତା ଡା ଆର.ଏନ. ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର.ସି. ଦାସ, କିମ୍ସ ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଡା ମାନସ ବେହେରା, କିମ୍ସ ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା ନିକୁଞ୍ଜ କିଶୋର ରାଉତ ଓ ବିଶିଷ୍ଟ ନେଫ୍ରୋଲୋଜିଷ୍ଟ ଅଶ୍ୱିନୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିରନ୍ତର ଗୁଣାତ୍ମକ ଡାକ୍ତରୀ ଶିକ୍ଷାର ଗୁରୁତ୍ୱ, ପ୍ରତିରୋଧ ରଣନୀତି, ପ୍ରାରମ୍ଭିକ ଏକେଆଇ ଚିହ୍ନଟରେ ନୂତନ ବାୟୋମାର୍କରଙ୍କ ଭୂମିକା ଓ ଶିଶୁ ଜନସଂଖ୍ୟାକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ।

## ମରୁଡି ପରିସ୍ଥିତି ମୁକାବିଲା ଲାଗି ଜରୁରୀ ବୈଠକ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଭୂଷଣ୍ଡପୁର ଗ୍ରାମପଞ୍ଚାୟତ ବୈଠକ ଗୃହରେ ସରପଞ୍ଚ ସୌରଭ କୁମାର ଦାସମହାପାତ୍ର ଙ୍କ ସଭାପତିତ୍ୱରେ ଭୂଷଣ୍ଡପୁର ଅଞ୍ଚଳର ସମସ୍ତ ଚାଷୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚାଷୀମାନଙ୍କର ସାମ୍ପ୍ରତିକ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ପାଣିରେ ଅଭାବ କୁ ନେଇ ଚାଷ ଜମିର ମରୁଡି ପରିସ୍ଥିତି ବିଷୟରେ କୃଷକମାନେ ବିଭିନ୍ନ ମତ ପୋଷଣ କରିବା ସହିତ ଅସନ୍ତୋଷ ବ୍ୟକ୍ତ କରିଥିଲେ । ତୁରନ୍ତ ସ୍ଥାୟୀ ଜଳସେଚନ ସୁବିଧା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଏଥିରେ ରବୀନ୍ଦ୍ର କୁମାର ପରିଡା, ଶ୍ୟାମ ସୁନ୍ଦର ମଲ୍ଲିକଙ୍କ ସମେତ ପ୍ରାୟ ୧୦୦ ରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ ।

# ଇନ୍ଦିରା ପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ସ୍ୱାଧୀନତା ଦିବସ ଉପଲକ୍ଷେ ଇନ୍ଦିରାଗାନ୍ଧୀ ପାର୍କସ୍ଥିତ ଇନ୍ଦିରାପାର୍କ ମର୍ଣ୍ଣିଂ ୱାକର୍ସ ଆସୋସିଏସନ୍ ପକ୍ଷରୁ ଏହାର ପରିସରରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା । ଆଧ୍ୟାତ୍ମିକବାଦୀ ସ୍ୱାମୀଜୀ ନିତ୍ୟାନନ୍ଦ ସାହୁ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମର୍ଣ୍ଣିଂ ୱାକର୍ସ ଆସୋସିଏସନର ଆବାହକ ତଥା କ୍ରୀଡ଼ା ସଂଗଠକ ଶକ୍ତିରଂଜନ ମହାନ୍ତି ଏବଂ ଜାତୀୟ ସାମ୍ବାଦିକ କଲ୍ୟାଣବୋର୍ଡର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଚିବାଳୟ କର୍ମଚାରୀ ନେତା ପତିତପାବନ ନାଥଶର୍ମା, ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରବୀର କୁମାର ଦାସ, ଦିଲ୍ଲୀପ କୁମାର ପାଢୀ, ସିଦ୍ଧାର୍ଥ ସାମଲ, ଅନୀଲ ପଣ୍ଡା, ମୋହନ ପ୍ରଧାନ, ଲିପନ୍ ମନ୍ମଥ କୁମାର ସାମଲ, ଜିତେନ୍ଦ୍ର କୁମାର କର, ନିଳୟ ଘୋଷ, ପବିତ୍ର ପଟ୍ଟନାୟକ ଓ ଆଇ.ଜି.ପାର୍କ



ସାହୁ, ବିରଞ୍ଚି ପାତ୍ର, ଅଶୋକ ଦାସ, ପଞ୍ଚାନନ ନାୟକ, ହେମନ୍ତ ମହାନ୍ତି, ହିତେନ୍ଦ୍ର ନାରାୟଣ ମହାନ୍ତି, ଦୀନେଶ ପାଠକ, ଅଜିତ୍ ଦାଶ, ବିକ୍ରମ କେଶରୀ ପାତ୍ର, ପ୍ରଦୀପ କୁମାର ଦାଶ, ସ୍ମୃତିରଂଜନ ମହାନ୍ତି, ରାଜେଶ ଦାସ, ପ୍ରତାପ ଜେନା, ସୁରକ୍ଷା ଅଧିକାରୀ ବେଣୁଧର ମଲ୍ଲିକ ପ୍ରମୁଖ ଶତାଧିକ ମର୍ଣ୍ଣିଂ ୱାକର୍ସ ଆସୋସିଏସନର ସଦସ୍ୟମାନେ ଯୋଗଦେଇ ଜାତୀୟ ସଂଗୀତ ଗାନ କରିବା ସହିତ ବନ୍ଦେ ମାତରମ୍ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

# ନିସ୍ ଇନ୍ଷ୍ଟିଚ୍ୟୁଟରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଇନ୍ଷଟିଚ୍ୟୁଟ ଅଫ ବିଜିନେସ୍ ଆଡମିନଷ୍ଟ୍ରେସନ୍ର ନୂତନ ଶିକ୍ଷାବର୍ଷ ପାଇଁ ନବାଗତ ଏମବିଏ ଓ ଏମସିଏର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍ୱାଗତ ଉତ୍ସବରେ ନାଲକୋର ପୂର୍ବତନ ସିଏମ୍ଡି ଡକଟର ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି, ଟେକ୍ନୋଲୋଜି ଲିମିଟେଡର ମ୍ୟାନେଜିଂ ଡାଇରେକଟର ଅୟସକାନ୍ତ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋଇ ଯଥାକ୍ରମେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ବିଲିଷ୍ଠ ମନ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକଟର ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ଉନ୍ନତମାନର ଶିକ୍ଷାଦାନ ସହିତ ନବାଗତ ଏମବିଏ ଓ ଏମସିଏର ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତର ଶିକ୍ଷା ଗ୍ରହଣ କରି କିପରି ଉଜ୍ଜଳ ଭବିଷ୍ୟତ ଗଠନ କରିପାରିବେ ତାହା ତାଙ୍କ ବକ୍ତବ୍ୟ ମାଧ୍ୟମରେ ଉଦ୍‌ବୋଧନ ଦେଇଥିଲେ । ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଡେପୁଟି ଡାଇରେକଟର




ଡକଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଅଧ୍ୟକ୍ଷ ଡକଟର ରାଜେସ ସ୍ୱାଇଁ, ଏମବିଏ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପ୍ରମୁଖ ଯୋଗଦେଇ ସେମାନଙ୍କର ସାରଗର୍ଭକ ମତବ୍ୟକ୍ତ କରିବା ସହ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ଦିଗଦର୍ଶନ ପ୍ରଦାନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ଏମସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଅଧ୍ୟାପିକା ପ୍ରଫେସର ବିନିତା ଦେବଯାନୀ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବର ଆୟୋଜନ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ମହାତ୍ମା ଗାନ୍ଧୀଙ୍କ କଟକ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ସମାରୋହର ଆୟୋଜନ

କଟକ, (ସବ୍ୟୁ):ଜାତିର ପିତା ମହାତ୍ମା ଗାନ୍ଧୀଙ୍କ କଟକ ସ୍ଥିତ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ସମାରୋହ ଆୟୋଜନ କରାଯିବ।ପ୍ରକାଶ ଥାଉକି ୧୯୨୫ ମସିହା ଅଗଷ୍ଟ ମାସ ୨୦ ତାରିଖରେ ଗାନ୍ଧିଜୀ ଏସିଆର ଏହି ବୃହତ କୁଷ୍ଠଶ୍ରମ ଆସି ଅନ୍ତେବାସୀଙ୍କ ସେବା କରିବା ସହ ଜନସାଧାରଣଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ନିମନ୍ତେ ସାମାଜିକ ବାର୍ତ୍ତା ଦେଇ ପଦଯାତ୍ରା କରି ଫେରିଥିଲେ। ଏହି ଅଭୁଲା ସ୍ମୃତିର ସ୍ମାରକୀ ସ୍ୱରୂପ ଏକଶତ ବାର୍ଷିକୀ ସମାରୋହ କୃଷ୍ଠାଶ୍ରମ ପ୍ରାଙ୍ଗଣରେଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳଙ୍କ ସମେତ ବରିଷ୍ଠ ମନ୍ତ୍ରୀ,ସାଂସଦ,ବିଧାୟକ ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଚୁଡାନ୍ତ ପ୍ରସ୍ତୁତି ସ୍ୱରୂପ ଆଜି ଅପରାହ୍ନରେ କଟକ ମହାନଗର ନିଗମ ଆୟୁକ୍ତ, କିରଣ ଦୀପ କୌର ସାହୋଟାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବିଜୁ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି।

## ଓଏମସି ପରିଚାଳନା ନିର୍ଦ୍ଦେଶକଙ୍କ

# କ୍ରୋମ୍ ଜୋନ୍ ଖଣି ଅଞ୍ଚଳ ପରିଦର୍ଶନ ଏବଂ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଖଣି ନିଗମ (ଓଏମସି) ପରିଚାଳନା ନିର୍ଦ୍ଦେଶକ, ସୁଧାଂଶୁ ମୋହନ ସାମଲ, ଯାଜପୁର ଜିଲ୍ଲା ସ୍ଥିତ ସୁକିନ୍ଦା ଅଞ୍ଚଳରେ ଥିବା ଓଏମସିର କ୍ରୋମ୍ ଖଣି ଅଞ୍ଚଳ ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଗସ୍ତରେ ନିର୍ଦ୍ଦେଶକ (ଅପରେସନ) ସବ୍ୟସାଚୀ ମହାନ୍ତି, ନିର୍ଦ୍ଦେଶକ (ମାନବ ସମ୍ବଳ) ଆଲୋକ କୁମାର ପାଲ ଏବଂ ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ, ପରିଚାଳନା ନିର୍ଦ୍ଦେଶକ ସାଉଥ୍ କାଳିଆପାଣି ଖଣି ପରିଦର୍ଶନ କରିବା ସହିତ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକ ଯଥା - ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି), କ୍ୱାରି ଡି ଏବଂ କ୍ୱାରି ଏଫ୍, ଷ୍ଟକୟାର୍ଡ, କ୍ରୋମ୍ ଓର୍ ବେନିଫିସିଏସନ୍ ପ୍ଲାଣ୍ଟ (ସିଓବିପି), ଏବଂ କାରଖାନାର ବର୍ଜ୍ୟବସ୍ତୁ ସଂଗ୍ରହକ ଭାବେ ବ୍ୟବହୃତ ଟିଲିଙ୍ଗ୍



ପୋଖରୀ, ସୁକରଙ୍ଗି ଖଣି ଅଞ୍ଚଳ ଏବଂ କାଳିଆପାଣି ଖଣି ପରିସରକୁ ପରିଦର୍ଶନ କରିଥିଲେ। ଏଥିସହିତ ବିକ୍ରୟ ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଏମସିରୁ ଉତ୍ପାଦ ହେଉଥିବା ଖଣିଜ ପଦାର୍ଥ ଗୁଡ଼ିକ କିଭଳି ନିଜର ସଠିକ୍ ଗୁଣବତ୍ତାକୁ ବଜାୟ ରଖିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବ୍ୟବସ୍ଥାକୁ ସୁପରିଚାଳିତ ଓ ସ୍ୱଚ୍ଛ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟାନ୍ୱୟନରେ ନିଜସ୍ୱ ନେତୃତ୍ୱ ନେବା ଏବଂ ବ୍ୟବସାୟିକ ଲକ୍ଷ୍ୟ ହାସଲ କରିବା ପାଇଁ ମିଳିତ ଭାବରେ କାମ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଓଏମସିର ବ୍ୟବସାୟିକ କାର୍ଯ୍ୟକ୍ଷମ ଉତ୍କର୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ବୈଧାନିକ ଅନୁପାଳନ ଏବଂ ଆଇନଗତ କାର୍ଯ୍ୟକୁ ଗୁରୁତର ସହକାରେ ଭାବେ ପାଳନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ଓଏମସିର ଫେରୋ-କ୍ରୋମ୍ ପ୍ଲାଣ୍ଟର କାର୍ଯ୍ୟ ସମୀକ୍ଷା କରିବା ସହିତ, ଏହାର ବ୍ୟବସାୟକୁ ବୃଦ୍ଧି କରିବା ନିମନ୍ତେ ସଠିକ୍ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସୌରଶକ୍ତି ଭଳି ନବୀକରଣୀୟ ଶକ୍ତିକୁ ବହୁଳ ଭାବେ ବ୍ୟବହାର ଏବଂ ସ୍ଥାନୀୟ ଖଣି ଅଞ୍ଚଳର ପରିବେଶଗତ ସନ୍ତୁଳନକୁ ସୁଦୃଢ଼ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଟକ୍ ହିଅର ସ୍ୱିଚ୍ ଆଣ୍ଡ ହିୟରିଂ କ୍ଲିନିକ୍ ପରିସରରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟୁ): ସ୍ୱାଧୀନତା ଦିବସର ପବିତ୍ର ଅବସରରେ ଆମ ଟକ୍ ହିଅର ସ୍ୱିଚ୍ ଆଣ୍ଡ ହିୟରିଂ କ୍ଲିନିକ୍ ପରିସରରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସକାଳ ୧୧ଟାରେ ଧ୍ୱଜାରୋହଣ ହୋଇଥିଲା । କ୍ଲିନିକ୍‌ର ପ୍ରଧାନ ଡାକ୍ତର ଅର୍ପିତା ଘଡେଇ ଧ୍ୱଜାରୋହଣ କରି ଜାତୀୟ ସଙ୍ଗୀତରେ ସମସ୍ତଙ୍କୁ ସମ୍ମିଳିତ କରିଥିଲେ। ଏହି ଅବସରରେ ସମସ୍ତ



ଡାକ୍ତର, ନର୍ସ, କର୍ମଚାରୀ, ଓ ରୋଗୀମାନଙ୍କ ସହିତ ସ୍ଥାନୀୟ ନାଗରିକମାନେ ବି ସାମିଲ ହୋଇଥିଲେ। ପ୍ରମୁଖ ଅତିଥି ଦେବରାଜ ମଲ୍ଲିକ ସ୍ୱାଧୀନତାର ମୂଲ୍ୟ, ଆଜିର ପରିପ୍ରେକ୍ଷିତ ଦାୟିତ୍ୱ, ଏବଂ ସ୍ୱାସ୍ଥ୍ୟ ସେବାରେ ଦେଶପ୍ରେମର ଭୂମିକା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିରେ ନିରବତା ପାଳନ କରାଯିବା ସହ ସେମାନଙ୍କ ତ୍ୟାଗକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମର ଅନ୍ୟାନ୍ୟ ଆକର୍ଷଣୀୟ ପାଟ୍ୟାଭିନୟ, ଦେଶଭକ୍ତି ସଙ୍ଗୀତ ପ୍ରସ୍ତୁତି, ଓ ସ୍ୱାସ୍ଥ୍ୟ ସଚେତନତା ଅଭିଯାନରେ ସମସ୍ତଙ୍କ ସକ୍ରିୟ ଭାଗୀଦାରି ଥିଲା। ଶେଷରେ ସମସ୍ତଙ୍କୁ ଆହାର ବଣ୍ଟନ କରାଯାଇଥିଲା।

# କିଷ୍ଟ ପାଳନ କଲା ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର (ସବ୍ୟୁ): କୋଣାର୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଂସ୍ଥାନରେ ଶତାଧିକ ବିଦ୍ୟାର୍ଥୀ ୭୯ତମ ସ୍ୱାଧିନତା ଦିବସକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଏହି ଅବସରରେ 'ସ୍ୱାଧିନତାରବର୍ତ୍ତି' କାର୍ଯ୍ୟକ୍ରମ ପାଳନ କରାଯାଇଛି। ମୁଖ୍ୟ ଅତିଥି ଲେଫ୍ଟନାଣ୍ଟ କମାଣ୍ଡର ଅମିୟ ପାତ୍ର, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର



ଉପନିର୍ଦ୍ଦେଶକ ଅନିଲକୁମାର ପାଣିଗ୍ରାହୀ, କିଷ୍ଟର ସଂଯୋଜକ ତିରୁପତି ଚୌଧୁରୀ, ଅଧ୍ୟକ୍ଷ ପ୍ରଫେସର୍ ଡ. ପାର୍ଥ ସାରଥୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ପତାକାଉତ୍ତୋଳନ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାରତର ମାନଚିତ୍ର ଗଠନ, ପିରାମିଡ୍ ପ୍ରଦର୍ଶନ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଅଞ୍ଚଳବାସୀଙ୍କ ମନରେ ସ୍ୱାଧିନତାର ନବଜାଗରଣ ବିଦ୍ୟାର୍ଥୀମାନେ ସୃଷ୍ଟି କରିଥିଲେ। ଏହିକାର୍ଯ୍ୟକ୍ରମକୁ ଅରୁନ୍ଧତି ସେନ୍ ପରିଚାଳନା କରିଥିବାବେଳେ ସାଂସ୍କୃତିକ ସମିତିର ସଦସ୍ୟା ଶିବାନୀ ପାଣିଗ୍ରାହୀ, ସଙ୍ଗୀତା ବିଶ୍ୱାଳ ଓ ଶୁଭାଷିଶ୍ ମିଶ୍ର ପରିଚାଳନାରେ ସାହାଯ୍ୟ ଓ ସହଯୋଗ କରିଥିଲେ। ଅପର୍ଣ୍ଣା ହଲଦାର୍ ସମସ୍ତ ବିଦ୍ୟାର୍ଥୀଏବଂ ଅତିଥିମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସୁରେନ୍ଦ୍ର ସାଏ ବିଦ୍ୟାମନ୍ଦିରର ସ୍ୱାଧୀନତା ଦିବସ





ଭୁବନେଶ୍ୱର, (ସବ୍ୟୁ) : ଭିଏସ୍ଏସ୍ ନଗରସ୍ଥିତ ସୁରେନ୍ଦ୍ରସାଏ ବିଦ୍ୟାମନ୍ଦିରର ୭୯ତମ ସ୍ୱାଧୀନତା ଦିବସ ମହାଆଡମ୍ବର ସହକାରେ ପାଳନ କରାଯାଇଅଛି। ମୁଖ୍ୟ ଅତିଥି ଭାବେ କର୍ପୋରେଟର ପ୍ରଭାସିନୀ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାସହ ବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ସାଏଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଂଶୀଧର ବାରିକ ଓ ସଂପାଦକ ବିପିନି ବିହାରୀ ରାୟ ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା କମିଟିର ଅନ୍ୟ ସଭ୍ୟ ସୁରେଶ ଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ଦେହୁରୀ, ଦେବରାଜ ଭୋଇ, ପ୍ରଦୀପ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ନିମାଇଁ ଚରଣ ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସେମାନଙ୍କର ଅଭିମତ ପ୍ରଦାନ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରାଉତ ତାଙ୍କର ଅଭିମତ ପ୍ରଦାନ କରିବା ସହିତ ଉପସ୍ଥିତ ସମସ୍ତ ଅତିଥି ଓ ସଦସ୍ୟବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡା ଏବଂ କଳାହାଣ୍ଡିରେ ମୌସୁମୀ ଋତୁରେ

# ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାରେ ମୌସୁମୀ ଋତୁରେ ଗୋଷ୍ଠି ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଏକ ଶୃଙ୍ଖଳା ଆରମ୍ଭ କରିଛି। ଏହି ପ୍ରୟାସଗୁଡ଼ିକ ଅଧୀନରେ କମ୍ପାନୀର ଭ୍ରାମ୍ୟମାଣ ହେଲଥ ୟୁନିଟ୍ (ଏମଏଚୟୁ) କାର୍ଯ୍ୟକାରୀ କରାଯାଉଛି। ୧୫୦୦ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ମାଗଣା ମ୍ୟାଲେରିଆ ପରୀକ୍ଷା, ଲକ୍ଷଣ ଚିହ୍ନଟ ପାଇଁ ମାର୍ଗଦର୍ଶନ ଏବଂ ପରିମଳ, ମଶାରୀ ବ୍ୟବହାର ଏବଂ ପାନୀୟଜଳ ସମସ୍ୟା ଦୂର କରିବା ଭଳି ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିଛନ୍ତି। ଋତୁକାଳୀନ ରୋଗ ପ୍ରକୋପ ରୋକିବା ପାଇଁ ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାଞ୍ଚଟି ଗ୍ରାମର ୮୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମହିଳାଙ୍କ ସହିତ ଏକ ପ୍ରସ୍ତୁତି ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ପରିବାରର ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସାପ କାମୁଡ଼ା ରୋକିବା ପାଇଁ



ସତର୍କତାମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ପାଇଁ ଜରୁରୀ ପ୍ରଥମ ପ୍ରତିକ୍ରିୟା ପଦକ୍ଷେପ ଅନ୍ତର୍ଭୁକ୍ତ କରାଯାଇଥିଲା, ଅଂଶଗ୍ରହଣକାରୀମାନଙ୍କୁ ବର୍ଷା ସମୟରେ ପରିବାରକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟକ୍ଷମ ଜ୍ଞାନ ସହିତ ସଶକ୍ତ କରାଯାଇଥିଲା।

ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ୩୫ରୁ ଅଧିକ ଦୁର୍ଗମ ଗ୍ରାମର ୨୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ବେଦାନ୍ତ ଆଲୁମିନିୟମ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି। ଗତ ଦୁଇ ବର୍ଷ ମଧ୍ୟରେ ୨,୦୦୦ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଛି, ଯାହା ଅନୁନ୍ନତ ଅଞ୍ଚଳଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ବ୍ୟବଧାନକୁ ପୂରଣ କରିଛି। ପ୍ରତ୍ୟେକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ହେଉଛି ଏକ ସମ୍ପୂର୍ଣ୍ଣ ସଜ୍ଜିତ ମେଡିକାଲ୍ ଭ୍ୟାନ୍, ଯେଉଁଥିରେ ଜଣେ ଡାକ୍ତର, ନର୍ସ, ଲ୍ୟାବ୍ ଟେକ୍ନିସିଆନ୍ ଏବଂ ଫାର୍ମାସିଷ୍ଟ ଅଛନ୍ତି, ଯାହା ଯାଞ୍ଚ, ସ୍କ୍ରିନିଂ, ରକ୍ତ ଶର୍କରା ପରୀକ୍ଷା, ଅତ୍ୟାବଶ୍ୟକ ଔଷଧ ବଣ୍ଟନ ଏବଂ ପ୍ରତିରୋଧକ ଯତ୍ନ ଉପରେ କେନ୍ଦ୍ରିତ ନିୟମିତ ସଚେତନତା ଅଧିବେଶନ ପ୍ରଦାନ କରେ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ସକ୍ରିୟ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପାଇଁ ପ୍ରତିବଦ୍ଧ। ଆମର ପଦକ୍ଷେପଗୁଡ଼ିକ ଋତୁକାଳୀନ ଚ୍ୟାଲେଞ୍ଜକୁ ମୁକାବିଲା କରିବା ବ୍ୟତୀତ, ଦୀର୍ଘକାଳୀନ କଲ୍ୟାଣକୁ ସୁଦୃଢ଼ କରିବା, ସଚେତନତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଇଥାଏ। ଆମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ମାଧ୍ୟମରେ, ଆମେ ସୁଗମ ସ୍ୱାସ୍ଥ୍ୟସେବା ଆଣୁଛୁ ଏବଂ ସୁସ୍ଥ ସମ୍ପ୍ରଦାୟ ଗଠନରେ ସାହାଯ୍ୟ କରିବା ପାଇଁ ନିୟମିତ ସଚେତନତା ଅଧିବେଶନ ଚଳାଇଥାଉ।" ସଦସ୍ୟ ନବୀନ ନାଏକ କହିଛନ୍ତି, "ବେଦାନ୍ତ ଦ୍ୱାରା ପରିଚାଳିତ ସଚେତନତା ଅଧିବେଶନଗୁଡ଼ିକ ମୌସୁମୀ ସମୟରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଅଭ୍ୟାସ ବିଷୟରେ ଆମର ବୁଝାମଣାକୁ ଯଥେଷ୍ଟ ବୃଦ୍ଧି କରିଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପଗୁଡ଼ିକ ଦୃଶ୍ୟ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ।

# ମୋଦୀଙ୍କ ସହ କଥା ହେଲେ ପୁଟିନ





ନୂଆଦିଲ୍ଲୀ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋମବାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି । ଏହି ସମୟରେ ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଆଲୋଚନା ବିଷୟରେ ସୂଚନା ଦେଇଥିଲେ । ଏହା ସହିତ ଉଭୟ ନେତା ଦ୍ୱିପାକ୍ଷିକ ସହଯୋଗ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଟ୍ରମ୍ପ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଜରିମାନା ଲଗାଇଛନ୍ତି ଓ ଆଗକୁ ଆହୁରି ୨୫ପ୍ରତିଶତ ଲଗାଇବାକୁ ଧମକ ଦେଇଛନ୍ତି । ଏହି କାରଣରୁ ଆଲାସ୍କାରେ ହୋଇଥିବା ଟ୍ରମ୍ପ-ପୁଟିନ ସାକ୍ଷାତ ଭାରତ ପାଇଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରଧାନମନ୍ତ୍ରୀ ମୋଦୀ "ଏକ୍ସ' ରେ ପୋଷ୍ଟ କରିଥିଲେ ଯେ ସେ ପୁଟିନଙ୍କୁ ଫୋନ୍ କଲ୍ ପାଇଁ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି- ମୋର ବନ୍ଧୁ, ରାଷ୍ଟ୍ରପତି ପୁଟିନଙ୍କୁ ତାଙ୍କ ଫୋନ୍ କଲ୍ ଏବଂ ଆଲାସ୍କାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ତାଙ୍କ ସମ୍ପ୍ରତିକ ସାକ୍ଷାତ ବିଷୟରେ ଅବଗତ କରାଇବା ପାଇଁ ଧନ୍ୟବାଦ । ଭାରତ ନିରନ୍ତର ଭାବରେ ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆହ୍ୱାନ ଦେଇଛି ଏବଂ ଏହି ସମ୍ପର୍କରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି । ଆଗାମୀ ଦିନରେ ଆମର ନିରନ୍ତର ଆଦାନପ୍ରଦାନ ପାଇଁ ମୁଁ ଅପେକ୍ଷା କରିଛି ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟି ଅନୁଭୂତି ବାଣ୍ଟିଲେ ଶୁଭାଂଶୁ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କ ସହିତ କଥା ହୋଇଛନ୍ତି । ଏହା ଦେଶ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଥିଲା । ସାକ୍ଷାତ ସମୟରେ, ଦୁହେଁ ମହାକାଶରେ ଶ୍ରୀ ଶୁକ୍ଳାଙ୍କ ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତର ଅଗ୍ରଗତି ଏବଂ ଦେଶର ମହତ୍ୱାକାଂକ୍ଷୀ ମାନବ ମହାକାଶ ଉଡ଼ାଣ କାର୍ଯ୍ୟକ୍ରମ - ଗଗନଯାନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ଏକ୍ସରେ ଏକ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି:ଶୁଭାଂଶୁ ଶୁକ୍ଳାଙ୍କ ସହ ବହୁତ ଭଲ ଆଲୋଚନା ହୋଇଛି । ଆମେ ମହାକାଶରେ ତାଙ୍କର ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ପ୍ରଗତି ଏବଂ ଭାରତର ମହତ୍ୱାକାଂକ୍ଷୀ ଗଗନଯାନ ମିଶନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲୁ । ଭାରତ ତାଙ୍କ ସଫଳତା ପାଇଁ ଗର୍ବିତ ।

## ସହଜ ଜୀବନଯାପନ ଓ ବ୍ୟବସାୟିକ ସୁଗମତା ପ୍ରସଙ୍ଗ

# ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ସହଜ ଜୀବନଯାପନ, ବ୍ୟବସାୟିକ ସୁଗମତାରେ ସୁଧାର ଏବଂ ସମାବେଶୀ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଦ୍ରୁତ ତଥା ବିସ୍ତୃତ ସଂସ୍କାର କାର୍ଯ୍ୟକାରୀ କରିବା ନିମନ୍ତେ ପରବର୍ତ୍ତୀ ପିଢ଼ି ସଂସ୍କାର ପାଇଁ ରୂପରେଖ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ବିଚାରବିମର୍ଶ କରାଯାଇଛି । ଗୋଟିଏ ଏକ୍ସ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି: ""ପରବର୍ତ୍ତୀ ପିଢ଼ି ସଂସ୍କାର ପାଇଁ ରୂପରେଖ ଉପରେ ଆଲୋଚନା ଲାଗି ଏକ ବୈଠକରେ ଅଧ୍ୟକ୍ଷତା କଲି । ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ ।

# ରାଜ୍ୟସଭାରେ ଭାରତୀୟ ବନ୍ଦର ବିଲ୍ - ୨୦୨୫ ପାରିତ

ନୂଆଦିଲ୍ଲୀ : ରାଜ୍ୟସଭାରେ ସୋମବାର ଭାରତୀୟ ବନ୍ଦର ବିଲ୍, ୨୦୨୫ ପାରିତ ହୋଇଛି, ଏହା ଭାରତୀୟ ବନ୍ଦର ଆଇନ, ୧୯୦୮ର ପରିବର୍ତ୍ତନ ନିମନ୍ତେ ଏକ ବ୍ୟାପକ ସଂସ୍କାର, ଯାହା ଏକ ଶତାବ୍ଦୀରୁ ଅଧିକ ଔପନିବେଶ ଯୁଗର ନିୟନ୍ତ୍ରଣକୁ ସମାପ୍ତ କରି ଭାରତର ସାମୁଦ୍ରିକ କ୍ଷେତ୍ର ପାଇଁ ଏକ ଆଧୁନିକ ଢାଞ୍ଚାରେ ପ୍ରସ୍ତୁତ କରାଯାଇଛି । ପୂର୍ବରୁ, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ (ଏମଓପିଏସଡବ୍ଲୁ) ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ବିଲ୍‌କୁ ପାରିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଲୋକସଭା ଦ୍ୱାରା ପୂର୍ବରୁ ମଞ୍ଜୁର ହୋଇଥିବା ଏହି ଆଇନକୁ ଖୁବ୍ ଶୀଘ୍ର ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ । କାର୍ଯ୍ୟକାରୀ ହେବା ପରେ, ଏହା ଭାରତୀୟ ବନ୍ଦରଗୁଡ଼ିକରେ କାର୍ଯ୍ୟକାରୀତାକୁ ପରିବର୍ତ୍ତନ କରିବ, ବନ୍ଦର-ନେତୃତ୍ୱାଧୀନ ବିକାଶ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ମଜବୁତ କରିବ ଏବଂ ଦେଶର ବାଣିଜ୍ୟ ମହାକାଂକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଏକ କ୍ଷେତ୍ରରେ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଏହି ପଦକ୍ଷେପକୁ ଏକ ମାଇଲଖୁଣ୍ଟ ସଂସ୍କାର ଯାହା ଭାରତର ସାମୁଦ୍ରିକ ସମ୍ଭାବନାକୁ ଉନ୍ମୁକ୍ତ କରିବ ବୋଲି ବର୍ଣ୍ଣନା କରିଛନ୍ତି ।ବନ୍ଦରଗୁଡ଼ିକ କେବଳ ସାମଗ୍ରୀ ପାଇଁ ପ୍ରବେଶ ପଥ ନୁହେଁ, ଏହା ଅଭିବୃଦ୍ଧି, ନିଯୁକ୍ତି ଏବଂ ସ୍ଥାୟୀ ବିକାଶର ଇଞ୍ଜିନ । ଭାରତୀୟ ବନ୍ଦର ବିଲ୍, ୨୦୨୫ ସହିତ, ଭାରତ କ୍ୟାଚ୍-ଅପ୍ ମୋଡ୍‌ରୁ ବିଶ୍ୱ ସାମୁଦ୍ରିକ ନେତୃତ୍ୱ ଆଡ଼କୁ ଗତି କରୁଛି, ଶ୍ରୀ ସୋନୋୱାଲ ରାଜ୍ୟସଭାରେ ସୂଚନା ଦେଇଥିଲେ । ଏହି ସଂସ୍କାର ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ, ଯାହାଙ୍କ ନିର୍ଣ୍ଣାୟକ ନେତୃତ୍ୱ ଭାରତ ଉପନିବେଶବାଦୀ ଭାରକୁ ମୁକ୍ତ କରିବା ଏବଂ ଆଧୁନିକ, ସମସାମୟିକ, ଆନ୍ତର୍ଜାତୀୟ ସ୍ତରରେ ସମନ୍ୱିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ନୀତିଗୁଡ଼ିକୁ ଗ୍ରହଣ କରିବା ନିଶ୍ଚିତ କରିଛି । ଗତ ୧୦ ବର୍ଷ ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବିସ୍ତାରିତ ହୋଇଛି । ପ୍ରମୁଖ ବନ୍ଦରଗୁଡ଼ିକରେ କାର୍ଗୋ ପରିଚାଳନା ୨୦୨୪-୨୫ ଆର୍ଥିକ ବର୍ଷରେ ରେକର୍ଡ ୮୫୫ ନିୟୁତ ଟନ୍ ଛୁଇଁଛି, ଯାହା ୨୦୧୪-୧୫ ଆର୍ଥିକ ବର୍ଷରେ ୫୮୧ ନିୟୁତ ଟନ୍ ଥିଲାଛ ସେହି ସମୟ ମଧ୍ୟରେ ବନ୍ଦର କ୍ଷମତା ପ୍ରାୟ ୮୭ ପ୍ରତିଶତ ବୃଦ୍ଧି ପାଇଛି । ଜାହାଜଗୁଡ଼ିକର ହାରାହାରି ପରିବହନ ସମୟ ଅଧା ହୋଇ ୪୮ ଘଣ୍ଟା କରାଯାଇଛି, ଯାହା ବିଶ୍ୱ ମାନଦଣ୍ଡ ସହିତ ମେଳ ଖାଉଛି । ଉପକୂଳ ପରିବହନ ପରିମାଣ ଦୁଇ ଗୁଣାରୁ ଅଧିକ ହୋଇଛି ଏବଂ ୧୧୮ ପ୍ରତିଶତ ବୃଦ୍ଧି ପାଇଛି, ଯେତେବେଳେ ଆଭ୍ୟନ୍ତରୀଣ ଜଳପଥରେ କାର୍ଗୋ ପରିବହନ ପ୍ରାୟ ସାତ ଗୁଣ ବୃଦ୍ଧି ପାଇଛି । ଭାରତୀୟ ବନ୍ଦରଗୁଡ଼ିକ ବିଶ୍ୱବ୍ୟାଙ୍କର କଣ୍ଟେନର ବନ୍ଦର କାର୍ଯ୍ୟଦକ୍ଷତା ସୂଚକାଙ୍କରେ ସ୍ଥାନ ପାଇଛି । ତଥାପି, ଶିଳ୍ପ ନେତାମାନେ ଦୀର୍ଘ ସମୟ ଧରି ପୁରୁଣା ୧୯୦୮ ଢାଞ୍ଚାକୁ ବଦଳାଇବା ପାଇଁ ଏକ ଆଧୁନିକ ଆଇନ ପାଇଁ ଆହ୍ୱାନ କରିଥିଲେ ।

# ୟୁପିଆଇ ଆପରେ ମିଳିବ ଋଣ



ନୂଆଦିଲ୍ଲୀ: ଯେଉଁମାନେ କମ୍ ପରିମାଣର ଋଣ ଚାହୁଁଛନ୍ତି ସେମାନଙ୍କ ପାଇଁ ଏକ ଖୁସି ଖବର ଆସିଛି । ଦୀର୍ଘ ସମୟ ଅପେକ୍ଷା ପରେ,ୟୁପିଆଇରେ କ୍ରେଡିଟ୍ ଲାଇନ ସୁବିଧା ଆରମ୍ଭ ହେବାକୁ ଯାଉଛି । ବ୍ୟାଙ୍କଗୁଡ଼ିକ ଯୋଜନା କରିଛନ୍ତି ଯେ, ଏବେ ଗ୍ରାହକମାନଙ୍କୁ ସିଧାସଳଖ ୟୁପିଆଇ ଆପ୍ ମାଧ୍ୟମରେ କ୍ଷୁଦ୍ର ଋଣ ପ୍ରଦାନ କରାଯିବ । ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ମଧ୍ୟ ଏହି ସୁବିଧା ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛି । ଯଦି ଏହି ଯୋଜନା ପ୍ରକୃତରେ କାର୍ଯ୍ୟକାରୀ ହୁଏ, ତେବେ ଏବେ ଗ୍ରାହକମାନଙ୍କୁ କ୍ଷୁଦ୍ର ଋଣ ପାଇଁ ଆଉ ବ୍ୟାଙ୍କକୁ ଯିବାକୁ ପଡ଼ିବ ନାହିଁ । ସେମାନେ ଘରେ ବସି ଏହି ସୁବିଧା ସହଜରେ ପାଇପାରିବେ । ସୂଚନା ଦେଇ ଫିନଟେକ୍‌କ୍ଷେତ୍ରର ଜଣେ ପ୍ରତିଷ୍ଠାତା କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ନୂତନ ଗ୍ରାହକଙ୍କ ପାଖରେ ପହଞ୍ଚିବା ପାଇଁୟୁପିଆଇରେ ଛୋଟ କ୍ରେଡିଟ୍ ଲାଇନ୍ ସେବା ପ୍ରଦାନ କରିବାକୁ ଯାଉଛନ୍ତି, ବିଶେଷକରି ଯେଉଁ ଗ୍ରାହକମାନଙ୍କର ବ୍ୟାଙ୍କ ଆକାଉଣ୍ଟ ନାହିଁ । ଏଥିପାଇଁ, ଫୋନପେ, ପେଟିଏମ୍, ନାଭି ଏବଂ ଭାରତପେ ଭଳି ଆପ୍ ବ୍ୟବହାର କରାଯିବ । ଆଇସିଆଇସିଆଇ ଭଳି ବଡ଼ ବ୍ୟାଙ୍କ ଏବଂ କର୍ଣ୍ଣାଟକ ବ୍ୟାଙ୍କ ଭଳି ଛୋଟ ବ୍ୟାଙ୍କ ମଧ୍ୟ ଏଭଳି କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ନୂତନ ପ୍ରକଳ୍ପ ସମ୍ପର୍କରେ ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଅନେକ ପ୍ରଶ୍ନ ପଚାରିଥିଲେ । ଯେପରିକି ସୁଧମୁକ୍ତ ଅବଧି,ବାକି ରାଶିର ରିପୋର୍ଟିଂ ଏବଂ କ୍ରେଡିଟ୍ ବ୍ୟୁରୋକୁ ସୂଚନା ପଠାଇବାର ପଦ୍ଧତିଛ ଏବେ ଆରବିଆଇ ଏହି ପ୍ରସଙ୍ଗଗୁଡ଼ିକ ଉପରେ ସ୍ୱଷ୍ଟ ନିର୍ଦ୍ଦେଶାବଳୀ ଦେଇଛି । ଯାହା ପରେ ପ୍ରାରମ୍ଭିକ ସ୍ତରରେ ଏହାର ପରୀକ୍ଷଣ ଆରମ୍ଭ ହୋଇଛିଛୟୁପିଆଇ ପ୍ଲାଟଫର୍ମ ଏନପିସିଆଇ ଦ୍ୱାରା ପରିଚାଳିତ ହେଉଛି । ଯାହା ସେପ୍ଟେମ୍ବର ୨୦୨୩ରେ ପ୍ରି-ସଙ୍କସନ୍ଡ୍ କ୍ରେଡିଟ୍ ଲାଇନ୍ ସୁବିଧା ଆରମ୍ଭ କରିଥିଲା । କିନ୍ତୁ ଯାନ୍ତ୍ରିକ ସମସ୍ୟା ଯୋଗୁ ଅଧିକାଂଶ ବ୍ୟାଙ୍କ ଏହାକୁ ଆରମ୍ଭ କରି ନଥିଲେ । ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ହେଉଛି ଏବଂ ବ୍ୟାଙ୍କଗୁଡ଼ିକ ଏହାକୁ ଦ୍ରୁତ ଗତିରେ ଗ୍ରହଣ କରିବା ଆରମ୍ଭ କରିଛନ୍ତି । ଜୁଲାଇ ୧୦ରେ, ଏନପିସିଆଇ ବ୍ୟାଙ୍କଗୁଡ଼ିକୁ ଏକ ବିଜ୍ଞପ୍ତି ଜାରି କରି କହିଛି ଯେ, ଏହି ଉପାୟରେ ଯେକୌଣସି ଋଣ ଦିଆଯିବ ତାହା ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିଛ ଯେଉଁ ଉଦ୍ଦେଶ୍ୟରେ ଏହାକୁ ଅନୁମୋଦନ କରାଯାଇଥିଲା । ଏହା ମାଧ୍ୟମରେ ସୁନା ଋଣ, ସ୍ଥାୟୀ ଜମା ଏଜେଣ୍ଟ ଋଣ, ଉପଭୋକ୍ତା ଋଣ, ବ୍ୟକ୍ତିଗତ ଋଣ ଇତ୍ୟାଦି ମିଳି ପାରିବ । ଯାହାର ସରଳ ଅର୍ଥ ହେଉଛି କ୍ରେଡିଟ୍ ଆକାଉଣ୍ଟ ସିଧାସଳଖ ୟୁପିଆଇ ଆପ୍ ସହିତ ଲିଙ୍କ୍ ହେବ ଏବଂ ସେଠାରୁ ଛୋଟ ଋଣ ମିଳିପାରିବ । ଶିଳ୍ପ ବିଶେଷଜ୍ଞମାନଙ୍କ ଅନୁସାରେ ୟୁପିଆଇର ପରବର୍ତ୍ତୀ ପର୍ଯ୍ୟାୟରେ କ୍ରେଡିଟ୍ ଏକ ବଡ଼ ପଦକ୍ଷେପ ପ୍ରମାଣିତ ହେବ । ବର୍ତ୍ତମାନୟୁପିଆଇର ପ୍ରାୟ ୩୦ କୋଟି ଉପଭୋକ୍ତା ଅଛନ୍ତି, ଯେଉଁଥିରୁ ୧୫-୨୦ କୋଟି ସକ୍ରିୟ ଉପଭୋକ୍ତା ଅଛନ୍ତି । ତଥାପି, ଗତ କିଛି ମାସ ମଧ୍ୟରେ ୟୁପିଆଇ ଅଭିବୃଦ୍ଧିର ଗତି ମନ୍ଥର ହୋଇଛି । ଏପରି ପରିସ୍ଥିତିରେ, କ୍ରେଡିଟ୍ ଲାଇନ ଏହାକୁ ନୂତନ ଗତି ଦେଇପାରିବ ।

# ଜନ ବିଶ୍ୱାସ ବିଲ୍ ଲୋକସଭାରେ ଆଗତ



ନୂଆଦିଲ୍ଲୀ : କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ସୋମବାର ଲୋକସଭାରେ ଜନ ବିଶ୍ୱାସ (ବିଧାନ ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପନ କରିଛନ୍ତି । ଏହି ବିଲ୍ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇଥିଲାଛ ମାନ୍ୟବର ମନ୍ତ୍ରୀ ମାନ୍ୟବର ବାଚସ୍ପତିଙ୍କୁ ବିଲଫିକୁ ସିଲେକ୍ଟ କମିଟିକୁ ପଠାଇବାକୁ ଅନୁରୋଧ କରିଛନ୍ତି । କମିଟିର ସଦସ୍ୟମାନଙ୍କୁ ମାନ୍ୟବର ବାଚସ୍ପତି ବାଛିବେ ଏବଂ କମିଟି ପରବର୍ତ୍ତୀ ଅଧିବେଶନର ପ୍ରଥମ ଦିନ ସୁଦ୍ଧା ଏକ ରିପୋର୍ଟ ପ୍ରସ୍ତୁତ କରିବ । ଏହି ଅଭ୍ୟାସ ଜନ ବିଶ୍ୱାସ (ବିଧାନ ସଂଶୋଧନ) ଆଇନ, ୨୦୨୩ ର ସଫଳତା ଉପରେ ଆଧାରିତ - ଏହା ବହୁବିଧ ଆଇନ ମଧ୍ୟରେ ଛୋଟ ଅପରାଧକୁ କ୍ରମାଗତ ଭାବରେ ଅପରାଧମୁକ୍ତ କରିବା ପାଇଁ ପ୍ରଥମ ସମନ୍ୱିତ ଆଇନ । ୧୧ ଅଗଷ୍ଟ ୨୦୨୩ ରେ ଅଧିସୂଚିତ ୨୦୨୩ ଆଇନ, ୧୯ ଟି ମନ୍ତ୍ରଣାଳୟ / ବିଭାଗ ଦ୍ୱାରା ପରିଚାଳିତ ୪୨ ଟି କେନ୍ଦ୍ରୀୟ ଆଇନରେ ୧୮୩ ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରିଥିଲା । ୨୦୨୫ ବିଲ୍ ୧୦ ଟି ମନ୍ତ୍ରଣାଳୟ / ବିଭାଗ ଦ୍ୱାରା ପରିଚାଳିତ ୧୬ ଟି କେନ୍ଦ୍ରୀୟ ଆଇନକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ସଂସ୍କାର କାର୍ଯ୍ୟସୂଚୀକୁ ବିସ୍ତାର କରିଛି । ମୋଟ ୩୫୫ ଟି ବ୍ୟବସ୍ଥା ସଂଶୋଧନ ପାଇଁ ପ୍ରସ୍ତାବିତ - ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ୨୮୮ ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରାଯାଇଥିଲା, ଏବଂ ଜୀବନଧାରଣର ସହଜତାକୁ ସୁଗମ କରିବା ପାଇଁ ୬୭ ଟି ବ୍ୟବସ୍ଥା ସଂଶୋଧନ ପାଇଁ ପ୍ରସ୍ତାବିତ । ଜନ ବିଶ୍ୱାସ (ବିଧାନ ସଂଶୋଧନ) ବିଲ୍, ୨୦୨୫ ମଧ୍ୟ ଜୀବନଧାରଣର ସହଜତା ପାଇଁ ନୂଆ ଦିଲ୍ଲୀ ପୌର ପରିଷଦ ଆଇନ, ୧୯୯୪ ଏବଂ ମୋଟର ଯାନ ଆଇନ, ୧୯୮୮ ଅଧୀନରେ ୬୭ ଟି ସଂଶୋଧନ ପ୍ରସ୍ତାବ ଦେଇଛି ।

# ଗୁଳିମାଡ଼ ଘଟଣା : ମୁହଁ ଖୋଲିଲେ ଏଲଭିଶ



ଗୁରୁଗ୍ରାମ : ହରିୟାଣାରୟୁଟ୍ୟୁବର ଏଲଭିଶ ଯାଦବଙ୍କ ପରିବାରଲୋକଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି । ଅଗଷ୍ଟ ୧୭ ତାରିଖ ସକାଳ ୫.୩୦ରୁ ୬ଟା ମଧ୍ୟରେ ଏଲଭିଶ ଯାଦବଙ୍କ ଘର ଉପରକୁ ୨୫ ରୁ ୩୦ ରାଉଣ୍ଡ ଗୁଳି କରି ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ସାମ୍ନାକୁ ଆସିଥିବା ସିସିଟିଭି ଫୁଟେଜରେ ସ୍ୱଷ୍ଟ ଭାବେ ଦେଖିବାକୁ ମିଳୁଛି, ୩ଜଣ ଅଜ୍ଞାତ ଯୁବକ ଏଲଭିଶ ଯାଦବଙ୍କ ଘର ପାଖକୁ ଆସି ୨୫ରୁ ୩୦ ରାଉଣ୍ଡ ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଉଛନ୍ତି । ଏହି ଗୁଳିକାଣ୍ଡ ଘଟଣାର ଖବର ସାମ୍ନାକୁ ଆସିବା ପରେ ଚାରିଆଡେ ଚାଞ୍ଚଲ୍ୟ ଖେଳି ଯାଇଛି । ୟୁଟ୍ୟୁବରଙ୍କ ପ୍ରଶଂସକମାନେ ଏଲଭିଶଙ୍କ ସୁରକ୍ଷାକୁ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି । ଘରେ ଗୁଳିକାଣ୍ଡ ହେବାପରେ ଏଲଭିଶ ମୁହଁଖୋଲି କହିଛନ୍ତି,"ଗୁଳିକାଣ୍ଡ ଘଟଣା ସମୟରେ ମୁଁ ଘରେ ନଥିଲିଛ କାମ ହେତୁ ବାହାରେ ଥିଲି । ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛି । ଆପଣ ସମସ୍ତଙ୍କ ଶୁଭ ଆଶୀର୍ବାଦ ପାଇଁ ମୋ ପରିବାର ଉପରେ ଗୁଳିକାଣ୍ଡ ଘଟଣାରେ କେଣସି ପ୍ରକାର ଆଞ୍ଚ ଆସି ନାହିଁ । ଏଲଭିଶ ଯାଦବଙ୍କ ବାପା ଏହି ଗୁଳିକାଣ୍ଡ ଘଟଣାକୁ ନେଇ ପୁଲିସରେ ଅଭିଯୋଗ କରିଛନ୍ତି । ତେବେ ଏହି ଗୁଳିକାଣ୍ଡ କିଏ ଓ କାହିଁକି କଲା । ବୋଲି ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଭାଉ ଗ୍ୟାଙ୍ଗ ଏଥିପାଇଁ ନିଜକୁ ଦାୟୀ କରିଛି । ସୋସିଆଲ ମିଡିଆରେ ଏକ ପୋଷ୍ଟରେ, 'ଭାଉ ଗ୍ୟାଙ୍ଗ' ସଦସ୍ୟ ଗ୍ୟାଙ୍ଗଷ୍ଟର ନୀରଜ ଫରିଦପୁର ଏବଂ ଭାଉ ରିଟୋଲିଆ ଏଲଭିଶ ଯାଦବଙ୍କ ଘରେ ଉପରକୁ ହୋଇଥିବା ଗୁଳିକାଣ୍ଡ ଘଟଣାରେ ନିଜର ଦାୟୀ କରିଛନ୍ତି ।

# ଉପରାଷ୍ଟ୍ରପତି ନିର୍ବାଚନ ନେଇ ରାଜନୀତି ସରଗରମ



ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ର୍ନିବାଚନକୁ ନେଇ ଦେଶରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଛି । ବିରୋଧୀ ମେଣ୍ଟ 'ଇଣ୍ଡିଆ' ମଧ୍ୟ ଏନେଇ ସକ୍ରିୟତା ଦେଖାଇଛି । ସୋମବାର ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ କାର୍ଯ୍ୟାଳୟରେ ଏକ ସ୍ୱ୍ୱତନ୍ତ୍ର ବୈଠକ ଆରମ୍ଭ ହୋଇଛି । ବେଠକରେ ମିଳିତ ପ୍ରାର୍ଥୀ ବିଷୟରେ ଆଲୋଚନା କରାଯିବ । ତାମିଲନାଡୁର ବରିଷ୍ଠ ନେତା ରାଧାକୃଷ୍ଣନଙ୍କୁ ପ୍ରାର୍ଥୀ କରି, ବିଜେପି ଦକ୍ଷିଣ ଭାରତରେ ନିଜର ରାଜନୈତିକ ସ୍ଥାଣୁତାକୁ ମଜବୁତ କରିବାର ଉଦ୍ଦେଶ୍ୟକୁ ସୂଚାଇ ଦେଇଛି । ଦଳ ଆଶା କରୁଛି ଯେ, ରାଧାକୃଷ୍ଣନଙ୍କ ପରି ଜଣେ ସନ୍ତୁଳି ବ୍ୟକ୍ତିବଙ୍କ ସହାୟତାରେ କିଛି ବିରୋଧୀ ଦଳ ବିଶେଷକରି ଡିଏମକେ ପରି ଦକ୍ଷିଣ ଦଳଗୁଡ଼ିକର ସମର୍ଥନ ପାଇପାରିବ । ଏହା ସହିତ, ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନକୁ ଧ୍ୟାନରେ ରଖି, ଏହାକୁ ମଧ୍ୟ ଏକ ରଣନୀତିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବରିଷ୍ଠ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ସହିତ ଯୋଗାଯୋଗ କରିଛନ୍ତି ଏବଂ ରାଧାକୃଷ୍ଣନଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି । ବିଜେପି ସଭାପତି ଜେପି ନଡ୍ଡା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏନଡିଏ ବିରୋଧୀ ଦଳ ସହିତ କଥା ହୋଇ ଏକ ସହମତି ଗଠନ କରିବାକୁ ଚେଷ୍ଟା କରିବ । ଏନଡିଏ ପ୍ରାର୍ଥୀ ଘୋଷଣା ପରେ,ବିରୋଧୀ ଇଣ୍ଡିଆ ମେଣ୍ଟ ଏବେ ଏକଜୁଟ ହୋଇ ଉପରାଷ୍ଟ୍ରପତି ପ୍ରାର୍ଥୀ ଦେବାକୁ ଚେଷ୍ଟା କରୁଛନ୍ତି । ଉପରାଷ୍ଟ୍ରପତି ର୍ନିବାଚନ ପାଇଁ ସମ୍ଭାବ୍ୟ ମିଳିତ ପ୍ରାର୍ଥୀଙ୍କ ନାମ ବିଚାର କରିବା ପାଇଁ 'ଇଣ୍ଡିଆ' ମେଣ୍ଟର ନେତାମାନେ ସୋମବାର ପୂର୍ବାହ୍ନ ୧୦:୧୫ରେ ମଲ୍ଲିକାର୍ଜୁନ ଖଡଗେଙ୍କ କାର୍ଯ୍ୟାଳୟରେ ବୈଠକ ଆରମ୍ଭ କରିଛନ୍ତି । ଉପରାଷ୍ଟ୍ରପତି ର୍ନିବାଚନ ପାଇଁ ଅଗଷ୍ଟ ୭ ତାରିଖରେ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ତାରିଖ ରହିଛି । ର୍ନିବାଚନ ସେପେଟମ୍ବର ୯ ତାରିଖରେ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ, ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଭାବଶାଳୀ ନିର୍ବାଚନ କଲେଜ ସଂଖ୍ୟା ୭୮୧ ରହିଛି । ଯେଉଁଥିରେ ଶାସକ ଦଳ ୪୨୨ ସଦସ୍ୟଙ୍କ ସମର୍ଥନ ସହିତ ଅଗ୍ରଣୀ ରହିଛି ।



ରାଜ୍ୟର ସଫଳତମ ମହିଳା ବ୍ୟାଡମିଣ୍ଟନ ଯୋଡି ତଥା ଦୁଇ ଭଉଣୀ ରତ୍ନପର୍ଣ୍ଣା ପଣ୍ଡା ଏବଂ ଶ୍ୱେତାପର୍ଣ୍ଣା ପଣ୍ଡା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ଫ୍ରାନ୍ସର ପ୍ୟାରିସ୍‌ଠାରେ ଆସନ୍ତା ୨୫ ତାରିଖରୁ ଆୟୋଜିତ ହୋଇଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଖେଳିବାକୁ ଆମନ୍ତ୍ରିତ ହୋଇଥିବା ଏହି ଦୁଇ ଭଉଣୀଙ୍କୁ ମୁଖ୍ୟମନ୍ତ୍ରୀ ଆଶୀର୍ବାଦ କରିବା ସହ ସେମାନଙ୍କର ସଫଳତା କାମନା କରିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ରତ୍ନପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବେଶ୍ କୃତିତ୍ୱ ହାସଲ କରିଛନ୍ତି । ସମ୍ପ୍ରତି ବିଶ୍ୱ ମାନ୍ୟତାର ୬୮ ତମ ସ୍ଥାନରେ ଏମାନେ ରହିଛନ୍ତି ।

### ଅଶୋକ ପଟ୍ଟନାୟକ ସ୍ମାରକୀ ବଂଧୁକଚାଳନା ଓ ବାହୁକୁସ୍ତି

# ତୁଷାର, ସନ୍ଦୀପ, ଦେବୀ, ସର୍ବେଶ୍ୱର, ସୁଜିତ, ମନ୍ଦାକିନୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର : ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ଓ ଉତ୍କଳ କରାଟେ ସ୍କୁଲ୍ ମିଳିତ ଆନୁକୂଲ୍ୟରେ ସୋମବାର କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ । ଯୁଗ୍ମସମ୍ପାଦକ ସଂଜୀବ ବିଶ୍ୱାଳ ଡକ୍ଟର ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ କ୍ରୀଡ଼ା ସାମ୍ବାଦିକଙ୍କ ମଧ୍ୟରେ ସୌଖିନ ବଂଧୁକଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାହୁକୁସ୍ତିରେ ୭୫ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ତୁଷାର ସେନାପତି, ଶକ୍ତି ପ୍ରସାଦ





ନନ୍ଦ, ରଂଜନ ରାୟ ଏବଂ ୭୫ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଓଜନ ବର୍ଗରେ ସନ୍ଦୀପ ମିଶ୍ର, ଅନାଦି କର, ସଂଜୀବ ବିଶ୍ୱାଳ ପ୍ରଥମରୁ ତୃତୀୟ ସ୍ଥାନରେ ରହି କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ । ସେହିଭଳି ବଂଧୁକଚାଳନାର ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ, ଚକ୍ରଧର ମାଝୀ, ତୁଷାର ସେନାପତି, ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ, ରଂଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ ଜିତିଥିଲେ । ଉଭୟ ପ୍ରତିଯୋଗିତାର ମହିଳା ବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ବିବେଚିତ ହୋଇ ଦ୍ୱିମୁକୁଟ ସହ ଯୁଗଳ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ । ପଦକ ବିଜେତାଙ୍କ ବ୍ୟତୀତ ଓସ୍‌ଜା ପକ୍ଷରୁ ବେଣୁଧର ଦାସ, ବିମଳ ରାଉଳ, ମନୋରଂଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍କଳ କରାଟେ ସ୍କୁଲ୍‌ର ମୁଖ୍ୟ ଡକ୍ଟର ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବରିଷ୍ଠ ଫଟୋ ସାମ୍ବାଦିକ ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖି, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ ପ୍ରତିଯୋଗିତା ସଂଚାଳନ କରିଥିଲେ ।

**ଏସିଆ କପ୍ ୨୦୨୫**

# ଭାରତ -ପାକ୍ ମୁକାବିଲା ନେଇ ଅନିଶ୍ଚିତତା

ନୂଆଦିଲ୍ଲୀ: ଆସନ୍ତା ମାସରୁ ଏସିଆ କପ୍ ୨୦୨୫ ଆରମ୍ଭ ହେବାକୁ ଯାଉଛି । ଟୁର୍ଣ୍ଣାମେଣ୍ଟ ପାଖେଇ ଆସୁଥିବାରୁ ସମସ୍ତଙ୍କ ମନରେ କେବଳ ଗୋଟିଏ ପ୍ରଶ୍ନ ଉଠୁଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ହେବ କି ନାହିଁ । ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ, ଏହି ଦୁଇ ପ୍ରତିଦ୍ୱନ୍ଦୀ ତିନିଥର ମୁହାଁମୁହିଁ ହୋଇପାରନ୍ତି । ଏହି ଚର୍ଚ୍ଚା ମଧ୍ୟରେ ପ୍ରଶଂସକମାନେ ଜାଣିବାକୁ ଚାହାଁନ୍ତି ଯେ ଭାରତ, ପାକିସ୍ତାନ ବିପକ୍ଷରେ ଖେଳିବ କି ନାହିଁ । ବିଶେଷକରି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ରହିଛି । ଏହି ଆକ୍ରମଣର ଜବାବରେ ଭାରତ ସରକାର ପାକିସ୍ତାନ ବିରୋଧରେ ଦୃଢ଼ କୂଟନୈତିକ ପଦକ୍ଷେପ ନେଇ 'ଅପରେସନ୍ ସିନ୍ଦୁର' ନାମକ ଏକ ସେନା ଅଭିଯାନ ଆରମ୍ଭ କରିଥିଲା । ଆକ୍ରମଣ କରି ଭାରତ ପାକିସ୍ତାନକୁ ଉଚିତ ଜବାବ ଦେବା ପରେ ପାକିସ୍ତାନ ଭାରତ



ଆସି ଖେଳିବ ନାହିଁ ବୋଲି ମନା କରିଦେଇଥିଲା । ଏଭଳି ବିବାଦ ମଧ୍ୟରେ ଚାମ୍ପିଅନସିପରେ ଦୁଇ ଦଳ ଭେଟିବେ କି ନାହିଁ ତାହା ସ୍ଥିର ହୋଇନାହିଁ । ଏମଧ୍ୟରେ କ୍ରିକେଟରରୁ ରାଜନେତା ପାଲଟିଥିବା କେଦାର ଯାଦବ କହିଛନ୍ତି ଯେ, ଭାରତ ସେପ୍ଟେମ୍ବର ୧୪ରେ ପାକିସ୍ତାନ ବିପକ୍ଷରେ ଖେଳିବ ନାହିଁ । ସେ କହିଛନ୍ତି ଯେ, ମୁଁ ଭାବୁଛି ଭାରତୀୟ ଦଳ ଆଦୌ ଖେଳିବା ଉଚିତ ନୁହେଁ । ଭାବୁଛି ଭାରତ ଯେଉଁଠାରେ ବି ଖେଳିଲେ, ସେ ସର୍ବଦା ଜିତିବ । କିନ୍ତୁ ଏହି ମ୍ୟାଚ୍ ଆଦୌ ଖେଳାଯିବା ଉଚିତ ନୁହେଁ । ମୁଁ ଆତ୍ମବିଶ୍ୱାସର ସହିତ କହିପାରିବି ଯେ ଭାରତ, ପାକିସ୍ତାନ ସହ ଖେଳିବ ନାହିଁ ।

## ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ

### ଓଡିଶା ଦଳରେ ଭଦ୍ରକ ଜିଲ୍ଲାରୁ ହରିଶଙ୍କର

ଭଦ୍ରକ,(ସବ୍ୟୁ): ତାମିଲନାଡୁର ଚେନ୍ନାଇ ଷ୍ଟାଡ଼ିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ହରିଶଙ୍କର ପାଣିଗ୍ରାହୀ ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗିତା ୨୦ଅଗଷ୍ଟରୁ ଆରମ୍ଭ ହୋଇ ୨୪ଅଗଷ୍ଟ ୨୦୨୫ରେ ସମାପ୍ତ ହେବ । ହରିଶଙ୍କର ପାଣିଗ୍ରାହି ୪ /୪୦୦ ମିଟର୍ ରିଲେ ଇଭେଣ୍ଟରେ ସ୍ଥାନ ପାଇଛନ୍ତି । ସେ ବିଏନ୍‌ଏମ୍‌ଏ କଲେଜ ପାଳିଆବିନ୍ଧାରେ ୩ ତୃତୀୟ ବର୍ଷ ବାଣିଜ୍ୟରେ ଅଧ୍ୟୟନ କରୁଥିବାବେଳେ ଜଗନ୍ନାଥପୁର ସ୍ଥିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ । ସେ ୨ବର୍ଷ ହେଲା ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି । ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁର ସ୍ଥିତ ବିର୍ଶା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମରେ ସିନ୍ଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ତ%୦ାବଧାନରେ ଅଭ୍ୟାସ ଜାରି ରଖିଛନ୍ତି । ତାଙ୍କ ପିତାଙ୍କ ନାମ ରାମପ୍ରସାଦ ପାଣିଗ୍ରାହି ଓ ମାତାଙ୍କ ନାମ ସୀତାଦେବୀ ପାଣିଗ୍ରାହି । ଘର ପିରାହାଟ ସ୍ଥିତ ପୁରୁଣା ବଜାର ଗ୍ରାମରେ । ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଆଥଲେଟିକ୍ ପ୍ରତିଯୋଗିତାରେ ସ୍ଥାନ ପାଇଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏଥିପାଇଁ ଭଦ୍ରକ ଜିଲ୍ଲା ଆଥ୍‌ଲେଟିକ ସଂଘର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀର ପ୍ରତିଷ୍ଠାତା ତଥା କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁ,କ୍ରିଡ଼ା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରନ୍ତୁ ବୋଲି ଶୁଭକାମନା କରିଛନ୍ତି ।

### ବ୍ୟାଡମିଣ୍ଟନରେ ଶୀର୍ଷରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ

# ଅରିଜିତ, ରିଦ୍ଧିମା ଓ ଶ୍ରେୟାଙ୍କୁ ସ୍ୱର୍ଣ୍ଣ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜ ସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ବ୍ୟାଡମିଣ୍ଟନ କ୍ରୀଡ଼ାରେ ନିଜର ଅଭୂତପୂର୍ବ କ୍ରୀଡ଼ା ଦକ୍ଷତା ଦ୍ୱାରା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । କଟକ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଅଗଷ୍ଟ ୧୬ ଓ ୧୭ ତାରିଖ ଦୁଇଦିନ ଧରି ଖ୍ରୀଷ୍ଟ ମହାବିଦ୍ୟାଳୟ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଇନ୍-ଡୋର୍ ଷ୍ଟାଡିୟମରେ ହୋଇଥିବା ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍-୨୦୨୫ରେ ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣପଦକ ଜିତିଛନ୍ତି । ବିଶ୍ୱବିଦ୍ୟାଳୟର ପ୍ରତିଭାବାନ୍ ଖେଳାଳି ଅରିଜିତ ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ଓମକାର ପଟେଲଙ୍କ ସହ ମିଶି ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି । ଖାଲି ସେତିକି ନୁହେଁ, ମହିଳା ଡବଲ୍ସରେ ମଧ୍ୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରୀ ମିସ୍ ରିଦ୍ଧିମା ବନୱାଲେ ଓମିସ୍ ଶ୍ରେୟା ପଟେଲ ସ୍ୱର୍ଣ୍ଣପଦକ ଜିତି ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଏହି ବିଜୟ ସହ ବିଶ୍ୱବିଦ୍ୟାଳୟର ତିନିଜଣ





ଖେଳାଳି ବର୍ତ୍ତମାନ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚ୍ୟାମ୍ପିୟନସିପରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ ଶର୍ମା, ଛାତ୍ରକଲ୍ୟାଣ ବିଭାଗର ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ, ଡେପୁଟି ଡାଇରେକ୍ଟର (ଆଡମିଶନ୍) ଡ. ମଳୟ ମଲ୍ଲ ଏବଂ ଡେପୁଟି ଡାଇରେକ୍ଟର (ମାନବସମ୍ବଳ) ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ବିଜୟୀ ଖେଳାଳିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏହି ସଫଳତା ବଜାୟ ରଖିବ ବୋଲି ଆଶା ପ୍ରକଟ କରିଛନ୍ତି । ଏହି ସଫଳତା ପ୍ରମାଣିତ କରିଛି ଯେ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଜଗତରେ ନିଜର ଏକ ଶକ୍ତିଶାଳୀ ପରିଚୟ ସୃଷ୍ଟି କରିପାରିଛି ।

## ରାହୁଲ, ଆୟର୍ ଦଳରେ ସ୍ଥାନ ପାଇବେ କି ?

ମୁମ୍ବାଇ : ସେପେଟମ୍ବର ୯ ରୁୟୁଏଇରେ ଖେଳାଯିବ ଏସିଆ କପ୍ । ପ୍ରତିଯୋଗିତା ଲାଗି ଭାରତୀୟ ଦଳ ଏପର୍ଯ୍ୟନ୍ତ ଘୋଷଣା ହୋଇନି । ବିସିସିଆଇ ଭାରତୀୟ ଦଳ ଘୋଷଣା ଚଳିତ ମାସ ୨୦ରେ କରିବାର ସମ୍ଭାବନା ରହିଛି । ତେବେ ଦଳରେ କିଏ ସ୍ଥାନ ପାଇବ କି ନାହିଁ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଗଲାଣି । ଆଇପିଏଲ୍ ପରେ ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବା କେଏଲ୍ ରାହୁଲ ଦଳରେ ସ୍ଥାନ ପାଇବା ଦୌଡ଼ରେ ଆଗରେ ରହିଛନ୍ତି । ହେଲେ ତାଙ୍କ ପାଇଁ ଏହା ସହଜ ହେବନି ବୋଲି ନିଜୟୁଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି ପୂର୍ବତନ ଭାରତୀୟ ଓପନର୍ ଆକାଶ ଚୋପ୍ରା । ସେ ପୁଣି କହିଛନ୍ତି, ଏହି ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ଶ୍ରେୟସ ଆୟର ଦଳରେ ସ୍ଥାନ ପାଇବେ ହେଲେ ଚୂଡ଼ାନ୍ତ ଏକାଦଶ ଲାଗି ତାଙ୍କୁ ସଂଘର୍ଷ କରିବାକୁ ପଡ଼ିବ । ରାହୁଲ ଆଇପିଏଲରେ ଭଲ ରନ୍ କରିଛନ୍ତି । ହେଲେ ତାଙ୍କ ଷ୍ଟ୍ରାଇକ୍ରେଟ୍ ନେଇ ପ୍ରଶ୍ନବାଚୀ ରହିଛି । ସେ କେତେବେଳେ ସକାରାତ୍ମକ ମାନସିକତାରେ ଖେଳନ୍ତି ତ କେତେବେଳେ ମୁକ୍ତ ଭାବେ ଖେଳନ୍ତି । ବେଳେବେଳେ ନିଜ ଚିନ୍ତାଧାରାରେ ସୀମିତ ହୋଇ ଶୀଘ୍ର ସ୍କୋର୍ କରିବାରେ ବିଫଳ ହୁଅନ୍ତି । ମୁଁ ଭାବୁଛି ତାଙ୍କ ନିକଟରେ ଖେଳ ଅଛି, ଟ୍ୱେଣ୍ଟି-୨୦ରେ ସଫଳ ହୋଇପାରିବେଛ । ହେଲେ ତାଙ୍କ ବାଟ ଓଗାଳୁଛନ୍ତି ଅଭିଷେକ ଶର୍ମା, ସଂଜୁ ସାମ୍ସନ୍, ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍‌ଙ୍କ ଭଳି ଯୁବ ଓପନର୍ । ରାହୁଲ ବ୍ୟାଟିଂ କ୍ରମରେ ତଳକୁ ଖସିଲେ ଏହା ତାଙ୍କ ପାଇଁ ଠିକ୍ ରହିବ । ଏହି କ୍ରମରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଆଇପିଏଲ୍‌ରେ ସଫଳ ଥିବା ଜିତେଶ ଶର୍ମା, ସଂଜୁ ସାମ୍ସନ୍ ଓ ଧ୍ରୁବ ଜୁରେଲ । ୱିକେଟ କିପର ଭାବେ ତାଙ୍କର ଆବଶ୍ୟକତା ବି ଦଳକୁ ଲୋଡ଼ା ନାହିଁ । ତେଣୁ ତାଙ୍କ ପାଇଁ ସହଜ ହେବନି । ଏସିଆ କପ୍‌ରେ ଶ୍ରେୟସ ଆୟରଙ୍କୁ ସ୍ଥାନ ମିଳିବାର ସମ୍ଭାବନା ରହିବ । ତାଙ୍କ ବ୍ୟାଟିଂକୁ ନେଇ କେହି ପ୍ରଶ୍ନ କରିପାରିବେନି । ତାଙ୍କ ପାଖରେ ଚମତ୍କାର ପ୍ରତିଭା ଭରି ରହିଛି ।

# ଦୁଃଖରେ ମଧ୍ୟ ଭାଙ୍ଗି ନଥିଲେ କିଙ୍ଗ୍ କୋହଲି, କରିଚାଲିଲେ ରେକର୍ଡ

ନୂଆଦିଲ୍ଲୀ: ପ୍ରତ୍ୟେକ ଦିନର କେଣସି ଇତିହାସ ରହିଥାଏଛ ସେହି ଇତିହାସ ବିଭିନ୍ନ ଘଟଣାକ୍ରମ ସହିତ ଜଡ଼ିତ । କଳା ହେଉ ବା ସଂସ୍କୃତି, ରାଜନୀତି ହେବ କି ଆଉ କିଛି । ଏହି କ୍ରମରେ ଆଜିର ଦିନ ସହିତ ଭାରତୀୟ କ୍ରିକେଟ୍ର ବିରାଟ କୋହଲିଙ୍କ ଜୀବନ କିପରି ଜଡ଼ିତ ସେନେଇ ଜାଣିବା । ବିରାଟ କୋହଲି ଆଜକୁ ୧୭ ବର୍ଷ ତଳେ ଆଜିର ଦିନରେ ଯେତେବେଳେ ଭାରତୀୟ କ୍ରିକେଟ୍ରେ ଯୋଗ ଦେଇଥିଲେ, ସେହି ସମୟରେ କେହି ଭାବି ନଥିବେ ଯେ, ଏହି ଯୁବ ଖେଳାଳି ଦିନ ସମଗ୍ର ବିଶ୍ୱରେ ରାଜ୍ କରିବ । ବିରାଟ କୋହଲି ଏଭଳି ଖେଳାଳି ହୋଇପାରିଛନ୍ତି, ତାଙ୍କର ବିଧ୍ୱଂସ ବ୍ୟାଟିଂକୁ ବିଶ୍ୱର ମହାନ୍ କ୍ରିକେଟ୍ର ସଲାମ କରିଥାନ୍ତି । ସେ ଯେତେବେଳେ ପଡ଼ିଆରେ ଥାଆନ୍ତି, ତାଙ୍କର ଶରୀରରେ ଏକ ଭିନ୍ନ ପ୍ରକାରର ଶକ୍ତି ପରିଲକ୍ଷିତ ହୋଇଥାଏ । ୧୮ ନମ୍ବର ଜର୍ସି ପିନ୍ଧୁଥିବା ଦିଲ୍ଲୀର ଏହି ତାରକା ଖେଳାଳି, ଯିଏ କି ୧୯ ବର୍ଷରୁ କମ ବିଶ୍ୱକପ୍ ଜିତି ଆସିଥିଲେ, ସେ ଶ୍ରୀଲଙ୍କା ବିପକ୍ଷରେ ପଦାର୍ପଣ କରିଥିଲେ । ଏହି ମ୍ୟାଚରେ ସେ ନିଜକୁ ପ୍ରମାଣିତ କରିଦେଇଥିଲେ ଯେ, ଆଉ ପଛକୁ ଚାହିଁବେ ନାହିଁ । ପରବର୍ତ୍ତୀ ସମୟରେ କୋହଲି ନିଜକୁ "କିଙ୍ଗ୍ କୋହଲି' ନାମରେ ପରିଚିତ କରିପାରିଥିଲେ । ବିରାଟ କୋହଲି ୧୭ ବର୍ଷ ପୂର୍ବରୁ ୨୦୦୮ ମସିହାରେ ଆଜିର ଦିନର ଅନ୍ତର୍ଜାତୀୟ କ୍ରିକେଟ୍ରେ ପଦାର୍ପଣ କରିଥିଲେ । ବିରାଟ କୋହଲି ଉଭୟ ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ସନ୍ୟାସ ନେଇସାରିଛନ୍ତି । ଦିନିକିଆ କ୍ରିକେଟ୍ ଜାରି ରଖିଛନ୍ତି । ସେ ଦିନିକିଆ ଫର୍ମାଟରେ ପଦାର୍ପଣ କରିଥିଲେ ଏବଂ ଏହି ଫର୍ମାଟରେ କ୍ରିକେଟକୁ ପୂରା ଅଲବିଦା କହିପାରନ୍ତି । ବିରାଟ କୋହଲି ଯେତେବେଳେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ରଖିଲେ, ସେହି ସମୟରେ ଭାରତୀୟ କ୍ରିକେଟରେ ଅଧିନାୟକ ଥିଲେ ମହେନ୍ଦ୍ର ସିଂହ ଧୋନି । ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଗୌତମ ଗମ୍ଭୀରଙ୍କ ସହିତ ବିରାଟ କୋହଲି ଇନିଂସ ଆରମ୍ଭ କରିଥିଲେ । ଏହି ମ୍ୟାଚରେ କୋହଲି ଅର୍ଦ୍ଧଶତକ ହାସଲ କରିଥିଲେ । ୨୦୦୯ରେ କୋଲକାତାରେ କୋହଲି ନିଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ । ବିରାଟ କୋହଲିଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ କ୍ୟାରିୟର କଥା ଯଦି ଭାବିବା, ସେ ମୋଟ ୨୭, ୫୯୯ ରନ୍ ସଂଗ୍ରହ କରିଛନ୍ତି । ଏପର୍ଯ୍ୟନ୍ତ ୫୫୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୮୨ଟି ଶତକ, ୧୪୩ଟି ଅର୍ଦ୍ଧଶତକ ମାରିଛନ୍ତି । କୋହଲି ଦିନିକିଆ କ୍ରିକେଟ୍ ଜାରି ରଖିଛନ୍ତି । ସେ ୩୦୨ଟି ଦିନିକିଆ ଖେଳି ୧୫,୧୮୧ ରନ୍ ସଂଗ୍ରହ କରିଛନ୍ତି । ଏତଦ୍ ବ୍ୟତୀତ କୋହଲି ଆଇପିଏଲରେ ୮୬୬୧ ରନ୍ ସଂଗ୍ରହ କରିଛନ୍ତି ।

# ଏସିଆ କପ୍ : ୧୦ସେକେଣ୍ଡର ବିଜ୍ଞାପନ ପାଇଁ ୧୬ଲକ୍ଷ ନେବେ ପ୍ରସାରଣକାରୀ

ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ରେ ମୁହାଁମୁହିଁ ହେବେ ଭାରତ ଏବଂ ପାକିସ୍ତାନ । ସେପ୍ଟେମ୍ବର ୧୪ରେ ଏହି ଦୁଇ ଦେଶ ମଧ୍ୟରେ ହେବ ମହା ମୁକାବିଲା । ଦୁଇ ଦେଶ ମଧ୍ୟରେ ଥିବା ଅଶାନ୍ତିକୁ ଦେଖି ଉଭୟ ଦେଶ ଏବେ କେବଳ ଏସିଆ କପ୍ କିମ୍ବା ଆଇସିସି ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହେବେ । ତେଣୁ ପ୍ରଶଂସକମାନେ ଏହି ମ୍ୟାଚ୍ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଯଦି ସବୁକିଛି ଠିକ୍ ରହେ, ତେବେ ଉଭୟ ଦେଶ ସମ୍ଭବତଃ ସେପ୍ଟେମ୍ବର ୨୧ରେ ମଧ୍ୟ ଦୁବାଇରେ ଦ୍ୱିତୀୟ ଥର ପାଇଁ ଖେଳିପାରନ୍ତି । ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ସେପ୍ଟେମ୍ବର ୨୯ରେ ଦୁବାଇରେ ଅନୁଷ୍ଠିତ ହେବ । ପ୍ରଶଂସକମାନେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଅପେକ୍ଷା କରିଥିବା ବେଳେ ଏହି ମ୍ୟାଚ୍ ପ୍ରସାରଣକାରୀଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । କାରଣ ମ୍ୟାଚକୁ ନେଇ ଦେଶ-ବିଦେଶରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଅଧିକ ଉତ୍ସାହ ଥିବାରୁ ଏହାର ଲାଭ ଉଠାଇ ପ୍ରସାରଣକାରୀ ବିଜ୍ଞାପନରୁ କୋଟି କୋଟି ଟଙ୍କା ରୋଜଗାର କରିବାର ଆଶା ରଖିଛନ୍ତି । ଏଥର ଏସିଆ କପ୍‌ରେ ପ୍ରସାରଣ ଅଧିକାର ସୋନି ସ୍ପୋର୍ଟସ୍ ପାଖରେ ଅଛି ଏବଂ ସେମାନେ ଭାରତର ମ୍ୟାଚ୍ ପାଇଁ ବିଜ୍ଞାପନ ମୂଲ୍ୟ ପ୍ରକାଶ କରିଛନ୍ତି । ଏହା ଅନୁସାରେ ସେମାନେ ୧୦ସେକେଣ୍ଡ ପାଇଁ ୧୪ରୁ ୧୬ଲକ୍ଷ ଟଙ୍କା ଆଦାୟ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୋନି ପିକଚର୍ସ ନେଟୱାର୍କସ୍ ଇଣ୍ଡିଆ (ଏସପିଏନଆଇ) ଦ୍ୱାରା ବିଜ୍ଞାପନଦାତାମାନଙ୍କୁ ଜାରି କରାଯାଇଥିବା ବିଜ୍ଞାପନ ରେଟ୍ କାର୍ଡ ଅନୁସାରେ, ଭାରତର ଆଗାମୀ ଏସିଆ କପ୍ ମ୍ୟାଚ୍ ପାଇଁ ୧୦-ସେକେଣ୍ଡ ବିଜ୍ଞାପନ ସ୍ଲଟର ମୂଲ୍ୟ ୧୪-୧୬ଲକ୍ଷ ଟଙ୍କା ରଖାଯାଇଛି । ଏସପିଏନଆଇ ୨୦୩୧ ପର୍ଯ୍ୟନ୍ତ ଏସିଆ କପର ମିଡିଆ ରାଇଟ୍ସ ୧୭୦ ନିୟୁତ ଡଲାରରେ ହାସଲ କରିଛି । ଟିଭି ପାଇଁ, ଏସପିଏନଆଇ ସହ-ଉପସ୍ଥାପନା ପ୍ରାୟୋଜକର ମୂଲ୍ୟ ୧୮କୋଟି ଟଙ୍କା ରଖିଛି । ଏହା ସହ ସହଯୋଗୀ-ପ୍ରାୟୋଜକର ମୂଲ୍ୟ ୧୩କୋଟି ଟଙ୍କା ରଖାଯାଇଛି । ସମସ୍ତ ଭାରତୀୟ ଏବଂ ଅନ୍ୟାନ୍ୟ ଦଳର ମ୍ୟାଚ୍ ପାଇଁ ୧୦-ସେକେଣ୍ଡ ବିଜ୍ଞାପନର ମୂଲ୍ୟ ୧୬ଲକ୍ଷ ଟଙ୍କା ସ୍ଥିର କରାଯାଇଛି । କମ୍ପାନି ପ୍ରତି ମ୍ୟାଚ୍ ପିଚ୍ଛା ୪.୪୮ କୋଟି ରୋଜଗାର କରିବ ବୋଲି ଆଶା କରୁଛି ।





## ପୂର୍ବାଞ୍ଚଳ ଦଲିପ ଟ୍ରଫି ଦଳରେ ସାମିଲ ହେଲେ ଆଶୀର୍ବାଦ

କଟକ : ଦଲୀପ ଟ୍ରଫି ଅନ୍ତଃଜୋନ୍ ପ୍ରଥମ ଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କୁ ସାମିଲ କରାଯାଇଛି । ଇଶାନ କିଶନ ଆହତ ହୋଇପଡ଼ିବାରୁ ତାଙ୍କ ସ୍ଥାନରେ ଆଶୀର୍ବାଦଙ୍କୁ ସୁଯୋଗ ମିଳିଛି । ପୂର୍ବରୁ ଓଡ଼ିଶାରୁ ସନ୍ଦୀପ ପଟ୍ଟନାୟକ ଏହି ଦଳରେ ସ୍ଥାନ ପାଇଥିବା ବେଳେ ଅନ୍ୟତମ ଯୁବ ଖେଳାଳି ସ୍ୱସ୍ତିକ ସାମଲ ଷ୍ଟାଣ୍ଡ ବାଏରେ ରହିଛନ୍ତି । ଦଲିପ ଟ୍ରଫିରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବେଙ୍ଗାଲୁରରେ ପୂର୍ବାଞ୍ଚଳ ଦଳ ଉତ୍ତରାଞ୍ଚଳ ବିପକ୍ଷରେ ଖେଳିବ । ଆଶୀର୍ବାଦଙ୍କୁ ଏହି ସୁଯୋଗ ମିଳିବା ପରେ ତାଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସଂପାଦକ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି ।



ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି